

ବାଣପୁର ରୁ ପ୍ରକାଶିତ....

# ବ୍ରଜବିଳାସ

## ସାହିତ୍ୟ ଇ-ପତ୍ରିକା

ପ୍ରଥମ ବର୍ଷ, ଦ୍ୱିତୀୟ ସଂଖ୍ୟା, ୨୦୨୪

ପ୍ରଥମ ବର୍ଷ, ଦ୍ୱିତୀୟ ସଂଖ୍ୟା, ୨୦୨୪

# ବ୍ରଜବିଳାସ

## ସାହିତ୍ୟ ଇ-ପତ୍ରିକା

**ପ୍ରତିଷ୍ଠାତା ଓ ସମ୍ପାଦକ :** ବିଶ୍ୱବିଜୟୀ ଦାଶ

ଗମ୍ଭାରୀମୁଣ୍ଡା, ବାଣପୁର, ଖୋର୍ଦ୍ଧା

ମୋ/ ହ୍ୱାଟ୍ସଆପ୍ – ୬୩୭୦୨୦୮୪୨୮

ସହ ସମ୍ପାଦିକା

ପ୍ରବାଳମଞ୍ଜରୀ ଦାଶ

ପ୍ରିୟମ୍ବଦା ସ୍ୱାଇଁ

**ଡିଜାଇନର୍ : କାହ୍ନୁ ଚରଣ ସାହୁ**

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି

ମୋ- ୮୨୪୯୫୨୦୮୮୦





# ଶୁଭେଚ୍ଛା ବାର୍ତ୍ତା

## ଡ଼ଃ ବିନୟ ଭୂଷଣ ମହାପାତ୍ର

**ଅଧ୍ୟକ୍ଷ**

ଜୁଏଲସ୍ ଇଣ୍ଟରନ୍ୟାସନାଲ ଚେ଼ତନା କଲେଜ ଅଫ୍ ସ୍ପେସିଆଲ ଏଜୁକେସନ, ଭୁବନେଶ୍ୱର
ଉପସଭାପତି, ସକ୍ଷମ,ପୂର୍ବ


ବିଶ୍ୱବିଜୟୀ ଦାଶ ଙ୍କ ସମ୍ପାଦନାରେ ରଚ଼ିତ " ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା", ସମାଜରେ ଘଟୁଥିବା ଦୈନଦିନ ଜୀବନର ପ୍ରତିଟି ମୂହୁର୍ତ୍ତ କୁ ସାହିତ୍ୟିକ ଶବ୍ଦ ର ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବନାହିଁ।

ବ୍ରଜବିଳାସ ର ଲେଖକ ଓ ଲେଖିକା ମାନେ ନିଜର କଲମ ମୁନରେ ସମାଜ ପାଇଁ ଯେଉଁ ବାର୍ତ୍ତା କାଢ଼ି ଦେଉଛନ୍ତି,ତାହା ଲୋକାଭିମୁଖୀ ହେବାରେ ସହାୟକ ହେବ ବୋଲି ମୋର ଆଶା।

ଏଥିପାଇଁ ଯୁବ ପ୍ରତିଭା ବିଶ୍ୱବିଜୟୀ ଦାଶ ଏବଂ ବ୍ରଜବିଳାସ ସହ ସମ୍ପୃକ୍ତ ସମସ୍ତ ଲେଖକ,ଲେଖିକା ମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ। ସେମାନଙ୍କ ସାହିତ୍ୟିକ ସାଧନାର ଉତ୍ତରୋତ୍ତର ସଫଳତା କାମନା କରୁଛି।

(ଡ଼ଃ ବିନୟ ଭୂଷଣ ମହାପାତ୍ର)

# 'ବ୍ରଜ ବିଳାସ 'ଇ'ସାହିତ୍ୟ ପତ୍ରିକା ଉନ୍ମୋଚିତ




ବାଣପୁର,(ରାଷ୍ଟ୍ରବାର୍ତ୍ତା ମିଡ଼ିଆ): ବାଣପୁର ଅଂଚଳର ଯୁବ ସ୍ତମ୍ଭକାର ବିଶ୍ୱ ବିଜୟୀ ଦାସଂକ ସଂପାଦନାରେ ପବିତ୍ର ବାହୁଡା ଯାତ୍ରା ଅବସରରେ ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ବ୍ରଜବଂଧୁ ଦାସଂକ ସ୍ମୃତିରେ' ବ୍ରଜ ବିଳାସ 'ଇ'ସାହିତ୍ୟ ପତ୍ରିକା ପ୍ରକାଶ ପାଇଛି।ଏଥିରେ ପୂର୍ତ୍ତ ଆଇନ ଓ ଅବକାରୀ ମଂତ୍ରୀ ପୃଥିରାଜ ହରିଚଂଦନ ପୂର୍ବତନ ବିଧାୟକ ଡା ବିଭୁତି ଭୁଷଣ ହରିଚଂଦନ ଓ ଭାଜପା ଜିଲା ସଂପାଦକ ଦୁଷ୍ମନ୍ତ ହରିଚଂଦନଂକ ବାର୍ତ୍ତା ସହ୪୧ଟି କବିତା ,୧୪ଟି ଗଳ୍ପ ଓ ପ୍ରବନ୍ଧ ସହ ସୃଜନୀର ବ୍ଲଗ ଓ ଲେଖା ପ୍ରକାଶିତ ହୋଇଛି।ସହ ସଂପାଦିକା ପ୍ରବାଳ ମଂଜରୀ ଦାସ ଓ ପ୍ରିୟମ୍ବଦା ସ୍ୱାଇଁ ସହ ସଂପାଦିକା ଅଛନ୍ତି।ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ପାଇ ଯୁବ ଲେଖକଂକୁ ଉତ୍ସାହିତ କରିବା 'ବ୍ରଜ ବିଳାସ'ର ଉଦ୍ଦେଶ୍ୟ ବୋଲି ସଂପାଦକୀୟରେ ଉଲ୍ଲେଖ ଥିଲା ବେଳେ ଚଳିତ ସଂଖ୍ୟାରେ କମ ଜଣାଶୁଣା ଲେଖକଂ ସହ ବହୁ ନବାଗତଂକ ଲେଖା ପ୍ରକାଶ ପାଇଛି ।ଡିଜାଇନର କାହ୍ନୁ ଚରଣ ସାହୁଂକ ଅଳଂକରଣ ପତ୍ରିକାକୁ ଆକର୍ଷଣୀୟ କରିଚି। ପତ୍ରିକାଟି ପାଠକୀୟ ଆଦୃତି ଲାଭ କରିବା ସହ ଏହା ଦୀର୍ଘ ଜୀବନ ଲାଭ କରୁ ବୋଲି ବହୁ ପାଠକ ମତ ପ୍ରକାଶ କରିଛନ୍ତି।

# ବାଣପୁରରୁ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ପ୍ରକାଶିତ

ଆଜି ମହାପ୍ରଭୁ ଙ୍କ ପବିତ୍ର ବାହୁଡ଼ା ଯାତ୍ରା ଶୁଭ ଅବସରରେ ଯୁବ ସ୍ତମ୍ଭକାର ବିଶ୍ୱବିଜୟୀ ଦାଶ ଙ୍କ ସମ୍ପାଦନାରେ କଳା, ସଂସ୍କୃତି ଓ ସାହିତ୍ୟର ମାଟି ବାଣପୁର ରୁ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ପ୍ରକାଶିତ ହୋଇଅଛି।ଏହି ଇ-ପତ୍ରିକା ବାଣପୁର ଅଞ୍ଚଳର ବିଶିଷ୍ଟ ଶିକ୍ଷାବିଦ୍ ସ୍ୱର୍ଗତ ବ୍ରଜବନ୍ଧୁ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶିତ।ଏହି ସାହିତ୍ୟ ଇ-ପତ୍ରିକା କୁ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ,ଚ଼ିଲିକା ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ଡ଼ାଃ ବିଭୂତିଭୂଷଣ ହରିଚ଼ନ୍ଦନ, ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀ ଦୁଷ୍ମନ୍ତ ହରିଚ଼ନ୍ଦନ ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ଦେଇ ଯୁବ ଲେଖକ ଓ ଲେଖିକା ମାନଙ୍କୁ ଉତ୍ସାହିତ କରିଛନ୍ତି।ଏହି ପତ୍ରିକାରେ ୭୦ ରୁ ଉର୍ଦ୍ଧ୍ୱ ଲେଖକ ଓ ଲେଖିକା ମାନଙ୍କର ଗୀତ, ଗଳ୍ପ ଓ ପ୍ରବନ୍ଧ ଆଦି ସ୍ଥାନିତ ହୋଇଛି।ଓଡ଼ିଆ ଭାଷା ସାହିତ୍ୟ ର ପ୍ରଚ଼ାର ପ୍ରସାର ନିମନ୍ତେ ଏହି ପତ୍ରିକା ର ମୁଖ୍ୟ ଲକ୍ଷ୍ୟ ବୋଲି ସଂପାଦକ ଶ୍ରୀ ଦାଶ ମତବ୍ୟକ୍ତ କରିବା ସହ ବର୍ଷ କୁ ୨ ଥର ପ୍ରକାଶିତ ହେବ ବୋଲି କହିଛନ୍ତି।ସହ ସମ୍ପାଦିକା ଶ୍ରୀମତୀ ପ୍ରବାଳ ମଞ୍ଜରୀ ଦାଶ ଓ ସୁଶ୍ରୀ ପ୍ରିୟମ୍ବଦା ସ୍ୱାଇଁ ଆମ ମାଟିର ଯୁବ ଲେଖକ ଓ ଲେଖିକା ମାନଙ୍କର ସୃଜନଶୀଳତାକୁ ପରିପ୍ରକାଶ କରିବା ପାଇଁ ଏହି ପତ୍ରିକା ପ୍ରୟାସ କରିଛି ବୋଲି କହିଛନ୍ତି।




# Brajbilas Odia E-magazine published from Banpur

Banpur, (TNB): On the auspicious Occasion of Bahuda Yatra, Brajbilas Odia E-magazine has been published from Banpur, Edited by Young Columnist Biswabijayee Dash.This E-Magazine is published in the memory of Eminent Educationist of Banpur Late Brajabandhu Dash. Hon'ble Law, Works & Excise Minister Shri Prithiviraj Harichandan,Former MLA of Chilika Dr. Bibhuti Bhusan Harichandan & Khordha District BJP General Secretary Shri Dushmant Harichandan Encouraged the Young Writers By Giving Greetings Message to the E-Magazine. Founder Cum Editor Biswabijayee Dash Said that, the Important Role of this magazine is to spread Odia Language Literature And it will be published twice a year. Co-Editor Smt. Prabala Manjari Dash & Sushree Priyambada Swain Said that this magazine has made an effort to express the creativity of the young writers of our land.

# Brajbilas Odia E-magazine published from Banpur

Chilika (AoBureau):On the auspicious occasion of Bahuda Yatra,on Monday, Brajbilas Odia E-magazine has been published from Banpur, edited by young columnist Biswabijayee Dash.This E-Magazine is published in the memory of eminent educationist of Banpur Late Brajabandhu Dash. Hon'ble Law, Works & Excise Minister Prithiviraj Harichandan,former MLA of Chilika Dr. Bibhuti Bhusan Harichandan and Khordha District BJP General Secretary Dushmant Harichandan encouraged the young writers by giving greetings message to the E-Magazine. Founder cum Editor Biswabijayee Dash Said that, the important role of this magazine is to spread odia language literature and it will be published twice a year. Co-Editor Prabala Manjari Dash and Priyambada Swain said that this magazine has made an effort to express the creativity of the young writers of our land.

July 16, 2024 , Tuesday, Jagatsinghpur ୩

## ବାଣପୁରରୁ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ପ୍ରକାଶିତ

ବାଣପୁର, ୧୫/୭ (ଓସବ୍ୟୁ): ମହାପ୍ରଭୁ ଙ୍କ ପବିତ୍ର ବାହୁଡ଼ା ଯାତ୍ରା ଶୁଭ ଅବସରରେ ଯୁବ ସ୍ତମ୍ଭକାର ବିଶ୍ୱବିଜୟୀ ଦାଶ ଙ୍କ ସମ୍ପାଦନାରେ କଳା, ସଂସ୍କୃତି ଓ ସାହିତ୍ୟର ମାଟି ବାଣପୁର ରୁ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ପ୍ରକାଶିତ ହୋଇଅଛି ।ଏହି ଇ-ପତ୍ରିକା ବାଣପୁର ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ବ୍ରଜବନ୍ଧୁ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶିତ ।ଏହି ସାହିତ୍ୟ ଇ-ପତ୍ରିକା କୁ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ? ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚ୍ଚନ୍ଦନ,ଚ଼ିଲିକା ନିର୍ବାଚ଼ନ ମଣ୍ଡଳୀ ର ପୂର୍ବତନ ବିଧାୟକ ଡ଼ାଃ ବିଭୂତିଭୂଷଣ ହରିଚ଼ନ୍ଦନ, ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀ ଦୁଷ୍ମନ୍ତ ହରିଚ଼ନ୍ଦନ ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ଦେଇ ଯୁବ ଲେଖକ ଓ ଲେଖିକା ମାନଙ୍କୁ ଉତ୍ସାହିତ କରିଛନ୍ତି ।ଏହି ପତ୍ରିକାରେ ୭୦ ରୁ ଉର୍ଦ୍ଧ୍ୱ ଲେଖକ ଓ ଲେଖିକା ମାନଙ୍କର ଗୀତ, ଗଳ୍ପ ଓ ପ୍ରବନ୍ଧ ଆଦି ସ୍ଥାନିତ ହୋଇଛି ।ଓଡ଼ିଆ ଭାଷା ସାହିତ୍ୟ ର ପ୍ରଚ଼ାର ପ୍ରସାର ନିମନ୍ତେ ଏହି ପତ୍ରିକା ର ମୁଖ୍ୟ ଲକ୍ଷ୍ୟ ବୋଲି ସଂପାଦକ ଶ୍ରୀ ଦାଶ ମତବ୍ୟକ୍ତ କରିବା ସହ ବର୍ଷ କୁ ୨ ଥର ପ୍ରକାଶିତ ହେବ ବୋଲି କହିଛନ୍ତି ।ସହ ସମ୍ପାଦିକା ଶ୍ରୀମତୀ ପ୍ରବାଳ ମଞ୍ଜରୀ ଦାଶ ଓ ସୁଶ୍ରୀ ପ୍ରିୟମ୍ୱଦା ସ୍ୱାଇଁ ଆମ ମାଟିର ଯୁବ ଲେଖକ ଓ ଲେଖିକା ମାନଙ୍କର ସୃଜନଶୀଳତାକୁ ପରିପ୍ରକାଶ କରିବା ପାଇଁ ଏହି ପତ୍ରିକା ପ୍ରୟାସ କରିଛି ବୋଲି କହିଛନ୍ତି ।

ସମ୍ବାଦ

## ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ଲୋକାର୍ପିତ

ବାଣପୁର, ୧୭/୭(ଇମିସ): ପବିତ୍ର ବାହୁଡା ଯାତ୍ରା ଅବସରରେ ଯୁବ ସ୍ତମ୍ଭକାର ବିଶ୍ୱବିଜୟୀ ଦାଶଙ୍କ ସମ୍ପାଦନାରେ କଳା, ସଂସ୍କୃତି ଓ ସାହିତ୍ୟର ମାଟି ବାଣପୁରରୁ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ଲୋକାର୍ପିତ ହୋଇଛି। ବିଶିଷ୍ଟ ଶିକ୍ଷାବିତ୍ ବ୍ରଜବନ୍ଧୁ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶିତ ଏହି ସାହିତ୍ୟ ଇ-ପତ୍ରିକାକୁ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଭୂତିଭୂଷଣ ହରିଚନ୍ଦନ, ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ ଏହି ପତ୍ରିକାର ମୁଖ୍ୟ ଲକ୍ଷ୍ୟ ବୋଲି ସଂପାଦକ ଶ୍ରୀ ଦାଶ କହିଛନ୍ତି। ସହ ସମ୍ପାଦିକା ପ୍ରବାଳ ମଞ୍ଜରୀ ଦାଶ ଓ ସୁଶ୍ରୀ ପ୍ରିୟମ୍ବଦା ସ୍ୱାଇଁଙ୍କ ସହଯୋଗରେ ଏହି କାର୍ଯ୍ୟ ସଂପାଦନ ହୋଇଛି।

## ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ପ୍ରକାଶିତ

ଭୁବନେଶ୍ୱର: ୧୭/୭(ଅନେକ ସୂଚନା):ଯୁବ ସ୍ତମ୍ଭକାର ବିଶ୍ୱବିଜୟୀ ଦାଶଙ୍କ ସମ୍ପାଦନାରେ କଳା, ସଂସ୍କୃତି ଓ ସାହିତ୍ୟର ମାଟି ବାଣପୁର ରୁ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ପ୍ରକାଶିତ ହୋଇଅଛି ।ଏହି ଇ-ପତ୍ରିକା ବାଣପୁର ଅଂଚଳର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ବ୍ରଜବନ୍ଧୁ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶିତ ।ଏହି ସାହିତ୍ୟ ଇ-ପତ୍ରିକା କୁ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ? ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ,ଚ଼ିଲିକା ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ଡ଼ାଃ ବିଭୂତିଭୂଷଣ ହରିଚ଼ନ୍ଦନ, ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀ ଦୁଷ୍ମନ୍ତ ହରିଚ଼ନ୍ଦନ ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ଦେଇ ଯୁବ ଲେଖକ ଓ ଲେଖିକା ମାନଙ୍କୁ ଉତ୍ସାହିତ କରିଛନ୍ତି ।ଏହି ପତ୍ରିକାରେ ୭୦ ରୁ ଉର୍ଦ୍ଧ୍ୱ ଲେଖକ ଓ ଲେଖିକା ମାନଙ୍କର ଗୀତ, ଗଳ୍ପ ଓ ପ୍ରବନ୍ଧ ଆଦି ସ୍ଥାନିତ ହୋଇଛି ।ଓଡ଼ିଆ ଭାଷା ସାହିତ୍ୟ ର ପ୍ରଚ଼ାର ପ୍ରସାର ନିମନ୍ତେ ଏହି ପତ୍ରିକା ର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରତିଷ୍ଠାତା ତଥା ସଂପାଦକ ଶ୍ରୀ ବିଶ୍ୱବିଜୟୀ ଦାଶ ମତବ୍ୟକ୍ତ କରିବା ସହ ବର୍ଷ କୁ ୨ ଥର ପ୍ରକାଶିତ ହେବ ବୋଲି କହିଛନ୍ତି ।ସହ ସମ୍ପାଦିକା ଶ୍ରୀମତୀ ପ୍ରବାଳ ମଞ୍ଜରୀ ଦାଶ ଓ ସୁଶ୍ରୀ ପ୍ରିୟମ୍ୱଦା ସ୍ୱାଇଁ ଆମ ମାଟିର ଯୁବ ଲେଖକ ଓ ଲେଖିକା ମାନଙ୍କର ସୃଜନଶୀଳତାକୁ ପରିପ୍ରକାଶ କରିବା ପାଇଁ ଏହି ପତ୍ରିକା ପ୍ରୟାସ କରିଛି ବୋଲି କହିଛନ୍ତି ।

CMYK

# ସମ୍ପାଦକଙ୍କ କଲମରୁ ....



**ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା,**
**ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ।**

ଓଡ଼ିଶାର କଳା,ସଂସ୍କୃତି,ପରମ୍ପରା ଓ ଐତିହ୍ୟ ଅନ୍ୟ ରାଜ୍ୟଗୁଡ଼ିକଠାରୁ ଭିନ୍ନ ଏବଂ ସ୍ୱତନ୍ତ୍ର । ଭାରତର ସାଂସ୍କୃତିକ ଇତିହାସରେ ଏହାର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଦଶହରା ତଥା ଦୁର୍ଗା ପୂଜା ଓଡ଼ିଶାର ଅନନ୍ୟ ପର୍ବ। ପାର୍ବଣର ଆଦ୍ୟ ଶରତରେ କାଶତଣ୍ଡୀ ହସେ ନଦୀ ପଠାରେ ଶୁଭ୍ର ଚ଼ାମର ଧରି କରେ ସ୍ୱାଗତ ଆସ ହେ,ମା' ଦଶଭୂଜା, ତମ ପାଇଁ ପରା ଧରାପୃଷ୍ଠ ହେଲାଣି ସଜା, ମୃଦୁ ମଳୟ ବିଞ୍ଚେ ତା'ର ଧବଳ ଓଢ଼ଣୀ ଚ଼ାଦର ଢ଼େଉ ଆଙ୍କେ କାଶତଣ୍ଡୀର ନବୀନ ସମ୍ଭାର ।

ଏହି କାଶତଣ୍ଡି ସତେ ଯେମିତି ଠାକୁରଙ୍କ ଆଳତି ଚାମର ସଦୃଶ ପରି ଦେଖାଯାଏ।ଏଇ ଚାମର ହଲାଇ ସେ ଆଦିଶକ୍ତିଙ୍କୁ ସ୍ୱାଗତ କରିଥାଏ।କାଶତଣ୍ଡି ଫୁଲର ସମ୍ଭାର ପ୍ରକୃତିପ୍ରେମୀକୁ ବେଶ୍ ଆକୃଷ୍ଟ କରିଥାଏ।ତା'ର ବାସନା ନାହିଁ ସତ ହେଲେ ତା'ର ଶୁଭ୍ରରୂପ ବଦଳାଇ ଦିଏ ସମସ୍ତଙ୍କର ମନ।ରାସ୍ତାରେ ଯାଉଥିବା ବାଟୋଇଟିଏ ହଜିଯାଏ।ଶରତ ଆସିଲେ ଏହି କାଶତଣ୍ଡି ସମସ୍ତଙ୍କୁ ଖୁସି ବାଣ୍ଟିବାଣ୍ଟି ପ୍ରକୃତି କୋଳରେ ଝାଉଁଳି ପଡିଥାଏ।

ଏହିଫୁଲ ଓଡ଼ିଆ ସଂସ୍କୃତି ସହ ମଧ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। କାଶତଣ୍ଡିର ବେଳାୟିତ ଚାମରରେ ମା ଦୁର୍ଗା ଧରାବ ତାରଣ କରନ୍ତି ବୋଲି ଅନେକଙ୍କ ବିଶ୍ୱାସ ରହିଛି । ଶରତ ଋତୁର ଆଗମନ ଠାରୁ ଆରମ୍ଭ କରି ଶାରଦୀୟ ଦୁର୍ଗାପୂଜାର ପ୍ରତୀକ କାଶତଣ୍ଡି ଫୁଲ ଧରାପୃଷ୍ଠରେ ନିଜ ସୌନ୍ଦର୍ଯ୍ୟ ସଦା ବିକିରଣ କରିଥାଏ । ସୁଲୁସୁଲିଆ ପବନରରେ ଖିଲି ଖିଲି ହସ ସହିତ ମାଁ ଦୂର୍ଗାଙ୍କୁ ଅପେକ୍ଷା କରିଥାଏ ଏହି କାଶତଣ୍ଡି ଫୁଲ। ପବିତ୍ର ଦୁର୍ଗା ପୂଜା ଉପଲକ୍ଷେ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।ଦେବୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ, ଏହାହିଁ ମା' ଙ୍କ ନିକଟରେ ମୋର ପ୍ରାର୍ଥନା।

ଦେବୀ ମା' ଦୁର୍ଗା ପୂଜା ଉପଲକ୍ଷେ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ଶାରଦୀୟ ବିଶେଷାଙ୍କ ପ୍ରକାଶିତ କରିଅଛି, ଯେଉଁଥିରେ ସ୍ଥାନିତ ହୋଇଛି ଦଶହରା ଓ ଦେବୀ ମା' ଦୁର୍ଗା ଙ୍କ ଉପରେ ଆଧାରିତ କବିତା, ଗଳ୍ପ ଓ ପ୍ରବନ୍ଧ।ଏହି ପତ୍ରିକା ସର୍ବଜନବିଦିତ ହେଉ, ଏହାହିଁ ମା' ଦୁର୍ଗା ଦେବୀ ଙ୍କ ନିକଟରେ ପ୍ରାର୍ଥନା।

*ବିଶ୍ୱବିଜୟୀ ଦାଶ*
*ସମ୍ପାଦକ*
*ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା*

# ସହ-ସମ୍ପାଦିକାଙ୍କ କଲମରୁ ....

**ଓମ୍ ସର୍ବ ମଙ୍ଗଳ ମାଙ୍ଗଲ୍ୟ  ଶିବେ ସବାର୍ଥ ସାଧିକେ...**
**ଶରଣ୍ୟେ  ତ୍ରୟମ୍ବକେ ଗୌରୀ ନାରାୟଣୀ ନମୋସ୍ତୁତେ ...।।**

ପାର୍ବଣ, ପବିତ୍ର ଓ ପରିତ୍ରାଣର ଋତୁ । ଧରାବତରଣ କରନ୍ତି ମା' କଲ୍ୟାଣମୟୀ, ଆଦିଶକ୍ତି, ଜଗତଜନନୀ ଦଶଭୂଜା ଦୁର୍ଗା। ମା'ଙ୍କ ପଦଯୁଗଳ ସ୍ପର୍ଶ ପାଇଁ ଧରା ସରସ ସୁନ୍ଦର, ଧରାବାସୀ ଆନନ୍ଦିତ, ଉନ୍ମାଦିତ।ମା' ଆସିଲେ, ଗାଁଠୁ ସହର ଚଳଚଞ୍ଚଳ, ମନରେ ଜାଗରିତ ଅପାର ଆନନ୍ଦ।ଭକ୍ତିରେ ଭକ୍ତ ଭାବବିହ୍ୱଳ। ଯା' ଦେବୀ ସର୍ବଭୂତେଷୁ ଶ୍ଳୋକରେ ପ୍ରକମ୍ପିତ ହେବ ପୂଜା ମଣ୍ଡପ, ଚଣ୍ଡିପାଠରେ ମୁଖରିତ ହେବ ଶକ୍ତିପୀଠ। ଷୋଡ଼ଶୋପଚାରରେ ପୂଜା ପାଆନ୍ତି ମା' ଦୁର୍ଗା ଜଗତଜନନୀ।

ନବରାତ୍ରୀ ସମୟରେ ମା ଦୁର୍ଗାଙ୍କର ନଅ ରୂପରେ ପୂଜା କରାଯାଏ ।ଏହି ୯ ଦିନରେ ମାତା ଦୁର୍ଗା, ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ ରୂପରେ ପୂଜା ପାଇଥାନ୍ତି।

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ। ମାତୃଶକ୍ତି ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଏବଂ ସମୃଦ୍ଧିରେ ଭରିଯାଉ, ଏହାହିଁ ମୋର ମା'ଙ୍କ ପାଖରେ ପ୍ରାର୍ଥନା । ଆଜିର ଏହି ପବିତ୍ର ପର୍ବ ଅବସରରେ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ର ଶାରଦୀୟ ବିଶେଷାଙ୍କ ପ୍ରକାଶିତ ହେଉଅଛି। ଏହା ପାଠକାଦୃତ ହେଉ, ମା' ଙ୍କ ନିକଟରେ ମୋର ପ୍ରାର୍ଥନା।

*ଶ୍ରୀମତୀ ପ୍ରବାଳମଞ୍ଜରୀ ଦାଶ*
*ସହ-ସମ୍ପାଦିକା*
*ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା*

# ସହ-ସମ୍ପାଦିକାଙ୍କ କଲମରୁ....

ଦଶହରା ହେଉଛି ଓଡିଶାର ଅନନ୍ୟ ପର୍ବ । ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ । ଦୁର୍ଗତିନାଶିନୀ, ଶକ୍ତି ସ୍ୱରୂପିଣୀ, ତ୍ରିଶୂଳଧାରିଣୀ, ବଳଦାୟିନୀ, ମହିଷାମର୍ଦ୍ଦିନୀ, ଚଣ୍ଡମୁଣ୍ଡ ବିନାଶିନୀ ମା' ଦୁର୍ଗା ହେଉଛନ୍ତି ସମସ୍ତ ଶକ୍ତିର ଅଧିଷ୍ଠାତ୍ରୀ ଦେବୀ।

ମା' ଙ୍କ ଆଗମନରେ ଖିଲି ଖିଲି ହସୁଛି କାଶତଣ୍ଡୀ ଫୁଲ । ରାସ୍ତା କଡ଼ ହେଉ ଅବା ନଦୀ ପଠା। ସବୁଠି ଏବେ କାଶତଣ୍ଡୀ ଫୁଲ ଦେଖିବାକୁ ମିଳୁଛି । ଦୋଳାୟିତ କାଶତଣ୍ଡୀ ଫୁଲ ଚାମର ସଦୃଶ ଦେଖାଯାଏ। ଏଇ ଚାମର ହଲାଇ ସେ ଆଦିଶକ୍ତି ଙ୍କୁ ସ୍ୱାଗତ କରିଥାଏ, କାରଣ ମା' ଙ୍କୁ ସ୍ୱାଗତ ଜଣାଇବା ପାଇଁ ସେ ବରଦାନ ପାଇଛି, କାଶତଣ୍ଡୀ ଫୁଲର ସମ୍ଭାର ପ୍ରକୃତି ପ୍ରେମୀଙ୍କୁ ବେଶ ଆକୃଷ୍ଟ କରିଥାଏ।

ପବିତ୍ର ଦୁର୍ଗା ପୂଜା ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ଅଶେଷ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ। ଦେବୀ ମା' ଦୁର୍ଗାଙ୍କ ଅପାର କରୁଣା ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିମୟ ହେଉ।

ଏହି ଅବସରରେ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ତା'ର ଶାରଦୀୟ ବିଶେଷାଙ୍କ ପ୍ରକାଶିତ କରିଅଛି । ଏହି ପତ୍ରିକା ଜନାଦୃତ ହେଉ, ଏହାହିଁ ମା' ଙ୍କ ନିକଟରେ ମୋର ପ୍ରାର୍ଥନା ।

*ସୁଶ୍ରୀ ପ୍ରିୟମ୍ବଦା ସ୍ୱାଇଁ*

*ସହ-ସମ୍ପାଦିକା*

*ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା*





# ପାଠକୀୟ ମତାମତ

ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ର ପ୍ରଥମ ସଂସ୍କରଣ ପଢ଼ି ଅତ୍ୟନ୍ତ ଖୁସି। ତରୁଣ କବି ଓ କବୟିତ୍ରୀ ମାନଙ୍କ ଲିଖିତ କବିତା ଓ ପ୍ରବନ୍ଧ ଅତ୍ୟନ୍ତ ମନ୍ତ୍ରମୁଗ୍ଧକର ହୋଇଛି । ପତ୍ରିକାର ଡ଼ିଜାଇନ ଅତ୍ୟନ୍ତ ସୁନ୍ଦର ହୋଇଛି। ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ଓଡ଼ିଶାର ଜନମାନସରେ ଆଦୃତ ଲାଭ କରୁ, ଏହାହିଁ ମୋର କାମନା ।

*ଆୟୁଷ୍ମାନ ଚୌଧୁରୀ*
*ସ୍ବତନ୍ତ୍ର ଶିକ୍ଷକ ତଥା ମନସ୍ତତ୍ତ୍ଵବିଦ୍*
*ମୋବାଇଲ ନମ୍ବର* **-9348295556**

---

ସତରେ କଭର ପେଜ୍ ବହୁତ୍ ବଢ଼ିଆ ହେବା ସହ ସମସ୍ତଙ୍କ ଲେଖା ଗୁଡ଼ିକ ବହୁତ୍ ଉଚ୍ଚ କୋଟୀର ହୋଇଛି। ଆଶା କରୁଛି ସବୁ ବେଳେ ଆମ ସହ ବ୍ରଜ ବିଳାସ ପତ୍ରିକା ରହୁ ଏବଂ ବିଭିନ୍ନ ପ୍ରକାରର ଲେଖା ସମାଜ ସଂସ୍କୃତି ଉପରେ ଆଧାର କରି ନିଜର ଏକ ସ୍ଵତନ୍ତ୍ର ପରିଚୟ ସୃଷ୍ଟି କରୁ, ଏହା ହିଁ କାମନା ।

*ମାନସୀ ଆଚାର୍ଯ୍ୟ*
*ଶିକ୍ଷା ଅଧ୍ୟାପିକା, ଶହୀଦ ଲକ୍ଷ୍ମଣନାୟକ ଡିଗ୍ରୀ ମହାବିଦ୍ୟାଳୟ*
*ବୈପାରିଗୁଡା, କୋରାପୁଟ*
*ମୋ- ୯୧୭୮୩୩୫୮୨୨*

# ପାଠକୀୟ ମତାମତ

ନମସ୍କାର

ବ୍ରଜବିଳାସ ସାହିତ୍ୟ ପତ୍ରିକା ଆତ୍ମପ୍ରକାଶ ଅବସରରେ ସମ୍ପାଦକଙ୍କୁ ସାହିତ୍ୟ ପରିବାର ତରଫରୁ କୃତଜ୍ଞତା ଜଣାଏ । ଇତ୍ୟବସରରେ ମନେପଡ଼େ ଗୋପବନ୍ଧୁଙ୍କ ଭଞ୍ଜଙ୍କ ଉଦ୍ଦେଶ୍ୟରେ ସମର୍ପିତ ଦୁଇଧାଡ଼ି-

" ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥପ୍ରାନ୍ତେ ହୃଷ୍ଟ ମନା
ବିଲେ ବୋଲେ ଚଷା ଅନ୍ତପୁରେ ଯୋଷା
ନୃତ୍ୟରତେ ବାରଙ୍ଗନା।"

ଉକ୍ତ ଉକ୍ତିର କିଛିକାଂଶରେ ସାର୍ଥକତା ପରିପ୍ରକାଶ ହେଇଅଛି ବ୍ରଜବିଳାସ ପତ୍ରିକାରେ। ନବାଗତଙ୍କ ଚହଲ ମନରେ ଖେଳୁଥିବା ଢେଉଠୁ ଆରମ୍ଭ କରି ପ୍ରବୀଣଙ୍କ ଅନୁଭବ ତଥା ଶୈକ୍ଷିକ ଏବଂ ଗବେଷଣା ମୂଳକ ପ୍ରବନ୍ଧମାନ ସ୍ଥାନିତ ହେଇ ସବୁବର୍ଗର ପାଠକଙ୍କ ମନକୁ ଛୁଇଁପାରୁଛି। ଅନ୍ୟ ଇ-ପତ୍ରିକା ମାନଙ୍କ ତୁଳନାରେ ଏହାର ସାଜସଜ୍ଜା ଉଚ୍ଚକୋଟୀର। ରଚନାକୁ ଆଖିଆଗରେ ରଖି ପୃଷ୍ଠା ମାନଙ୍କ ରଙ୍ଗଚୟନ ଉପଯୁକ୍ତ ହେଇଅଛି । ଭବିଷ୍ୟତରେ ISSN ନମ୍ବର ସହକାରେ ପ୍ରକାଶ ତଥା ଏକ ୱେବସାଇଟ୍ ମାଧ୍ୟମରେ ସଂଖ୍ୟା ମାମଙ୍କ ସଞ୍ଚୟ ସମ୍ପାଦକଙ୍କ ଠାରୁ ପାଠକ ତଥା ଚରନା ପ୍ରେରଣକାରୀଗଣ ଆଶା ରଖନ୍ତି। ପତ୍ରିକାର ସର୍ବସଫଳତା କାମନା କରେ।

!! ଜୟତୁ ସାହିତ୍ୟ !!

!!! ଜୟ ମାଁ ସରସ୍ୱତୀ !!!

*ଅରୁଣ କୁମାର ତ୍ରିପାଠୀ*
*ରିସର୍ଚ୍ଚ ସ୍କଲାର, ମହିଳା ଅଧ୍ୟୟନ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ମୋ-୯୦୭୮୮୩୮୬୨୭*

# ସୂଚୀପତ୍ର


| କ୍ର.ନଂ. | ଲେଖକ/ ଲେଖିକା | ପୃଷ୍ଠା |
|---|---|---|
| ୦୧ | ତୁଲାରାମ ମାଝୀ | ୧୩ |
| ୦୨ | ଯସ୍ମିତା ପ୍ରଧାନ | ୧୫ |
| ୦୩ | ସଙ୍ଗୀତା ରାଉତ | ୧୭ |
| ୦୪ | ବାଦଲ ପଲେଇ | ୧୯ |
| ୦୫ | ପ୍ରତିମା ମିଶ୍ର | ୨୪ |
| ୦୬ | ଅରୁଣ ଡାକୁଆ | ୨୬ |
| ୦୭ | ନରେନ୍ଦ୍ର ପ୍ରସାଦ ବେହେରା | ୩୦ |
| ୦୮ | ରିତେଶ ସାହୁ | ୩୧ |
| ୦୯ | ରାମ ଚନ୍ଦ୍ର ପ୍ରଧାନ | ୩୨ |
| ୧୦ | ଅଜିତ କୁମାର ରାଉତ | ୩୩ |
| ୧୧ | ଗୋବିନ୍ଦ ଚନ୍ଦ୍ର ଜାଲି | ୩୭ |
| ୧୨ | ଗଜାନନ ମିଶ୍ର | ୫୫ |
| ୧୩ | ସତ୍ୟନାରାୟଣ ମିଶ୍ର | ୫୭ |
| ୧୪ | ନିକୁଞ୍ଜ କୁମାର ଘୋଷ | ୫୯ |
| ୧୫ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୬୧ |
| ୧୬ | ସତ୍ୟ ସିଂ ବାଗ | 63 |
| ୧୭ | ଭ୍ରମର ବାଗ | ୬୫ |
| ୧୮ | ଲୋକନାଥ ପଟ୍ଟନାୟକ | ୬୬ |
| ୧୯ | ସୁଜିତ କୁମାର ମିଶ୍ର | ୬୮ |
| ୨୦ | ଅନୁପ କୁମାର ଗଡ଼ନାୟକ | ୭୦ |






| | | |
|---|---|---|
| ୨୧ | ପ୍ରସନ୍ନ କୁମାର ମେହେର | ୭୨ |
| ୨୨ | ଧୃରୋଜ କୁମାର ପାତ୍ର | ୭୪ |
| ୨୩ | ଗୁପ୍ତେଶ୍ୱର ଚାନ୍ଦ୍ | ୭୭ |
| ୨୪ | ସଂଜୀବ କୁମାର ଶତପଥି | ୭୮ |
| ୨୫ | ସୁନିଲ କୁମାର ସ୍ୱାଇଁ | ୮୦ |
| ୨୬ | ମଧୁସ୍ମିତା ସାହୁ | ୮୨ |
| ୨୭ | ମଧୁସ୍ମିତା ସାହୁ | ୮୪ |
| ୨୮ | ବାସନ୍ତୀ ଲତା ଜେନା | ୮୬ |
| ୨୯ | ଜୟନ୍ତ ଦାସ | ୮୯ |
| ୩୦ | ପ୍ରମୋଦ କୁମାର ରାଉଳ | ୯୧ |
| ୩୧ | କିରଣ କୁମାର ପ୍ରଧାନ | ୯୨ |
| ୩୨ | ଧ୍ରୁବ ଚରଣ ଘିବେଲା | ୯୮ |
| ୩୩ | ସବିତା ସାବତ | ୯୯ |
| ୩୪ | ସୁଚିତ୍ରା ପ୍ରିୟଦର୍ଶିନୀ ସାହୁ | ୧୦୧ |
| ୩୫ | ନେତାଜୀ ତାପସ କୁମାର ସାହୁ | ୧୦୩ |
| ୩୬ | ବୈଶାଖୀ ପ୍ରିୟଦର୍ଶିନୀ | ୧୦୭ |
| ୩୮ | ମାନସୀ ଆଚାର୍ଯ୍ୟ | ୧୦୯ |
| ୩୯ | ଇନ୍ଦିରା ମିଶ୍ର | ୧୧୧ |
| ୪୦ | ଦିଗମ୍ବର ବିଶ୍ୱାଳ | ୧୧୪ |
| ୪୧ | ଦେବାଶିଷ ପତି | ୧୧୬ |
| ୪୨ | ଦିପ୍ତିମୟୀ ନାୟକ | ୧୧୮ |
| ୪୩ | ଲିଳା ମୟୀ ଦାଶ | ୧୨୧ |






# ଆଗୋ ମାଁ ଦୁର୍ଗା

ଭଦୋ ଯାଇ କରି ଦଶରା ଆଏଲା
ଧରତୀ ମାତାର କୁଲେ ।
ମହ ମହ୍ ହେଇ ମହକି ଉଠୁଛେ
ସାଗୁଆ ଧାନର ଫୁଲେ ।।

ସାଇଁ ସାଇଁ ହେଇ ପବନ ମାରୁଛେ
ଝିପରି ଝିପରି ପାଏ ନ ।
ଠୋ ଠୋ ହେଇ ସଥେ ଖରାର୍ କରୁଛେ
ଲାଗୁଛେ କେଢ଼େ ଅଏନ ।।

ଡହନା ରଙ୍ଗର ବାଘେ ବସି  ମା
ଆଉଛନ ହଲି ଝୁଲି ।
ଦଶ ହାତେ ଦଶ ଅସ୍ତର୍ ଧରିଛୁ
ରୂପ୍ ଯାଉଛେ ଉଛଲି ।।

ଦଶ ଦିନ୍ ଧରି ମାଁ ପୂଜା ପାଇବୁ
ନଅ ଟା ରୂପ ଦେଖେଇ ।
ମରତ୍ ମଣ୍ଡଳେ କେ ଲୀଳା କରବୁ
ଭକତ୍  ପାସେ ବସେଇ ।।

ଭକତ ର୍ ହୃଦେ ବସା ବାନ୍ଧିଛୁ ଗୋ
ରଖିଛୁ ନିଜର୍ କୁଲେ ।
ଦୁଃଖେ ସୁଖେ  ତୁଇ ସହା ହେଉ ଥିସୁ
କରମ୍ ଜାନି ତାର ଫଳେ ।।

ଅନ୍ଧାର୍ ରାତି ର୍ ଉକିଆ ହେଇ ଗୋ
ଠିଆ ହେସୁ ସବୁ ବେଳେ ।
ତୋର ନା ଧରି ବାଟ୍ ଚାଲ୍ ଲେ  ସତେ
ଛୋଟା ର୍ ଗୋଡ଼ ବି ଚଲେ ।।

ମରତ୍  ମଣ୍ଡଳେ ଉଭା ହେଶୁ ଗୋ
ଭିନ୍ ଭିନ ରୂପ ଧରି ।
ପହେଲା ଦିନେ ତୁଇ ଶୈଲ୍ ପୂତରୀ
ବର୍ ଦେଉ ମନ୍ ବାରି ।।

ଦୂତୀଆ ଦିନେ ତୁଇ ବ୍ରହ୍ମଚାରେଣି
ତୃତିଆ ରେ ଚନ୍ଦ୍ର ଘଣ୍ଟା ।
ଚତୁର୍ଥୀ ଦିନେ ତୋର୍ କୁଷ୍ମଣ୍ଡା ରୂପେ
ପୃଥିବୀ  ଦେଉଛୁ ବଣ୍ଟା ।।

ପଞ୍ଚମ୍ ଦିନେ ତୁଇ ଗୋ ସ୍କନ୍ଦ ମାତା
ଷଷ୍ଟେ କାତ୍ୟାୟନୀ ରୂପେ ।
ଜଗତ ଉଦ୍ଧାର୍ କରୁଛୁ ତୁଇ ଗୋ
କାଳରାତ୍ରି ଉଭା ତାପେ।।

ଅଷ୍ଟମୀ ଦିନେ ତୁଇ ମହାଗୌରି ରୂପ
ରୂପ  ଜାନି ପୂଜା ପାଉ।
ନମମି ଦିନେ ସିଦ୍ଧି ଦାତ୍ରି  ହେସୂ ଗୋ
ଭକ୍ତର୍  ମନରେ ରହୁ ।।

*ଦୁଲାରାମ ମାଝୀ*
*ଝିଟିକୀ, ପାଇକମାଳ*

# ମା'ର ଆଗମନ



ଶାରଦୀୟ ନୀଳ ଆକାଶ ତଳେ
କାଶତଣ୍ଡୀ ନଇ ପଠାରେ ହସେ
ମା'ଙ୍କ ଆଗମନର ବାରତା ଦେଇ
ଆସିଲାଣି ପାର୍ବଣୀୟ ସମ୍ଭାର ନେଇ
ପ୍ରତିବର୍ଷ ପରି ଆସୁଛନ୍ତି ଏବର୍ଷ ମା
ମହିଷାମର୍ଦ୍ଦିନୀ ସିଂହବାହିନୀ ମା
ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ
ଶକ୍ତି ସ୍ୱରପିଣୀ ବିଜେ କରିବେ ଧରାରେ
ହସୁଛି ମେଦିନୀ କମ୍ପେ ତିନିପୁର
ଖୁସିରେ ଉଚ୍ଛୁଳେ ସାରା ସଂସାର
ଦୁଃଖ ନେଉ ବୋଲି ମହିଷାମର୍ଦ୍ଦିନୀ
ଜଗତ ବୋଲାଏ ଦୁଃଖ ନାଶିନୀ
ଅତ୍ୟାଚାର ଯେବେ ବଢେ ମହୀରେ
ଅବତାର ନେଉ ଆସି ଧରା ପୃଷ୍ଠରେ
ପାପ ଭାର ଲାଘବ ପାଇଁ ଆସୁ ତୁହି
ମା ନାରାୟଣୀ ଧରାପୃଷ୍ଠକୁ ଓହ୍ଲାଇ
ଭକତ ପାଇଁ ତୋ ହୃଦୟ ସଦା ଦୟାମୟ
ପାପୀ ଙ୍କୁ କରି ବିନାଶ ପାଳୁ ତୁ ସାଧୁସନ୍ଥ
ଦଶଭୁଜା ଦୁର୍ଗା ତୁହି ମା ସିଂହବାହିନୀ

ଜଗତ ଜନନୀ ମାତା କଲ୍ୟାଣ କାରିଣୀ

ସତ୍ୟ ଧର୍ମ ପୁଣ୍ୟ ଓ ନ୍ୟାୟ ଉପରେ

ଯୁଗେ ଯୁଗେ ସଦା ବିଜୟ ତୋର

ମହିଷାସୁରର କରିଥିଲ ବୋଲି ବଧ

ମହିଷାମର୍ଦ୍ଦିନୀ ରୂପେ ହେଲ ବିଖ୍ୟାତ

ଏଥର ମା ଅପେକ୍ଷା ତୋର ରହିଛି

ନାରୀ ଉପରେ ଅତ୍ୟାଚାର ବୃଦ୍ଧି ପାଇଛି

ପୁଣି ନୂତନ ଜନ୍ମ ହୋଇଛି ମହିଷାସୁରର

ଆସ ଆସ ମା ଆଉଥରେ କର ସଂହାର

ଅଜ୍ଞାନ ରୂପକ ଅନ୍ଧକାର ନେଇ

ଜ୍ଞାନ ରୂପକ ଆଲୋକ ଦିଅ ଜଳାଇ

ମୁଁ ଛାର ଭକତ ପାଦତଳେ ତୋର

କୋଟି କୋଟି ପ୍ରଣତି ଘେନ ମୋ'ର ।।

*ଯସ୍ମିତା ପ୍ରଧାନ*

*ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ସ୍ନାତକୋତ୍ତର*

*ଫୋନ୍ ନମ୍ବର – 7326837101*

# ମା' ସିଂହବାହିନୀ

ଜଗତ ଜନନୀ ମା ସିଂହବାହିନୀ
ସବୁଠାରେ ତୋର ବାସ
କରୁଣାମୟୀ ତୁ ଝଙ୍କଡ଼ବାଶିନୀ
ଶରତରେ ତୁମେ ଆସ।

ନିରିମଳ ଶୋଭା ଜଗତରେ ଭରି
ସୁନ୍ଦର ଦିଶଇ ଧରା
କାଶତଣ୍ଡୀ ଫୁଲ ଦିଶେ ଝଲମଲ
ଅଟେ ମନ ମୁଗ୍ଧକର।

ଜପତପ ବଳେ ଶିବଶଙ୍କରଙ୍କୁ
ମା ତୁହି ପାଇଥିଲୁ
ଜଗତର ମାତ ହୋଇ ତୁହି ନିଜେ
ବହୁତ କଷ୍ଟ ସହିଲୁ।

କାକଟପୁରରେ ମଙ୍ଗଳା ରୂପରେ
କଟକେ କଟକ ଚଣ୍ଡୀ
ସମ୍ବଲପୁରରେ ସମଲେଶ୍ୱରୀ ମା
କୋଣରକେ ରାମଚଣ୍ଡୀ।


ବାଙ୍କୀ ରେ ଚର୍ଚ୍ଚିକା ପୁରୀରେ ବିମଳା
ତାଳଚେରେ ହିଙ୍ଗୁଳାଇ
ଏମନ୍ତେ ଅନେକ ସ୍ଥାନରେ ରହିଛୁ
ଡାକିଲେ ରଖୁ ମା ତୁହି।

ମହିଂସାସୁର କୁ ବଧିବା ପାଇଁ ତୁ
ମହିଂସାମର୍ଦ୍ଦିନୀ ହୋଇ
ଦେବଗଣ ଅସ୍ତ୍ର ପ୍ରଦାନ କରିଲେ
ଦଇତ୍ୟ ବଧିଲୁ ଯାଇ।

*ସଙ୍ଗୀତା ରାଉତ*
*ଜିଲ୍ଲା - କଟକ*
*ବ୍ଲକ - ନରସିଂହପୁର*
*ଗ୍ରାମ - ପଦାମାଳ*
*ଫୋନ ନଂ -7327987613*

# ମା' ନାରାୟଣୀ ଲୀଳାମୃତ

## (ଛାନ୍ଦ:- ନବାକ୍ଷରୀ/ଭାଗବତବାଣୀ)



ନମସ୍ତେ ଦେବୀ ନାରାୟଣୀ ।
ଜୟ ଗଞ୍ଜାମ ଠାକୁରାଣୀ ।।୧।

ମହିସା ଦୈତ୍ୟ ବଧ କରି ।
ଉଦ୍ଧାର କଲୁ ସ୍ୱର୍ଗ ପୁରୀ ।୨।

ଭଗବତୀ ଯେ ମହାସତୀ ।
ଘେନ ଜନନୀ ମୋ ପ୍ରଣତି ।୩।

ପାଇବା ପାଇଁ ରକ୍ଷା ଯେହୁ ।
ସ୍ମରଣ କଲେ ଦେବେ ତହୁଁ ।୪।

ଅଗ୍ନି ଗର୍ଭରୁ ତୁ ଜନ୍ମିଲୁ ।
ସ ଶସ୍ତ୍ରେ ତୁ ସଜ୍ଜା ହୋଇଲୁ ।୫।

ଜୟନ୍ତୀ ଗୌରୀ ଅଗ୍ନିସୁତା ।
ଏ ରୂପେ ଉଭା ଆଦିମାତା ।୬।

ମୁଖେ ମଣ୍ଡିଲୁ ଅଗ୍ନି ତେଜ ।
ଗଳାରେ କଙ୍କାଳର ମୁଣ୍ଡ ।୭।

ଭବାନୀ ଶିବାନୀ ଅମ୍ବିକା ।
କାଳିକା ରୂପେ ଲୋ ଗୌରୀକା ।୮।

ସାଙ୍ଗରେ ଧରି ଚଣ୍ଡୀଗଣ ।
ନାଶିଲୁ ଦୈତ୍ୟ ତୁହିଁ ରଣ।୯।

ଧୂମ୍ରଲୋଚନ ରକ୍ତବୀର୍ଜ ।
ବଧିଲୁ ଦେଖାଇ ତୁ ସୌର୍ଯ୍ୟ ।୧୦।

ମହିସାସୁର ଚଣ୍ଡମୁଣ୍ଡ ।
ମାରିଲୁ ସର୍ବ କରି ଖଣ୍ଡ ।୧୧।

ସିଂହ ପିଠିରେ ହୋଇ ଶୋଭା ।
ପୂଜା ପାଇଲୁ ହୋଇ ଉଭା ।୧୨।

ଅଷ୍ଟଭୁଜାଙ୍କ ରୂପେ ତୁହି ।
ବିଖ୍ୟାତ ହେଲୁ ସର୍ବେ ରହି ।୧୩।

ଜୟ ତୁ ଜୟ ନାରାୟଣୀ ।
ଉଦ୍ଧାରୁ ଦୁଃଖ କଷ୍ଟୁ ପୁଣି ।୧୪।

ଆଦି ଅନାଦି ଶକ୍ତି ରୂପ ।
ହରଣ କରୁ ସର୍ବ ପାପ ।୧୫।

କାକଟ ପୁରେ ମା ମଙ୍ଗଳା ।
ଶ୍ରୀକ୍ଷେତ୍ରେ ତୁ ଅଟୁ ବିମଳା ।୧୬।

ବାଙ୍କୀଗଡରେ ତୁ ଚର୍ଚ୍ଚିକା ।
କୋଣାର୍କ ଠାରେ ତୁ ଚଣ୍ଡୀକା ।୧୭।

ଚିଲିକା ଗର୍ଭେ କାଳିଜାଇ ।
ଏକାମ୍ର କ୍ଷେତ୍ରେ ଗୌରୀ ହୋଇ ।୧୮।

ଭଗବତୀ ମା ବାଣପୁରେ ।
ସାରଳା ଜଗସିଂହପୁରେ ।୧୯।

ବୁଢ଼ୀ ରୂପରେ ବ୍ରହ୍ମପୁରେ ।
ପୂଜା ପାଉ ଲୋ ଭକ୍ତ ଭରେ ।୨୦।

ସମ୍ବଲପୁରେ ଇଷ୍ଟଦେବୀ ।
ସମଲେଶ୍ୱରୀ ନାମ ରବି ।୨୧।

ଗଞ୍ଜାମ ପର୍ବତ ଶିଖରେ ।
ବସିଛୁ ଋଷିକୁଲ୍ୟା ତୀରେ ।୨୨।

ଯମଜ ଭଉଣୀ ରୂପରେ ।
ତାରାତାରିଣୀ ନାମ ସୁରେ ।୨୩।

ହିଙ୍ଗୁଳା ରୂପ ତାଳଚେରେ ।
ବିରଜା ନାମ ଯାଜପୁରେ। ।୨୪।

ଘଟଗାଁ ଶାଳବଣେ ରହି ।
ତାରୁଛୁ ତାରିଣୀ ମା ତୁହି। ।୨୫।

ଏ ଭଳି ରୂପେ ତୁହି ମାତ ।
ପୂଜା ପାଉ ଲୋ ହୋଇ ଖ୍ୟାତ।୨୬।

କଳିରେ ହେଲୁ ନାରାୟଣୀ ।
ବାଣାସୁର ତୋ ନାମ ଗୁଣି। ।୨୭।

ପୁଜିଲା ଅନେକ ବରଷ ।
ଭକ୍ତିରେ ହେଲୁ ମା ହରଷ। ।୨୮।

ମନ ବଳିଲା ଗଞ୍ଜାମରେ।
ଥାପନା ହେଲୁ ଗିରି ଧାରେ। ।୨୯।

ସତକି ଭାଲେରି କାନ୍ଦଇ।
ସର୍ବଶକ୍ତିଙ୍କୁ କୋଳେ ପାଇ। ।୩୦।

ସେହି ଅଶ୍ରୁ ଯେ ହେଲା ନୀର।
ଧୋଇଲା ଆସି ପୟ ତୋର। ।୩୧।

କଳିଙ୍ଗ ନଗର ଗର୍ଭ ରେ ।
ଖୋର୍ଦ୍ଧା ଗଞ୍ଜାମ ସୀମାତୀରେ। ।୩୨।

ଭାଲେରି ଗହ୍ୱରରେ ରହି।
ଅପୂଜା ଥିଲୁ ମାଆ ତୁହି। ।୩୩।

ଗଡ଼ ନୃପତି ନାରାୟଣ ।
ଦେଖିଣ ଥିଲେ ଘୋର ବଣ। ।୩୪।

ତୋ ପାଦେ ଶରଣ ପଶିଲେ ।
ଅନେକ ସ୍ତବ ପାଠ କଲେ। ।୩୫।

ସ୍ତବ ଶବଦେ କମ୍ପେ ବଣ ।
ଭକ୍ତିରେ ମଗ୍ନ ନରରାଣ। ।୩୬।

ନରନାରୀଙ୍କୁ ତାରୁ ପାଣି।
ନାମ ରଖିଲେ ନାରାୟଣୀ। ।୩୭।

ପୂଜା କରିବା ଅର୍ଥେ ରାଜା।
ଗଡ଼ରେ ବଜାଇଲେ ବାଜା। ।୩୮।

ପୁରୀ ଶ୍ରୀକ୍ଷେତ୍ରୁ ବିପ୍ରବର।
ପୁଜିବେ ଦେବୀଙ୍କ ପୟର। ।୩୯।

ଷୋଡଶ ପୂଜା ବିଧି ବରେ ।
ସେବା କରନ୍ତି ମନ୍ତ୍ର ନୀରେ। ।୪୦।

ପୂଜା ପ୍ରସାଦ ସୁରା ପିଇ।
ଗଡ଼ନ୍ତି ନିଶାସକ୍ତ ହୋଇ। ।୪୧।

ଏମନ୍ତ କର୍ମ ଦେଖି ଜନେ।
କୁହନ୍ତି ଯାଇ ରାଜା କାନେ। ।୪୧।

ଶୁଣିଣ ଜନ ମୁଖୁ ବାଣୀ।
ଡକାଇ ଆଣି ବିପ୍ର ମଣି। ।୪୨।

କିଭାବେ ପୂଜ ମୋ ମାଆକୁ।
ଚୁଡ଼ି ମୁଠାଏ ଦେବି ତାକୁ। ।୪୩।

କୁହ ହେ ଏବେ ବିପ୍ର ମଣି।
କେତେ ଆୟୁଧେ ମାଆ ପୁଣି। ।୪୪।

ଶୁଣିଣ ବିପ୍ର ରାଜା ବାଣୀ।
ନିଶାରେ କୁହେ ଗଣି ଗଣି। ।୪୫।

ମା ତ ମୋର ଦଶ ପାଣି ।
ଭ୍ରମେ କେଶରୀ ପିଠି ପୁଣି ।୪୬।

ଅଷ୍ଟଭୁଜା ଯେ ଥିଲେ ସେବେ।
କି ଭାବେ ଦଶଭୁଜା ଏବେ। ।୪୭।

ଏ ବାଣୀ ଶୁଣି ରାଜା ମଣି ।
କହେ ଫୁଲାଇ ନାସା ପୁଣି ।୪୭।

ମାଆ ଯେ ମୋର ଅଷ୍ଟଭୁଜା ।
କିଭଳି ଦେଖୁ ଦଶଭୁଜା ।୪୮।

ଆଗତ ପ୍ରଭାତରେ ଆସି ।
ନୟନେ ଦେଖେଇବୁ ବସି ।୪୯।

କି ଭଳି ମାଆ ଦଶଭୁଜା।
ନିଶାରେ କରୁଅଛ ପୂଜା। ।୫୦।

ଯଦି ନ ପାରିବ ଦେଖାଇ।
ମରିବ ଶିର ଛେଦ ହୋଇ। ।୫୧।

ଏମନ୍ତ ରାଜା ବାଣୀ ଶୁଣି ।
ପଡି ପୟରେ ନାରାୟଣୀ ।୫୨।

ଗୁହାରି କରେ ରଖ ମାତ ।
ନହେଲେ ମୃତ୍ୟୁ ମୋର ସତ ।୫୩।

ଭକ୍ତର ଦୁଃଖ ଶୁଣି ବାଣୀ ।
ହୋଇଲେ ଦେବୀ ଦଶପାଣୀ ।୫୪।

ଧନ୍ୟ ଲୋ ଧନ୍ୟ ନାରାୟଣୀ ।
ପାପ ଅଜ୍ଞାନ ହରୁ ପୁଣି। ।୫୫।

ଘୋଡାଇ ପଣତ ତୋହର ।
ରକ୍ଷା କରଲୋ ଭକ୍ତ ତୋର ।୫୬।

ମୁହିଁ ଅଧମ ତୋର ଦାସ।
ପାଦେ ନମଇ ତୋର ପାସ ।୫୭।

ଦିଅ ଦିବ୍ୟତୁ ଜ୍ଞାନ ଭକ୍ତି ।
ସେବିବି ଚରଣ ତୁରତି ।୫୮।

କ୍ଷମିବୁ ମୋର ସର୍ବଦୋଷ ।
ହୁଅ ମା' ମୋର ଠାରେ ତୋଷ1
।୫୯।

ସାରଦା ବରଦା ତୁ ମାତ ।
କଣ୍ଠେ ତୋ ଜ୍ଞାନ ବାଣୀ ତତ୍ତ୍ୱ।୬୦।

କରିଣ କୃପା ମୋହ ଠାରେ ।
ଦିଅ ମା ଜ୍ଞାନ ଅକ୍ଷ ବାରେ ।୬୧।

ଅଜ୍ଞାନୁ କର ତୁହିଁ ପାରି।
ଦିଅ ମା ଜ୍ଞାନ କୃପା କରି।୬୨।

ସକଳ ଶକ୍ତି ତୋର ଅଂଶ।
ଦାସାନୁଦାସ ମୁଁ ତୋ ପାଶ।୬୩।

*ବାଦଲ ପଲେଇ*
*ସମ୍ପାଦକ ରୁଦ୍ର ଇ-ପତ୍ରିକା ସାହିତ୍ୟ ପ୍ରତିଷ୍ଠାନ*
*ବାକୁଟଗାଁ, ଲଙ୍ଗଳେଶ୍ୱର, ଗଞ୍ଜାମ*
*ମୋ-୭୬୦୮୯୮୯୦୩୮*

# ମା



ଶାରଦୀୟ ଧରାବୁକେ
ତବ ଆବାହନ
ପୁରେ ପୁରେ ଉଲ୍ଲସିତ
ତୋହରି ସନ୍ତାନ
ଗହଗହ ଶଙ୍ଖ ନାଦେ
କମ୍ପେ ତ୍ରିଭୁବନ
ସମୀର ର ତାଳେ ତାଳେ
ତୁମ ଆଗମନ ।

ଦୁର୍ଗା ରୂପେ ବିରାଜିତ ମା
ତ୍ରିଭୁବନ ଠାକୁରାଣୀ
ଅସୁର ସଂହାରି ହେଲେ
ମହିଷାମର୍ଦ୍ଦିନୀ
ଦକ୍ଷ ପ୍ରଜାପତି କନ୍ୟା
ଦୁର୍ଗତି ନାଶିନୀ
ପ୍ରାଣୀ ଙ୍କୁ ସନ୍ତୋଷ ଦେଉ
ରୂପେ ନାରାୟଣୀ ।

ଧର୍ମ ଅର୍ଥ କାମ ମୋକ୍ଷ
ଚତୁର୍ବର୍ଗ ଫଳ
ଅଜାଡ଼ି ଦେଉ ସନ୍ତାନ
ଶାନ୍ତି ଲଭନ୍ତି ସକଳ
ସତ୍ବ, ରଜ, ତମ ଗୁଣେ
ପୁରିତ ଏ ଧରା
ତୋର ରୂପ ସଂ ଦର୍ଶନେ
ତମ ହୃଦ ଭୟେ ଭକ୍ତି ଭରା।

ତୋ ପର୍ବ ପାଳନେ ହୃଦେ
ଜାଗେ ଉନ୍ମାଦନା
ଲଜ୍ଜା ନତ ବଧୂ ବାଳା
ପୂଜା ପାଇଁ ଆନମନା
ପବିତ୍ର ଗଣିକା ମାଟି
ତୋହଠାରେ ପୂଜା
ତୋ ଚରଣେ କେହି ନୁହେଁ ଛୋଟ
କେହି ଅବା ରାଜା ।

ମାଆ ତୁମେ ମମତାର ଅଟ ପ୍ରତି ମୂର୍ତ୍ତି
ତୋର କୋଳେ ସବୁ ପ୍ରାଣୀ
ତୋହର ସନ୍ତତି
ଶରଦ ଶିଶିର ଚାନ୍ଦିନୀ
ସୁ ନିର୍ମଳ ଆଭା
ମାଟି ମାଆ ସୁଶୋଭିତ
କାଶତଣ୍ଡି ଶୋଭା ।

*ପ୍ରତିମା ମିଶ୍ର*
*ଡୁମୁଡୁମା, ଭୁବନେଶ୍ୱର*

# ମା' ଙ୍କୁ ଅନାସ୍ଥା ପ୍ରସ୍ତାବ

ମା'.......

ଅଶିଣ ଆସିଛି ,

ଶରତକୁ ସାଙ୍ଗରେ ଆଣିଛି ,

ନଦୀପଟ୍ଟାରେ କାଶତଣ୍ଡୀ ହସୁଛି ,

ପୋଖରୀରେ କୁମୁଦ,କମଳ ଭାସୁଛି ,

କୁଆଁର ପୁନେଇଁ ପାଇଁ - ଆକାଶରେ-

କୁଆଁରୀ ଚାନ୍ଦ ସଜବାଜ ହେଉଛି......

ଏ ଭିତରେ ପୁଣି ତୁମକୁ ନିମନ୍ତ୍ରଣ କରି

ପଲ୍ଲୀରୁ ଦିଲ୍ଲୀ ଉତ୍ସବମୁଖର ହୋଇଛି ,

ହେଲେ... ମା ' ମୁଁ ତୁମକୁ ନିମନ୍ତ୍ରଣ ନୁହେଁ

ଅନାସ୍ଥା ପ୍ରସ୍ତାବ ଦେଉଛି....... { ୧ }

କାହିଁକି ଧରାକୁ ଆସିବଯେ ମା ' ?

କଣ ଅଧର୍ମର ବିନାଶ ପାଇଁ ?

କଣ ଧର୍ମ ର ସ୍ଥାପନା ପାଇଁ ?

ତୁମେ କୁହତ ମା '.......

କଣ ତୁମେ ଆସିଲେ

ଧରାରେ ଧର୍ମ ବଢେ ?

ଅଧର୍ମ ଓ ଅନ୍ୟାୟ ଛିଡ଼େ ?

ନା... ନା... ମା '
ଇଏ ପରା କଳିଯୁଗ
ଏଠି ତୁମେ ଆସିଲେ
ନା ଅଧର୍ମ ଛିଡ଼େ.....
ନା ଧର୍ମ ବଢେ.....
ବରଂ ତୁମର ଉତ୍ସବ ନାରାରେ
ମଣିଷ, ଏଠି ଅଶାନ୍ତି ଗଢେ... { ୨ }

କୁହତ... ମା '
ତୁମେ କଣ ସତରେ - କଳିଯୁଗରେ,
ଧର୍ମସଂସ୍ଥାପନ କରିପାରିବ ?
ମଣିଷ ମଧ୍ୟରୁ ଅସୁରତ୍ୱ ମାରି,
ଦେବତ୍ୱ ଫେରାଇପାରିବ ?
ସତକୁହ ମା '...
ତୁମେ କଣ ଆଜି ମଣିଷ ସହ ଯୁଦ୍ଧ କରି
ଜିତି ପାରିବ ? { ୩ }

ମା'.....
ତୁମେ ଯେଉଁଯୁଗରେ ଚଣ୍ଡ-ମୁଣ୍ଡଙ୍କୁ ନିହତକରି,
ମହିଷାସୁରକୁ ବଧ କରିଥିଲ -

ସେ ଯୁଗ ଥିଲା ପୁରାଣର ଯୁଗ ,
କିନ୍ତୁ, ମା ' ଏବେ ପରା ଯୁଗ ବିଜ୍ଞାନର
ପୁଣି ଯୁଗ ଆଧୁନିକତାର...

ପୁରାଣ ଓ ବିଜ୍ଞାନ ମଧ୍ୟରେ କେତେ ଯେ ତଫାତ,
ତୁମେ କଣ ଜଣନା - ମା '... ?
ସେ ଯୁଗରେ ଥିଲେ ଦୁଇଟି ଚଣ୍ଡ-ମୁଣ୍ଡ
ଏବଂ ଗୋଟିଏ ମହିଷାସୁର
ତେଣୁ, ସିନା ତୁମେ ଜିତିଯାଇଥିଲ ମା '...
କିନ୍ତୁ, ଆଜି ପରା ଏ ଧରାରେ
ଅଗଣିତ ଚଣ୍ଡମୁଣ୍ଡ ପରର ମୁଣ୍ଡ କାଟନ୍ତି,
ଆଜିର ସବୁ ମଣିଷ ନିଜସ୍ୱାର୍ଥ ପାଇଁ
ସେ ଯୁଗର ମହିଷାସୁର ପରି
" ମଣିଷାସୁର " ସାଜନ୍ତି...
ତେବେ କୁହ -
ତୁମେ ଏମାନଙ୍କୁ ହରାଇପାରିବତ ' ମା... ?{ ୪ }

ମୁଁ ଜାଣିଛି ମା '...
ତୁମେ ଜଗତଜନନୀ ,
ପପିକୁ ବି, ପୁତ୍ରବତ ସ୍ନେହକରି
ତୁମେ ସେମାନଙ୍କୁ ଜିତାଇ ଦେବ ।

କିନ୍ତୁ, ମୋତେ କୁହତ କୁହ ମା ' ,
ତୁମ ପ୍ରତି ହେଉଥିବା ଅନ୍ୟାୟକୁ କଣ -
ତୁମେ ସହି ପାରିବ ?{ ୫ }

ମା'.......
ଆଜିତ ଏଇ ସମାଜରେ
ମହିଷାସୁର ରୂପି ମଣିଷାସୁରମାନେ
କରନ୍ତି ଅନେକ ଶିକାର ,
ନାରୀ ଅତ୍ୟାଚାର ,
ଶୋଷଣ, ଧର୍ଷଣ ,
ଗଣବଳକ୍ାର.......
ତେବେ କୁହ ମା ' କୁହ
କଣ ତୁମେ ଏହି ନାରୀ ନୁହଁ ? { ୬ }

କୁହ ମା '.......
ତୁମେ ତ ଧରାକୁ ଆସିମଧ
ବିଜୟା ଦଶମୀରେ ଯାଉଅଛ ହାରି
ତେବେ କଣ, ତୁମେ ଧରାକୁ ଆସିବା
ନିତ୍ୟାନ୍ତ ଜରୁରୀ ?
ମା '.......
ମୋ ଶେଷ କଥା ଟିକେ ଶୁଣ

ଯଦି ତୁମେ ରକ୍ତମୁଖା ହେବ
ଅଧର୍ମ ସମୂଳେ ନାଶିବ,
ଧର୍ମ ବଢାଇବ,
ତେବେ ସିଂହପୃଷ୍ଠେ ଧରାକୁ ବାହାର
ନଚେତ... ମା '
ଅନାସ୍ଥା - ପ୍ରସ୍ତାବ ମୋ
ସ୍ୱୀକାର କର... { ୭ }

*ସଂଘର୍ଷକ*
*ଅରୁଣ ଡାକୁଆ*
*ଦୁର୍ଗା ବଜାର, ଦଶପଲ୍ଲା, ନୟାଗଡ*

# ଜୟ ମାଆ ଦୁର୍ଗା



ଦୁର୍ଗତି ନାଶିନୀ   ମହିଷା ମର୍ଦ୍ଦିନୀ
କରୁଛି ମାଆ ପ୍ରଣାମ
ଏ ଧରା ଧାମକୁ   ଆସି ଅବତରି
ଦୂରକର ହେ କଷଣ ।୧।

ଅନ୍ୟାୟର ସୀମା   ଟପିଲେ ମାନବ
ବଢିଚାଲେ ଅତ୍ୟାଚର
ହିଂସ ଦ୍ୱେଷା ମିଥ୍ୟା   ପ୍ରଖର ହେଲାଣି
ଲୁପ୍ତ ହେଲାଣି ବିଚାର ।୨।

ଘରେ ଘରେ କଳି   ହତ୍ୟା ଓ ଲୁଣ୍ଠନ
ବ୍ୟଭିଚାର ଓ ଦୁର୍ନୀତି
ନାରୀ ଧର୍ଷଣକୁ   ଚୋରି ଡକାୟତି
ପ୍ରାଧାନ୍ୟରେ ବଳେ ମତି ।୩।

ଅସହ୍ୟ ହେଲାଣି   ସମାଜର ଦୁଃଖ
ବେଗେ ବେଗେ ମର୍ତ୍ତ୍ୟେ ଆସ
ନିଶ୍ଚୟ ହୋଇବ   ଦୁର୍ନୀତି ବିନାଶ
ରହିଛି ଆତ୍ମ ବିଶ୍ୱାସ ।୪।

ମହିଷା ସୁରକୁ ନିଧନ କରିଣ
ସଂସାରକୁ ରକ୍ଷା କଲ

ମାଆ ଦୁର୍ଗା ନାମେ ଜନ ମାନସରେ
ଯଶ କୀର୍ତ୍ତି ରଖିଗଲ ।୫।

କରୁଛି ମିନତି ତୁମ ପାଦପଦ୍ମେ
ଆଶିଷ ଦିଅ ସଭିଙ୍କୁ
ସୁଖ ସମୃଦ୍ଧିରେ ଭରୁ ଏ ସମାଜ
ସର୍ବେ ଡାକନ୍ତୁ ତୁମ୍ଭଙ୍କୁ ।୬।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର,
ମୋ - ୯୮୫୩୧୪୨୫୧୦

# ଦୂର୍ଗାପୂଜା

ଜୟ ଜୟ ମାଁ ମହିଷାସୁରମର୍ଦ୍ଦିନୀ
ଆଶ୍ୱିନ ମାସରେ ହୁଏ ତୋ ପୂଜା,
ସବୁଆଡେ ତୋ ଗୁଣ ଗାଇ ଗାଇ
ଉଡଇ କେତେ ତୋର ଧ୍ୱଜା ।।

ଯେବେ ମହିଷାସୁର 'ର ଅତ୍ୟାଚାରରେ
ବ୍ରହ୍ମାଙ୍କ ଶରଣାପନ୍ନ ହେଲେ ସବୁ ଦେବତା,
ସେତେବେଳେ ତ୍ରିଦେବଙ୍କ ପରାମର୍ଶରେ
ତୁ ମାଁ ହୋଇଥିଲୁ ଯଜ୍ଞକୁଣ୍ଡରୁ ପ୍ରକଟିତା ।।

ସମସ୍ତ ଦେବତାଗଣ ଯେତେବେଳେ ମାଁ
ନିଜ ନିଜ ଆୟୁଧ ତତେ କଲେ ଦାନ,
ଦେବତାଗଣଙ୍କ ଦୁଃଖ ଦୂରେଇବା ପାଇଁ
ମହିଷାସୁରର କଲୁ ତୁ ଶିରଚ୍ଛେଦନ ।।

ଧନ୍ୟ ଧନ୍ୟ ମାଁ, ତୁହିଁ ଅଟୁ ଯେ ଧନ୍ୟ
ସେଥିପାଇଁ ମାଁ ତତେ ସଭିଏଁ କରନ୍ତି ପୂଜା,
ଆଶ୍ୱିନ ମାସର ଶୁକ୍ଲପକ୍ଷର ଷଷ୍ଠୀରେ
ହୁଏ ମାଁ ତୋ ନାମରେ ଦୂର୍ଗାପୂଜା।।

*ରିତେଶ ସାହୁ*
*ସାପଲହର, ବରଗଡ଼*


# ଜୟ ମା' ସିଂହ ବାହିନୀ



ମହିଷା ମର୍ଦ୍ଦିନୀ ଦୁର୍ଗତି ନାଶିନୀ
ଜୟ ଦୁର୍ଗା ମାଁ ବିଜୟା
ଜଗତ ଜନନୀ ମା' ସିଂହବାହିନୀ
କର ବାରେ ତୁମେ ଦୟା ।
ଦୁଃଖ ବିନାଶିନୀ ସୁଖ ପ୍ରଦାୟିନୀ
ସକଳ ଜନଙ୍କ ସାହା
ବ୍ରହ୍ମାଙ୍କ ବ୍ରାହ୍ମଣୀ ବିଷ୍ଣୁଙ୍କ ମୋହିନୀ
ଶିବଙ୍କ ଘରଣୀ ମାଆ ।
ତୁମ ଆଗମନେ ହସେ ଏ ଜଗତ
ଘରେ ଘରେ ତୁମ ପୂଜା
ତୁମ ଆବାହନେ ନାଚନ୍ତି ଭକତ
ବାଜୁଥାଏ ଢୋଲ ବାଜା ।
ତୁମେ ପୁଣ୍ୟତୋୟା ବିଶ୍ୱ ବନ୍ଦନୀୟା
ଝରାଅ ସ୍ନେହର ସୁଧା
ତୁମେ ଦଶଭୁଜା ତୁମେ ଦଶବିଦ୍ୟା
ରକ୍ଷାକର ଏ ବସୁଧା ।
ଅବତରି ଆସି ଏ ଧରା ଧାମକୁ
ନାଶକର ଦୁଷ୍ଟଜନ
ଧର୍ମ ରକ୍ଷା କରି ଅଧର୍ମ ବିନାଶୀ
ରଖ ସାଧୁଜନ ପ୍ରାଣ ।

*ରାମ ଚନ୍ଦ୍ର ପ୍ରଧାନ, ଶିକ୍ଷକ*
*ସାନ୍ତରାପଲ୍ଲୀ, ଗଞ୍ଜାମ*

# ଦୁର୍ଗା ସ୍ତବ



ହେ ଦେବୀ ! ତବ ପଦ ପୂଜିବି
ପ୍ରେମ ଶ୍ରଦ୍ଧା ଢାଳି ଭକ୍ତି କରିବି !! (ପଦ)

ଆସ ମା ଦୁର୍ଗେ ତୁ ମର୍ତ୍ତ୍ୟ ଭୁବନେ
ଚାହିଁ ରହି ଛନ୍ତି ଭକତ ଜନେ ।
ଶକ୍ତିଶାଳୀ କର ରାଷ୍ଟ୍ର ଆମର
ଭ୍ରଷ୍ଟାଚାର ଦୂର ଦେଶରୁ କର !! ହେ ଦେବୀ........(୧)

ଆସୁଅଛି ତୋର ପାର୍ବଣ ପରା
ଚାରୁ ଶ୍ୟାମଳ ଏ ସୁନ୍ଦର ଧରା ।
ଆସ ଆସ ଦେବୀ କରୁଣା କର
ଅମୃତ ଏ କାଳ କର ସୁନ୍ଦର !! ହେ ଦେବୀ.........(୨)

ଆଜି ଆଗ ପଛ ନାହିଁ ବିଚାର
ପାପ ପୁଣ୍ୟ ଚିନ୍ତା ନାହିଁ କାହାର ।
ନାରୀ ନିର୍ଯାତନା ଦେଶେ ହେଉଛି
ଭାରତବର୍ଷକୁ କଷ୍ଟ ଦେଉଛି !!

ସ୍ବାର୍ଥରେ  ଜଡ଼ିତ  ରହନ୍ତି  ନେତା
ଦେଶରେ ଆଣନ୍ତି  ଜାତିର  ପ୍ରଥା
ସସ୍ତା ରାଜନୀତି  ଲାଭର  ପାଇଁ
ନାହିଁ ସେବାଭାବ ଶାସନେ ଥାଇ!! ହେ ଦେବୀ......(୪)

ନୂଆ ଏ ଭାରତ ସାଜିଛି ଏବେ
ଆତ୍ମନିର୍ଭର  ଟି  ହୁଅନ୍ତି  ସର୍ବେ
ଭୟ  ଅଙ୍କୁରିତ ଦେଶ ଶତ୍ରୁର
ନିତ୍ୟେ ଷଡ଼ଯନ୍ତ୍ର ହୁଏ ତାଙ୍କର !! ହେ ଦେବୀ........(୫)

ମାରିଲ ମହିଷା  ଭକ୍ତଙ୍କ ପାଇଁ
ଧର୍ମର   ସ୍ଥାପନା କରିଲ ଭୁଇଁ ।
ଦୂରେଇ ଦିଅହେ ଦେଶ ଶତ୍ରୁକୁ
ଆସ ଆସ ଦେବୀ ମର୍ତ୍ତ୍ୟ ପୁରକୁ !! ହେ ଦେବୀ.......(୬)

ଶତ୍ରୁ ଦୂର କର ହେ ଶୈଳପୁତ୍ରୀ
ହେ ବ୍ରହ୍ମଚାରୀଣି, ଶାନ୍ତି ଧରିତ୍ରୀ
ଚନ୍ଦ୍ରଘଣ୍ଟା  ରୂପ  ହୋଇ  ପ୍ରକଟ
ଦୂର  କର  ବିଘ୍ନ  ଦେଶ  ସଙ୍କଟ !! ହେ ଦେବୀ......(୭)

ଶକ୍ତିସ୍ବରୂପୀଣୀ  ରୂପ   ଧରିଣ
ରକ୍ଷା ଦେବୀ ଆମ କଷ୍ଟ ହରିଣ

କୂଷ୍ମାଣ୍ଡା ରୂପରେ ହେ ମାହେଶ୍ୱରୀ
ଗୁଞ୍ଜୁ ପ୍ରେମ ପ୍ରୀତି ଏ ମର୍ତ୍ତ୍ୟପୁରୀ !! ହେ ଦେବୀ......(୮)

ଚନ୍ଦ୍ରଘଣ୍ଟା ନାମ ଅଟେ ତୋହର
ଉଜ୍ଜ୍ୱଳ  ଭବିଷ୍ୟ କର ଦେଶର
ମାତା କାତ୍ୟାୟନୀ ହେ କାଳରାତ୍ରି
ସ୍କନ୍ଦ ମାତା ରୂପେ ପାଳ ଧରିତ୍ରୀ !! ହେ ଦେବୀ.......(୯)

ମହା ଗୌରୀ ରୂପ ଧରି ଜନନୀ
ପାପିଙ୍କ ବିନାଶ କର ଭବାନୀ
ମହିଷା  ମର୍ଦ୍ଦିନୀ ପଦେ ଗୁହାରି
ବିଶ୍ୱ  ଗୁରୁ  କର  ଦେଶ ଆମରି !! ହେ ଦେବୀ.....(୧୦)

*ଅଜିତ କୁମାର ରାଉତ*
*କଳାବାଡିଆ, ସଭାପତି ଉତ୍କଳ ସମ୍ମିଳନୀ*
*ଷଢ଼େଇକଳା ଖରସୁଆଁ*
*ରାଜନଗର, ଝାଡ଼ଖଣ୍ଡ*

# କାଶତଣ୍ଡୀ ଫୁଲ ବିମୋହିତ ରୁ ମା' ଙ୍କ ଆଗମନର ସୂଚନା



ପାର୍ବଣ ଋତୁରେ ମହକୁଛି କାଶତଣ୍ଡୀ ଫୁଲ । ରାସ୍ତାକଡ଼ ହେଉ କି ନଈପଠା, ସବୁଠି ଏବେ କାଶତଣ୍ଡୀ ଫୁଲର ଭଣ୍ଡାର । କାଶତଣ୍ଡୀ ଫୁଲର ଚାମର ସ୍ପର୍ଶରେ ଧରାବତରଣ କରନ୍ତି ମା' ଦୁର୍ଗା । ଆଉ କାଶତଣ୍ଡୀ ଫୁଲର ସୌନ୍ଦର୍ଯ୍ୟ ଶରୀର ଓ ମନକୁ ଉତଫୁଲ୍ଲିତ କରିଦିଏ । ମାଆଙ୍କ ଆଗମନର ବାର୍ତ୍ତା ନେଇ କାଶତଣ୍ଡୀ ଧରାକୁ ସଜ୍ଜିତ କଲାଣି । ରାସ୍ତାକଡରୁ ଆରମ୍ଭ କରି ନଦୀ ପଠା ଯାଏଁ ସବୁଆଡେ ସୌନ୍ଦର୍ଯ୍ୟ ଭରିଯାଇଛି ।ଏହି କାଶତଣ୍ଡୀ ଫୁଲର ସୌନ୍ଦର୍ଯ୍ୟରେ ପଥିକ ଟିଏ ବିମୋହିତ ହୋଇ ଘଡିଏ ଅଟକି ଯାଏ ।

ନୀଳ ଆକାଶ ତଳେ ହସୁଛି କାଶତଣ୍ଡୀ ଫୁଲ । ଜଗତ୍ ଜନନୀ ମା ଦୁର୍ଗାଙ୍କର ଧରାବତରଣର ସୂଚନା ଦେଇଥାଏ ଏହି କାଶତଣ୍ଡୀ । ଶସ୍ୟ ଶ୍ୟାମଳା ସାଜିଛି ଧରଣୀ ମା । ନଦୀ ପଠାରୁ ନେଇ ରାସ୍ତା କଡ ସବୁଆଡେ କାଶତଣ୍ଡୀର ସମ୍ଭାର । ସତେ ଯେମିତି ଧଳା ମଲମଲ ଚାଦରରେ ଘୋଡେଇ ହୋଇଛି ଧରଣୀ ମା ।

ଦଶହରା ଓଡ଼ିଶାରେ ପାଳିତ ଏକ ଗଣପର୍ବ । ଓଡ଼ିଶା ଭିନ୍ନ ବିଭିନ୍ନ ଭାରତୀୟ ରାଜ୍ୟରେ ଏହା ଦଶେରା, ନବରାତ୍ରି, ଦୁର୍ଗା ପୂଜା ନାମରେ ସମାନ ସମୟରେ ପାଳିତ । ଏହା ଆୟୁଧ ପୂଜା ବା ଅସ୍ତ୍ରପୂଜା ନାମରେ ଓଡ଼ିଶାରେବହୁ ଆଗରୁ ପୁର ପଲ୍ଲୀ ରୁ ଆରମ୍ଭ ହେଉଛି ଏବେବି ପାଳିତ ହେଉଛି ।ଯାହା ପରେ ବଙ୍ଗରୁ ଆରମ୍ଭ ମାଟି ମୂର୍ତ୍ତି

ନିର୍ମାଣ କରି ଦୁର୍ଗା ପୂଜା ଅଥବା ଉତ୍ତର ଭାରତରେ ପାଳିତ "ନବରାତ୍ରି" ସହିତ ପାଳିତ ହୋଇଆସୁଛି । ଦଶହରା ଅବସରରେ ଖଣ୍ଡା, ଢାଲ, ଲଙ୍ଗଳ ଲୁହା, କରଣୀ ଆଦି ବିଭିନ୍ନ ପାରମ୍ପାରିକ ଯନ୍ତ୍ର ଓ ଉପକରଣ ଆଦି ଏହି ଦିନ ପୂଜା କରାଯାଇଥାଏ । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ କୃଷିଭିତ୍ତିକ ଉପକରଣ ହଳ-ଲଙ୍ଗଳ, ଐତିହାସିକ ଯୁଦ୍ଧରେ ଅରି ପରାହତ ନିମନ୍ତେ ବ୍ୟବହାର ହୋଇଥିବାରୁ ଖଣ୍ଡା, ଢାଲ ଆଦି ଉପକରଣ ତଥା ନଥିକରଣରେ ମୁଖ୍ୟ ଭୂମିକା ନିଭାଇଥିବାରୁ କରଣୀଆଦି ଉପକରଣକୁ ଏହି ଦିନ ପୂଜା କରାଯାଇଥାଏ । ଏହା ଓଡ଼ିଶାର ବିଭିନ୍ନ ଜାତିର ଲୋକଙ୍କ କୌଳିକ ପେଷାର ଉପକରଣମାନଙ୍କ ପ୍ରତି ଅଙ୍ଗୀକାରବଦ୍ଧତାକୁ ଦର୍ଶାଇବା ନିମନ୍ତେ ପାଳିତ ହୋଇଥାଏ ।

ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ । ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶୀର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରି ପାଇଥିଲେ ଓ ସମାଧି ବୈଶ୍ୟ ମଧ୍ୟ ନିଜର ଅଭିଳଷିତ ବର ଲାଭ କରି ପାରିଥିଲେ । ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟୀତା ହେଲେ । ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ,ଶେଷରେ ଦେବୀ ସିଂହ ବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ । ଅନେକ ସମୟ ଯୁଦ୍ଧ କଲାପରେ ଦେବୀ ଶୂଳଦ୍ୱାରା ମହିଷାର ହୃଦୟ ବିଦ୍ଧ କଲେ, ଖଡ୍ଗଦ୍ୱାରା ଶିରଚ୍ଛେଦ କଲେ । ସେହି

ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହିସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ । ତ୍ରେତୟା ଯୁଗରେ ରାବଣକୁ ପରାସ୍ତ କରିବା ନିମନ୍ତେ ରାମଚନ୍ଦ୍ର ଚୈତ୍ର ବଦଳରେ ଆଶ୍ୱିନରେ ଏହି ପୂଜା କରିଥିଲେ, ସେବେଠାରୁ ଏହା ଉଭୟ ଚୈତ୍ର ବାସନ୍ତୀ ନବରାତ୍ର ଓ ଆଶ୍ୱିନ ଶାରଦ ନବରାତ୍ର ଭାବେ ବିଦିତ ଓ ଉଭୟ ସମୟରେ ଦେବୀଙ୍କ ମହାପୂଜା ପ୍ରଚଳିତ । ନବମୀର ପରବର୍ତ୍ତୀ ଦିନ ବିଜୟଉତ୍ସବ ବା ବିଜୟାଦଶମୀ ପାଳିତ ହୁଏ,ଏହା ଦେବତାମାନଙ୍କଦ୍ୱାରା ମା ଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରାକୁ ସୂଚାଏ ।

ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ । ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ 'ବାସନ୍ତୀ ପୂଜା' କୁହାଯାଏ । ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତିରେ ଉତ୍‌ଫୁଲ୍ଲ ହୋଇ ଜନ-ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ, ମାତ୍ର ଏକ ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଅଛି । ଏହି ଶାରଦୀୟ ପର୍ବ ଭାରତର ପୁରପଲ୍ଲୀରେ ଦଶହରା ପର୍ବରୂପେ ପାଳନ କରାଯାଏ । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା । ଦୁର୍ଗାପୂଜା ପରି ଦଶହରା ପର୍ବ ମଧ୍ୟ ବର୍ଷକରେ ଦୁଇଥର ପାଳନ କରାଯାଏ । ଜ୍ୟେଷ୍ଠମାସ ଶୁକ୍ଳଦଶମୀ ହେଉଛି ଗଙ୍ଗାମାତାଙ୍କର ଜନ୍ମଦିବସ । ଏହିଦିନ ଗଙ୍ଗାପୂଜା କରି ଗଙ୍ଗାନଦୀରେ ସ୍ନାନ କଲେ ତ୍ରିବିଧ ପାପ ଖଣ୍ଡନ ହୁଏ ବୋଲି ଏହି ତିଥିକୁ 'ଦଶହରା' ବା 'ଦଶବିଧ' ପାପହରଣ ଦିବସ କୁହାଯାଏ । ଏହି ତିଥିଟି ଲୋକମୁଖରେ 'ଗଙ୍ଗା ଦଶହରା' ନାମରେ ପରିଚିତ । ଅନ୍ୟ ଦଶହରା ପର୍ବଟି ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ପାଳିତ ହୁଏ

। ଏହି ଦୁର୍ଗାପୂଜାର ଶେଷ ଦିବସ । ଏହି ଦଶହରା ପର୍ବ ଭାରତରେ ସର୍ବଜନବିଦିତ ପର୍ବ । ତେଣୁ 'ଦଶହରା' କହିଲେ ସମସ୍ତେ ଆଶ୍ୱିନ ଶୁକ୍ଳ ଦଶମୀକୁ ହିଁ ବୁଝନ୍ତି । ଏହି ଦଶହରା ଦିବସରେ ରାମଚନ୍ଦ୍ର ମାତୃଶକ୍ତି ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ 'ବିଜୟା ଦଶମୀ' କୁହାଯାଏ । ପୁଣି ଏହି ଦିବସର ଅବ୍ୟବହିତ ପୂର୍ବରୁ ସିଂହବାହିନୀ ଆଦ୍ୟା ଶକ୍ତି ଦୁର୍ଗା ଦୁର୍ଦ୍ଦମନୀୟ ମହିଷାସୁରକୁ ବଧ କରି ଦେବତାମାନଙ୍କର ମଙ୍ଗଳ ବିଧାନ କରିଥିଲେ । ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ କନ୍ୟାମାସ ବା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା । ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲା । ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ହେଲେ । ମହାମାରୁ ନବମୀ ରାତିର ଅନ୍ଧକାର ସହ ତ୍ରୈଲୋକ୍ୟରୁ ଅମଙ୍ଗଳର ଛାୟା ଅପସରି ଗଲା, ଶୁକ୍ଳ ଦଶମୀରେ ସବୁପ୍ରକାର ଶୁଭକାର୍ଯ୍ୟର ଆରମ୍ଭ ହେଲା । ଏହିଦିନ ଜଗତର ଦୁଃଖ ହରଣ ହୋଇଥିବାରୁ ଏହା 'ଦୁଃଖହା ଦଶମୀ' ନାମରେ ଖ୍ୟାତି ଲାଭ କରିଅଛି ବୋଲି ଆଦିକବି ଶୂଦ୍ରମୁନି ସାରଳା ଦାସ 'ଚଣ୍ଡୀପୁରାଣ'ରେ ଲେଖିଛନ୍ତି । 'ଦୁଃଖହା ଦଶମୀ' ଦିନ ମହାଦଶାରୁ ଉଦ୍ଧାର ପାଇ ଦେବତାମାନେ ମହାଶକ୍ତି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଏ ।

ଦେବୀ ମାହାତ୍ମ୍ୟ' ମତେ: 'ଚଣ୍ଡୀ' ଶୁଣି ରାଜ୍ୟଭ୍ରଷ୍ଟ ରାଜା ସୁରଥଙ୍କର ମୋହ ତୁଟିଯିବା ପରେ ସେ ଦୁର୍ଗାପୂଜାର ପରମ୍ପରା ସୃଷ୍ଟି କରିଥିଲେ । ଦେବୀପୀଠଗୁଡ଼ିକରେ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହୁଏ । ଏହାକୁ ଷୋଳପୂଜା କୁହାଯାଏ । ଶୁକ୍ଳପକ୍ଷ ସପ୍ତମୀ ଦିନ ମୃଣ୍ମୟୀ

ପ୍ରତିମା ଓ ଘଟ ସ୍ଥାପିତ ହୁଏ । ଅଷ୍ଟମୀଦିନ ମହାଷ୍ଟମୀ ପୂଜା ଓ ବଳିଦାନ କରାଯାଏ । 'ବଳି' ଶବ୍ଦର ଅର୍ଥ ହେଉଛି ଉପହାର । ଜଗତଜନନୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି ଉପହାର ଦେବାକୁ ପଡେ । ତେଣୁ ଦେବୀପୂଜାରେ ବଳିଦାନର ବ୍ୟବସ୍ଥା ରହିଅଛି । ନବମୀ ଦିନ ରକ୍ତମୁଖା ଦେବୀଙ୍କୁ ଶାନ୍ତ କରିବା ପାଇଁ ଶାନ୍ତି ବୋଦା ପଡେ । ଦଶମୀ ଦିନ ମହା ସମାରୋହରେ ମୃଣ୍ମୟୀ ଦେବୀ ପ୍ରତିମା ଓ ଘଟ ବିସର୍ଜନ କରାଯାଏ । ପୁରୀଠାରେ ଦଶହରା ପରଦିନ ଦୁର୍ଗାଙ୍କର କ୍ରୋଧାନ୍ୱିତା ଶକ୍ତି 'ଗୋସାଣୀ ଯାତ' ଏବଂ ଏହି ତିଥିକୁ ଗୋସାଣୀ ଏକାଦଶୀ କୁହାଯାଏ । ଶାରଦୀୟ ଦୁର୍ଗାପୂଜାରେ ମହାସ୍ନାନ ବଳି ଏବଂ ହୋମର ବ୍ୟବସ୍ଥା ଥିବାରୁ ଏହାକୁ 'ମହାପୂଜା' ମଧ୍ୟ କୁହାଯାଏ । ବିବିଧ କାରଣରୁ ଦଶହରା ପର୍ବ ପାଳନ କରାଯାଉଥିବାରୁ ଏହା ଏକ ମହାନ ପାର୍ବଣରେ ପରିଣତ ହୋଇଅଛି । ଏହି ପର୍ବର ମହତ୍ତ୍ୱ ବିଷୟରେ ଦେବୀ ପୁରାଣରେ କୁହାଯାଇଛି ଯେ ଏହା ଏକ ମହାନ, ପବିତ୍ର ବ୍ରତ ଏବଂ ଏହି ବ୍ରତ ପାଳନ କଲେ ସିଦ୍ଧି ଲାଭ ହୁଏ ଓ ଶତ୍ରୁମାନେ ପରାଜିତ ହୁଅନ୍ତି । କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭର ପୂର୍ବରୁ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ବନଦୁର୍ଗାଙ୍କର ଆରାଧନା କରିବା ପାଇଁ ଉପଦେଶ ଦେଇଥିଲେ । ଇତିହାସ ପ୍ରସିଦ୍ଧ ଛତ୍ରପତି ଶିବାଜୀ ମଧ୍ୟ ମୋଗଲମାନଙ୍କ ସହ ଯୁଦ୍ଧ କରିବା ସମୟରେ ଦୁର୍ଗାଙ୍କର ଉପାସନା କରିଥିଲେ । ଦଶହରା ପର୍ବରେ ଦେବୀଙ୍କ ଶକ୍ତିର ପ୍ରତିଷ୍ଠା ପାଇଁ ଖଡ୍ ଗ ପୂଜା କରାଯାଏ । ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି । ଭାଦ୍ରବ ମାସ ଶୁକ୍ଳ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦ୍ ଯାପନ ପର୍ବ ମଧ୍ୟ ଦଶହରା ତିଥିରେ ପାଳିତ ହୁଏ । ପରମ- ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ । ସେ ମହାବିଦ୍ୟା, ମହାମାୟା ମହାଯୋଗେଶ୍ୱରୀ । ତାଙ୍କର 'କ୍ଷର' ବା ଶେଷ ନଥିବାରୁ ସେ 'ଅକ୍ଷରା' ।

ଦେବୀ ଭାଗବତର ମତେ, ରାବଣର ନିଧନ ପାଇଁ ବ୍ରହ୍ମାଙ୍କ ପରାମର୍ଶ ମତେ ଶ୍ରୀରାମ ବସନ୍ତ କାଳରେ ଦେବୀପୂଜା କରିବାକୁ ଚାହିଁଲେ। କାରଣ, ଶରତକାଳ ଅକାଳ, ଆଷାଢ଼ ଶୁକ୍ଳ ଏକାଦଶୀ (ହରିଶୟନ ଏକାଦଶୀ) ଠାରୁ ହେମନ୍ତ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଦେବତାମାନେ ନିଦ୍ରା ଯାଆନ୍ତି । ବ୍ରହ୍ମାଙ୍କ ନିର୍ଦ୍ଦେଶ ମତେ ଶ୍ରୀରାମଚନ୍ଦ୍ର କନ୍ୟାରାଶିର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଦେବୀଙ୍କ ଅକାଳ ବୋଧନ ନିମନ୍ତେ ପୂଜାର ଆୟୋଜନ କରିଥିଲେ । ଶ୍ରୀରାମ ଧ୍ୟାନ ବଳରେ, ଦେବୀ କୁମାରୀ ରୂପରେ ବିଲ୍ୱବୃକ୍ଷ ଶାଖାରେ ଶାୟିତ ଥିବା ଜାଣିପାରି, ସକାଳେ କଳ୍ପାରମ୍ଭ ଓ ସନ୍ଧ୍ୟାବେଳେ ବିଲ୍ୱବୃକ୍ଷମୂଳେ ଆରମ୍ଭ କଲେ ଦେବୀଙ୍କ୍ ବୋଧନ । ଏହାପରେ ସପ୍ତମୀ ତିଥିରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ । ସେତେବେଳେ ମଧ୍ୟ ଦେବୀ ସୁପ୍ତ ଅବସ୍ଥାରେ ଥିବାରୁ ଅଷ୍ଟମୀ ତିଥିରେ ଯୋଗିନୀଗଣଙ୍କୁ ଆହ୍ୱାନ କରି ଦେବୀଙ୍କୁ ପୁଣି ପୂଜା କଲେ । ଆଗତ ଯୋଗିନୀଗଣଙ୍କ କୋଳାହଳରେ ଦେବୀ କେବଳ କଡ଼ ଲେଉଟାଇ ପୁଣି ଶୋଇଲେ । ଏହା ପରେ ଅଷ୍ଟମୀର ଶେଷ ଓ ନବମୀର ଆରମ୍ଭ ବା ସନ୍ଧିକ୍ଷଣ ସମୟରେ ଶ୍ରୀରାମଚନ୍ଦ୍ର କଲେ ସନ୍ଧିପୂଜା । ଅଷ୍ଟମୀର ଚବିଶ ମିନଟ ଓ ନବମୀର ଚବିଶ ମିନଟ, ଏହିପରି ମୋଟ ଅଠଚାଳିଶ ମିନଟ ଧରି ଦେବୀ ଚାମୁଣ୍ଡାଙ୍କର ଏହି ବିଶେଷ ସନ୍ଧିପୂଜା କରିଥିଲେ । ଶ୍ରୀରାମ ଚାମୁଣ୍ଡାଙ୍କୁ ଆବାହନ କରି ଦେବୀ ଦୁର୍ଗାଙ୍କୁ ଉଠାଇବା ପାଇଁ ନିବେଦନ କଲେ । ଚାମୁଣ୍ଡାଙ୍କ ସହଯୋଗ ଫଳରେ ନବମୀ ତିଥିରେ ଦେବୀ ଦୁର୍ଗା ଜାଗ୍ରତ ହେଲେ । ଏତିକିବେଳେ ସେ ଦେବୀଙ୍କୁ କୁମାରୀ ରୂପରେ ଦର୍ଶନ କରି ଯୋଗିନୀମାନଙ୍କ ସହିତ ବିଶେଷ ପୂଜା କରି ଏକାସାଙ୍ଗେ ଶହେଆଠ ନୀଳପଦ୍ମ ଅର୍ପଣ କରିଥିଲେ । ସେହି ଦିନଠାରୁ କୁମାରୀ ରୂପୀ ଦେବୀଙ୍କର ପୂଜାର ଆରମ୍ଭ ।

ଘଟପୂଜା ପରମ୍ପରା ହେଉଛି ଶରତକାଳୀନ ଦୁର୍ଗା ହେଉ ଅଥବା ବାସନ୍ତି ଦୁର୍ଗାପୂଜା, ଏଥିରେ ମୂର୍ତ୍ତି ସ୍ଥାପନ କରାଯାଇ ଜୀବନ୍ୟାସ କର୍ମ ସହ ପୂଜା ନିୟମ ପ୍ରଣୟନ ହେଉଥିଲେ ମଧ୍ୟ ଘଟସ୍ଥାପନ ଜନିତ ପୂଜା ଆବହମାନ କାଳରୁ ପ୍ରଚଳିତ । ବିଭିନ୍ନ ଭାବରେ ମୂର୍ତ୍ତିପୂଜାର ଆଦର ବଢିଥିଲେ ମଧ୍ୟ ମୂଳ ତତ୍ତ୍ୱକୁ ବାଦ ଦେବା ସମ୍ଭବ ହୋଇନାହିଁ । ବାସନ୍ତୀ ଦୁର୍ଗାପୂଜା ବିଶେଷ ଭାବେ ପାଳିତ ହୋଇ ନ ଥାଏ । ଅନ୍ୟପକ୍ଷରେ ଶରତକାଳୀନ ଦୁର୍ଗାପୂଜା ଏବେ ସାର୍ବଜନୀନ ପୂଜାର ସ୍ୱୀକୃତି ପାଇଛି, କିନ୍ତୁ ଉଭୟ ପୂଜା ଏବଂ ତା'ର ବିଧାନ ପ୍ରାୟତଃ ସମାନ ।

ଏହି ଘଟରେ ଆମେ କେଉଁ କେଉଁ ଦେବତାଙ୍କୁ ଆବାହନ କରିଥାଉ । ଅବଶ୍ୟ ଜଳରେ ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ ଏବଂ କାବେରୀର ପବିତ୍ର ଭାବଧାରାକୁ ସମ୍ମିଶ୍ରଣ କରାଯାଏ । ଗୋଟିଏ ଘଟ ମଧ୍ୟରେ ଅର୍ଥାତ ବିନ୍ଦୁ ମଧ୍ୟରେ ସିନ୍ଧୁର ପରିକଳ୍ପନା ହୋଇଥାଏ । ସେହିପରି ବିଘ୍ନ ବିନାଶକ ଗଣନାୟକ, ଜଳର ଦେବତା ବରୁଣ, ଇନ୍ଦ୍ର ଏବଂ ଦଶଦିଗପାଳ, ସୂର୍ଯ୍ୟଙ୍କ ସହ ନବଗ୍ରହ ଏବଂ ଗ୍ରାମଦେବତୀଙ୍କୁ ଆବାହନ କରି ଘଟରେ ସ୍ଥାପନା କରାଯାଇ ପୂଜା କରାଯାଏ । ଅନ୍ୟ ପକ୍ଷରେ ଘଟ ମୁଖରେ ଶିବ, କଣ୍ଠରେ ବିଷ୍ଣୁ, ତଳ ଭାଗରେ ବ୍ରହ୍ମା, ମଧ୍ୟଭାଗରେ ଅଷ୍ଟାଦଶ ମାତୃଗଣ, କୁକ୍ଷୀରେ ସପ୍ତସାଗର, ସପ୍ତଦ୍ୱୀପ ପୃଥିବୀ ଏବଂ ଉଦରରେ ସମସ୍ତ ତୀର୍ଥକୁ ସ୍ମରଣ କରି ପୂଜା କରାଯାଏ ।

ନବମୀରେ କୁମାରୀ ପୂଜାକରିଥିଲେ । ଶ୍ରୀରାମଚନ୍ଦ୍ର ରାବଣଙ୍କୁ ବଧ କରିବା ପାଇଁ ଶରତ କାଳରେ ଶ୍ରୀ ଶ୍ରୀ ଦୁର୍ଗାପୂଜା କରିଥିଲେ । ଏହାକୁ 'ଅକାଳବୋଧନ' କୁହାଯାଏ । କାରଣ ଶରତକାଳ ସୂର୍ଯ୍ୟ ଦକ୍ଷିଣାୟନ କରନ୍ତି । ଶ୍ରାବଣ ମାସରୁ ପୌଷମାସ ସୂର୍ଯ୍ୟଙ୍କ

ଦକ୍ଷିଣାୟନ; ମାଘରୁ ଆଷାଢ଼ ସୂର୍ଯ୍ୟଙ୍କର ଉତ୍ତରାୟନ । ଦକ୍ଷିଣାୟନ ଦେବତାଙ୍କର ରାତ୍ରି । ତେଣୁ ଉତ୍ତରାୟନ ଦେବତାଙ୍କ ଆରାଧନାର ପ୍ରକୃଷ୍ଟ ସମୟ । ରାବଣ, ବ୍ରହ୍ମାଙ୍କ ବରରେ ଅପାରଶକ୍ତିର ଆଧିକାରୀ ହୋଇଥିବାରୁ ତାଙ୍କୁ ବଧ କରିବା ନିମନ୍ତେ ଦେବୀଙ୍କ କୃପା ଆବଶ୍ୟକ । ତେଣୁ ବ୍ରହ୍ମା ଶ୍ରୀରାମଚନ୍ଦ୍ରଙ୍କୁ ଶରତ କାଳରେ ଦେବୀଙ୍କ କଳ୍ପାରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ । ଶ୍ରୀରାମଚନ୍ଦ୍ର ଦ୍ୱନ୍ଦ୍ୱରେ ପଡ଼ିଲେ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ନିର୍ଦ୍ଦେଶ ଓ ଦେବଦେବୀଙ୍କର ଦକ୍ଷିଣାୟନ । ଦେବୀ ଜାଗ୍ରତ ନା ନିଦ୍ରିତ ? ଦେବୀ ଏବେ ଆବିର୍ଭୂତ ହେବେ ତ ? ତେଣୁ ସେ ଧ୍ୟାନମଗ୍ନ ହୋଇ ଜାଣିପାରିଲେ ଦେବୀ ତ୍ରିଶାଖା ବିଲ୍ୱଦଳରେ 'କୁମାରୀ' କନ୍ୟା ରୂପେ ଶାୟିତ । ଏହି ଦୃଶ୍ୟ ଅବଲୋକନ କରି ବିଭୋର ହେଲେ ଶ୍ରୀରାମଚନ୍ଦ୍ର । ଦେବୀଙ୍କୁ ଜାଗ୍ରତ କରାଇବେ ।ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଷଷ୍ଠୀଦିନ 'ବିଲ୍ୱାଧିବାସ' କଲେ ଶ୍ରୀରାମଚନ୍ଦ୍ର । ଷଷ୍ଠୀପରେ ସପ୍ତମୀରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ ମଧ ଦେବୀଙ୍କର ନିଦ୍ରାଭଙ୍ଗ ହେଲାନି । ଅଷ୍ଟମୀରେ ଯୋଗିନୀମାନଙ୍କୁ ଡାକି ବିଶେଷ ପୂଜାକରିଲେ ଶ୍ରୀରାମ । ତେଣୁ ଅଷ୍ଟମୀର ଶେଷ ଦଣ୍ଡ ଓ ନବମୀର ପ୍ରଥମ ଦଣ୍ଡ ସନ୍ଧିକ୍ଷଣରେ ପୂଜା କଲେ । ଏହାକୁ 'ସନ୍ଧିପୂଜା' କୁହାଯାଏ । ଚାମୁଣ୍ଡା ଦେବୀଙ୍କ ସହାୟତାରେ ଶ୍ରୀରାମଚନ୍ଦ୍ର ଏହି 'ସନ୍ଧିପୂଜା' କରିଥିଲେ । ଏହି ପୂଜା ପରେ ଅର୍ଥାତ୍ ନବମୀ ଦିନ ଦେବୀ ଜାଗ୍ରତ ହେଲେ ଏବଂ ପୁନର୍ବାର 'କୁମାରୀ' ରୂପରେ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନ ଦେଲେ । ତେଣୁ ନବମୀ ଦିନ କୁମାରୀ ପୂଜାର ପ୍ରଚଳନ ଅଛି । କୁମାରୀ ସାକ୍ଷାତ ଯୋଗିନୀ, ପରମାଦେବୀ ପୁଣି ପରମପ୍ରକୃତି । ଶ୍ରୀ ଶ୍ରୀ ଚଣ୍ଡୀରେ ଉଲ୍ଲେଖ ଅଛି 'ସ୍ତ୍ରୀୟା ସମସ୍ତା ସକଳ ଜଗତ ସୁ' ଅର୍ଥାତ୍ ସମସ୍ତ ସ୍ତ୍ରୀ ଜାତି ବ୍ରହ୍ମମୟୀ, ମହାମାୟା ଜଗଜ୍ଜନନୀଙ୍କର ଏକ ଅଂଶ ବିଶେଷ । ପ୍ରତି ନାରୀ ଭଗବତୀଙ୍କ ଅଂଶ ହେଲେ ମଧ କୁମାରୀଙ୍କ ମଧ୍ୟରେ ଭଗବତ୍ ସତ୍ତା ବିଶେଷ ଭାବରେ ପ୍ରକାଶିତ । ତନ୍ତ୍ରମତେ ଷୋହଳ ବର୍ଷ ପର୍ଯ୍ୟନ୍ତ ଅବିବାହିତା କନ୍ୟାଙ୍କୁ କୁମାରୀ କୁହାଯାଏ ।

ଯେତେଦିନ ପର୍ଯ୍ୟନ୍ତ କନ୍ୟା ଋତୁମତୀ ନ ହୁଅନ୍ତି ସେତେଦିନ ପର୍ଯ୍ୟନ୍ତ 'କୁମାରୀ' ତାହା କୁସୁମପରି ପବିତ୍ର । ତେଣୁ ସେତେଦିନ ପର୍ଯ୍ୟନ୍ତ କନ୍ୟା ଦେବସେବାରେ ନିବେଦିତ ହୋଇପାରିବେ । ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ର ଦେବୀ ଦୁର୍ଗାଙ୍କୁ କୁମାରୀ ରୂପରେ ଦର୍ଶନ କରିଥିଲେ ଏବଂ ପୂଜା କରିଥିଲେ ମଧ ପରବର୍ତ୍ତୀକାଳରେ ଶ୍ରୀଶ୍ରୀ ରାମକୃଷ୍ଣ ଓ ତାଙ୍କର ଶିଷ୍ୟ ବିବେକାନନ୍ଦ ଏହାର ବହୁଳ ପ୍ରଚାର କରିଥିଲେ ଏବଂ ରାଣୀ ରାସମଣୀ ଦେବୀଙ୍କଦ୍ୱାରା କୁମାରୀ ପୂଜାକରାଇ ଏହାର ପ୍ରସାର ମଧ କରିଥିଲେ। କାରଣ କୁମାରୀଙ୍କ ମଧରେ ଭଗବତ୍ ସତ୍ତା ଅନୁଭବ କରିଥିଲେ । ଏଣୁ ଦୁର୍ଗାପୂଜାର ନବମୀ ରାତ୍ରିରେ କେତେକ ବ୍ରାହ୍ମଣ ବଂଶୀୟ ସାତରୁ ଆଠ ବର୍ଷର କନ୍ୟାକୁ ପାଦରେ ଅଳତା, ଆଖିରେ କଜ୍ଜଳ ଓ କପାଳରେ ଚନ୍ଦନ ଟିପା ଦେଇ ସୁନ୍ଦର ଭାବରେ ସଜାଇ ନୂତନ ଶାଢ଼ି ପରିଧାନ କରାଇ ବିଭିନ୍ନ ଉପଢ଼ୌକନ ଦେଇ ପୂଜା କରାଯାଏ । ଏହାକୁ 'କୁଆଁରୀ ଲକ୍ଷ୍ମୀ' ପୂଜା କୁହାଯାଏ । ଓଡ଼ିଶାର ସବୁ ପୂଜାମଣ୍ଡପରେ ନବମୀ ଦିନ କୁମାରୀ ପୂଜା କରା ନ ଗଲେ ମଧ କଟକ ଜିଲ୍ଲାର ପୁନଙ୍ଗ ଗ୍ରାମର ଘୋଷଘର ପୂଜାମଣ୍ଡପରେ ଆବାହମାନକାଳରୁ କୁମାରୀ ପୂଜା ହୋଇଆସୁଛି ଏବେ କିନ୍ତୁ ଅନ୍ୟତ୍ର ଗ୍ରାମାଞ୍ଚଳରେ ମଧ କୁମାରୀ ପୂଜା ଆରମ୍ଭ ହେଲାଣି ।କଥା କଥିତ ରେ ଅଛି, ଯେଉଁମାନେ ଏହି ପୂଜା ଦର୍ଶନ କରନ୍ତି, ସେମାନେ ଚତୁର୍ବର୍ଗ ଫଳ ପାଆନ୍ତି । କୁମାରୀ ପୂଜା ହେଉଛି ନାରୀଜାତି ପ୍ରତି ସମ୍ମାନ ପ୍ରଦର୍ଶନର ଏକ ପ୍ରକ୍ରିୟା ମାତ୍ର ।

ଅନ୍ୟଟି ଚୈତ୍ରମାସର ଶୁକ୍ଳ ଦଶମୀ ଯାହାକୁ ବାସନ୍ତୀ ଦୁର୍ଗାପୂଜା କୁହାଯାଏ । ଜ୍ୟୈଷ୍ଠ ଶୁକ୍ଳ ଦଶମୀ ଦିନଟି ଗଙ୍ଗାମାତାଙ୍କୁ କେନ୍ଦ୍ରକରି ଗଙ୍ଗା ଦଶହରା ଭାବେ ପାଳନ କରାଯାଏ । ଦଶଦୋଷ ବା ପାପରୁ ଯିଏ ମୁକ୍ତକରାଏ ସିଏ ଦଶହରା । ଏହି ଦିନ ଗଙ୍ଗାଘାଟରେ ବୁଡ଼ ଦେଲେ ମନୁଷ୍ୟର ସମସ୍ତ ପାପ ଧୋଇ ହୋଇଥାଏ ବୋଲି ବିଶ୍ୱାସ

ରହିଛି । ଗଙ୍ଗାସ୍ନାନ କଲେ ଅନେକ ପୁଣ୍ୟ ମିଳିଥାଏ, କିନ୍ତୁ ଏହି ଦିନରେ ସ୍ୱତନ୍ତ୍ର ପୁଣ୍ୟ ଲାଭ ହୋଇଥାଏ । ଲୋକକଥାରୁ ଶୁଣାଯାଏ ଯେ ଆଜିର ଏହିଦିନ ସ୍ୱୟଂ ଗଙ୍ଗାମାତା ଧରାବରଣ କରିଥିଲେ । ତାଙ୍କ ଆଗମନରେ ପୃଥିବୀବାସୀ ଧନ୍ୟ ହୋଇଥିଲେ । ତେଣୁ ତାଙ୍କ ଆଗମନ ଦିନକୁ ଗଙ୍ଗା ଦଶହରା ବୋଲି କୁହାଯାଏ । ଗଙ୍ଗା ଦଶହରାରେ ଗଙ୍ଗାଙ୍କ ମନ୍ଦିର ବ୍ୟତୀତ ଅନ୍ୟ ଦେବଦେବୀଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ହୋଇଥାଏ । ଗଙ୍ଗା ଦଶହରାରେ ଦାନପୁଣ୍ୟର ବିଶେଷ ମହତ୍ତ୍ୱ ରହିଛି ।

ସୂର୍ଯ୍ୟବଂଶୀ ରାଜା ଭରତ । ତାଙ୍କ ନାମାନୁସାରେ ଆମ ଦେଶର ନାମ ଭାରତ । ସେତେବେଳେ ଭାରତର ରାଜଧାନୀର ଥିଲା ଅଯୋଧ୍ୟା । ଭରତ ଅତ୍ୟନ୍ତ ପରାକ୍ରମୀ ଏବଂ ଧର୍ମଶୀଳ ରାଜା ଥିଲେ । କିନ୍ତୁ ତାଙ୍କ ପୁତ୍ର ମହାରାଜ ବାହୁ ଧର୍ମଭୀରୁ ଥିଲେ ମଧ୍ୟ ପରାକ୍ରମୀ ନଥିବାରୁ ଶତ୍ରୁମାନଙ୍କଦ୍ୱାରା ପରାଜିତ ହୋଇ ବନଗାମୀ ହେଲେ । ତାଙ୍କର ଦୁଇରାଣୀ ଥିଲେ । ପାରିବାରିକ କଳହରୁ ଜଣେ ବିଷପାନ କରି ପ୍ରାଣତ୍ୟାଗ କଲେ । ଅନ୍ୟଜଣକ ରାଣୀଠାରୁ ସଗର ଜନ୍ମ ଗ୍ରହଣ କଲେ । ତାଙ୍କର ମଧ୍ୟ ଦୁଇ ପତ୍ନୀ ଥିଲେ । ପ୍ରଥମପତ୍ନୀ ସୁମତୀଙ୍କ ଔରସରୁ ୬୦ ହଜାର ପୁତ୍ର ଜନ୍ମ ଗ୍ରହଣ କଲେ । ଦ୍ୱିତୀୟ ରାଣୀ କେଶିନୀଙ୍କ ଗର୍ଭରୁ ଏକମାତ୍ର ପୁତ୍ର ସନ୍ତାନ ଅସମଞ୍ଜ ବା ଅଶମଞ୍ଜସକୁ ଜନ୍ମ ଦେଲେ, କିନ୍ତୁ ସେ ବହୁତ ଦୁଷ୍ଟ ଥିଲା ।ସଗର ଅଶ୍ୱମେଧ ଯଜ୍ଞ ନିମନ୍ତେ ଷାଠିଏ ହଜାର ପୁତ୍ରଙ୍କୁ ଅଶ୍ୱକୁ ଅନ୍ୱେଷଣ କରିବାକୁ ନିର୍ଦ୍ଦେଶ ଦେଲେ । କାଳେ ଅଶ୍ୱମେଧ ଯଜ୍ଞ କରି, ସଗର ସ୍ୱର୍ଗର ରାଜା ହୋଇଯିବେ ସେ ଭୟରେ ଇନ୍ଦ୍ର କପଟ କରି ଅଶ୍ୱକୁ ପାତଳପୁରୀ କପିଳମୁନିଙ୍କ ଆଶ୍ରମରେ ବାନ୍ଧିଦେଲେ । ସଗର ପୁତ୍ରମାନେ ସାଗର ଖୋଳି ଅଶ୍ୱକୁ ଖୋଜିଖୋଜି ସେଠାରେ ପହଞ୍ଚିଲେ ଏବଂ ମୁନିଙ୍କୁ ଚୋର ବୋଲି କହି ଅପମାନିତ କରିବାରୁ, ସେ ଅଭିଶାପ ଦେଇ ସେମାନଙ୍କୁ ଭସ୍ମ କରିଦେଲେ । ଏମାନେ

ନଫେରିବାରୁ ସଗର ଦ୍ୱିତୀୟ ପତ୍ନୀଙ୍କ ପୁତ୍ର ଅସମଞ୍ଜ ବା ଅଶମଞ୍ଜସଙ୍କ ପୁତ୍ର ଅର୍ଥାତ୍ ନାତି ଅଂଶୁମାନଙ୍କୁ ସେମାନଙ୍କୁ ଖୋଜିବାକୁ ପଠାଇଲେ ଏବଂସେ କପିଳଙ୍କ ଠାରୁ ଅଶ୍ୱଆଣି ଯଜ୍ଞ ସମ୍ପନ୍ନ କଲେ ଓ ପ୍ରକୃତ ଘଟଣାକୁ ସଗରଙ୍କୁ ଜଣାଇଲେ । ତେବେ ପିତୃଗଣମାନଙ୍କ ଉଦ୍ଦେଶ୍ୟରେ ଜଳତର୍ପଣ କରିବାକୁ ଗଲାବେଳେ, ଗୋଟିଏ ପକ୍ଷୀ ଅଂଶୁମାନଙ୍କୁ କହିଥିଲା ଯେ ଜଳ କି ତିଳତର୍ପଣ ନୁହେଁ, ସେମାନଙ୍କର ମୁକ୍ତି ପାଇଁ ଗଙ୍ଗାଙ୍କର ପବିତ୍ର ଧାରାର ସ୍ପର୍ଶ ଦରକାର ଅଛି । ସେଥିପାଇଁ ଅଂଶୁମାନ କଠୋର ତପସ୍ୟା କଲେ ମଧ୍ୟ, ତାହା ନିରର୍ଥକ ହେଲା। ତା'ପରେ ତାଙ୍କ ପୁତ୍ର ଦିଲ୍ଲିପ ମଧ୍ୟ ଚେଷ୍ଟା କରି ବିଫଳ ହେଲେ । ସେ ନିଃସନ୍ତାନ ଥିଲେ  । ତାଙ୍କର ଦୁଇ ବିଧବା ପତ୍ନୀ ଭଦ୍ରା ଓ ସୁଭଦ୍ରାଙ୍କୁ ବଂଶରକ୍ଷା ନିମନ୍ତେ ପ୍ରେମାବଦ୍ଧ ହେବାକୁ ଐବରଷି ପରାମର୍ଶ ହେଲେ । ସେମାନଙ୍କ ମଧ୍ୟରୁ ଜଣେ ଗର୍ଭବତୀ ହେଲେ ଏବଂ ମାଂସପିଣ୍ଡୁଳାଟିଏ ଜନ୍ମ ଦେଲେ । ପୁଣି ଋଷିଙ୍କ ପରାମର୍ଶ କ୍ରମେ ରାଣୀ ତାଙ୍କୁ ରାଜପଥରେ ଶୁଆଇ ଦେଲେ । ସେହି ସମୟରେ ଅଷ୍ଟବକ୍ର ଋଷି ଯାଉଥିବା ବେଳେ ମାଂସ ପିଣ୍ଡୁଳାଟି ଦୃଷ୍ଟିଗୋଚର ହେଲା । ସେହି ମାଂସ ପିଣ୍ଡୁଳାଟିର ଅସ୍ଥିର ରୂପ ଦେଖି କାଳେ ଏହା ତାଙ୍କୁ ବିଦ୍ରୁପ କରୁଛି ବୋଲି ଭାବି ଅଭିଶାପ ହେଲେ ।

କହିଲେ: ଉପହାସ କରୁଥିଲେ ଧ୍ୱଂସ ପାଇଯାଅ, ନୋହିଲେ ଦିବ୍ୟ ପୁରୁଷେ ପାଲଟିଯାଅ । ଅଭିଶାପ ଆଶୀର୍ବାଦ ହେଲା, ସେ ହେଲେ ଭଗୀରଥ ।ଭଗୀରଥ ପୂର୍ବପୁରୁଷଙ୍କ କାହାଣୀ ଶୁଣିଲେ ଏବଂ ସେମାନଙ୍କ ପାପଗ୍ରସ୍ତ ଦଗ୍ଧ ଶରୀର ଓ ଆତ୍ମାର ମୁକ୍ତି ନିମନ୍ତେ ସେ ନିର୍ଘାତମୁନି, କପିଳାସ, ପ୍ରଜାପତି, ବୈକୁଣ୍ଠପୁରୀ, ମେରୁଗିରି, ଐରାବତ, ଇନ୍ଦ୍ରପୁରୀ, ଜହ୍ନିଋଷି, ଯମୁନା, ସରସ୍ୱତୀ ଏବଂ ମାଧବ ନାରାୟଣ ଇତ୍ୟାଦି ଧାମରେ ୧୨ବର୍ଷ ଲେଖାଏଁ ଧରି ୧୪୪ବର୍ଷ ତପଶ୍ଚାରଣ

କରିଛନ୍ତି: ଏହି ଦିବସଟି ଚୈତ୍ର ଶନିବାର କୃଷ୍ଣ ତ୍ରୟୋଦଶୀ ଥିଲା ।ଏବେ ବି ଏହି ଦିବସଟିର ବାରୁଣୀ ସ୍ନାନବା ବୁଡ଼ ଦୃଷ୍ଟିରୁ ତାତ୍ପର୍ଯ୍ୟ ଅଛି ତେବେ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଭଗୀରଥ ବାଟକଢ଼ାଇ ଆଗେଆଗେ ଶଙ୍ଖ ଫୁଙ୍କି ଫୁଙ୍କି ଚାଲିଲେ । ତାଙ୍କ ସହିତ ଅନ୍ୟମାନେ ମିଶି ପଞ୍ଚତୀର୍ଥ ହେଲେ । ପୂର୍ବ ସର୍ତ୍ତାନୁସାରେ ସେଠାରେ ପ୍ରଥମେ ଭଗୀରଥ ପିତୃପୁରୁଷଙ୍କ ଅଭିଶପ୍ତ ଜ୍ୱଳନ୍ତ ଅଗ୍ନିକୁ ଲମ୍ଫପ୍ରଦାନ କଲେ । ପରେ ପରେ ଗଙ୍ଗାମାତା କୁଳ ଉଦ୍ଧାରିଲେ ଭଗୀରଥ । ଗଙ୍ଗାଙ୍କର ସାଗର ସହିତ ସଙ୍ଗମସ୍ଥଳୀ ହିଁ ଗଙ୍ଗାସାଗର । ମକର ସଂକ୍ରାନ୍ତିରେ ଦେବୀ ଗଙ୍ଗାଙ୍କ ଧାରା ସଗରମାନଙ୍କୁ ମୁକ୍ତ କରିଥିଲା ବୋଲି ଏହା ଏକ ପବିତ୍ର ଦିବସ । ଏହାକୁ ଏକ ପୁଣ୍ୟତିଥି ମନେକରି ଏଠାରେ ଓ ବିଭିନ୍ନ ନଦନଦୀରେ ମକର ବୁଡ଼ ପକାଯାଏ। ଭଗୀରଥଙ୍କ ତପସ୍ୟାରୁ ନାରାୟଣ ଦର୍ଶନ ଓ ପରେ ପଦଧୌତ । ଏହି ପଦଧୌତ ଜଳରାଶିର ଧାରା ହିଁ ଗଙ୍ଗାର ଧାରା । ଏହିଠାରୁ ଆରମ୍ଭ ହୁଏ ଗଙ୍ଗାଙ୍କର ଜନ୍ମବୃତ୍ତାନ୍ତ । ଜ୍ୟେଷ୍ଠ ଶୁକ୍ଳ ଦଶମୀ ଗଙ୍ଗାଙ୍କର ଜନ୍ମ । ଏହି ଦିନଟି ଗଙ୍ଗା ଜୟନ୍ତୀ ନାମେ ବିଦିତସୂର୍ଯ୍ୟବଂଶୀ ରାଜା ଭରତ । ତାଙ୍କ ନାମାନୁସାରେ ଆମ ଦେଶର ନାମ ଭାରତ । ସେତେବେଳେ ଭାରତର ରାଜଧାନୀ ଥିଲା ଅଯୋଧ୍ୟା । ଭରତ ଅତ୍ୟନ୍ତ ପରାକ୍ରମୀ ଏବଂ ଧର୍ମଶୀଳ ରାଜା ଥିଲେ । କିନ୍ତୁ ତାଙ୍କ ପୁତ୍ର ମହାରାଜ ବାହୁ ଧର୍ମଭୀରୁ ଥିଲେ ମଧ ପରାକ୍ରମୀ ନଥିବାରୁ ଶତ୍ରୁମାନଙ୍କଦ୍ୱାରା ପରାଜିତ ହୋଇ ବନଗାମୀ ହେଲେ । ତାଙ୍କର ଦୁଇରାଣୀ ଥିଲେ । ପାରିବାରିକ କଳହରୁ ଜଣେ ବିଷପାନ କରି ପ୍ରାଣତ୍ୟାଗ କଲେ । ଅନ୍ୟଜଣକ ରାଣୀଠାରୁ ସଗର ଜନ୍ମ ଗ୍ରହଣ କଲେ । ତାଙ୍କର ମଧ ଦୁଇ ପତ୍ନୀ ଥିଲେ । ପ୍ରଥମପତ୍ନୀ ସୁମତୀଙ୍କ ଔରସରୁ ୬୦ ହଜାର ପୁତ୍ର ଜନ୍ମ ଗ୍ରହଣ କଲେ। ଦ୍ୱିତୀୟ ରାଣୀ କେଶିନୀଙ୍କ ଗର୍ଭରୁ ଏକମାତ୍ର ପୁତ୍ର ସନ୍ତାନ ଅସମଞ୍ଜ ବା ଅଶମଞ୍ଜସକୁ ଜନ୍ମ ଦେଲେ, କିନ୍ତୁ ସେ ବହୁତ ଦୁଷ୍ଟ ଥିଲା ।ସଗର ଅଶ୍ୱମେଧ ଯଜ୍ଞ ନିମନ୍ତେ ଷାଠିଏ ହଜାର ପୁତ୍ରଙ୍କୁ ଅଶ୍ୱକୁ

ଅନ୍ୱେଷଣ କରିବାକୁ ନିର୍ଦ୍ଦେଶ ଦେଲେ । କାଳେ ଅଶ୍ୱମେଧ ଯଜ୍ଞ କରି, ସଗର ସ୍ୱର୍ଗର ରାଜା ହୋଇଯିବେ ସେ ଭୟରେ ଇନ୍ଦ୍ର କପଟ କରି ଅଶ୍ୱକୁ ପାତଳପୁରୀ କପିଳମୁନିଙ୍କ ଆଶ୍ରମରେ ବାନ୍ଧିଦେଲେ । ସଗର ପୁତ୍ରମାନେ ସାଗର ଖୋଳି ଅଶ୍ୱକୁ ଖୋଜିଖୋଜି ସେଠାରେ ପହଞ୍ଚିଲେ ଏବଂ ମୁନିଙ୍କୁ ଚୋର ବୋଲି କହି ଅପମାନିତ କରିବାରୁ, ସେ ଅଭିଶାପ ଦେଇ ସେମାନଙ୍କୁ ଭସ୍ମ କରିଦେଲେ । ଏମାନେ ନଫେରିବାରୁ ସଗର ଦ୍ୱିତୀୟ ପତ୍ନୀଙ୍କ ପୁତ୍ର ଅସମଞ୍ଜ ବା ଅଶମଞ୍ଜସଙ୍କ ପୁତ୍ର ଅର୍ଥାତ୍ ନାତି ଅଂଶୁମାନଙ୍କୁ ସେମାନଙ୍କୁ ଖୋଜିବାକୁ ପଠାଇଲେ ଏବଂସେ କପିଳଙ୍କ ଠାରୁ ଅଶ୍ୱଆଣି ଯଜ୍ଞ ସମ୍ପନ୍ନ କଲେ ଓ ପ୍ରକୃତ ଘଟଣାକୁ ସଗରଙ୍କୁ ଜଣାଇଲେ । ତେବେ ପିତୃଵ୍ୟମାନଙ୍କ ଉଦ୍ଦେଶ୍ୟରେ ଜଳତର୍ପଣ କରିବାକୁ ଗଲାବେଳେ, ଗୋଟିଏ ପକ୍ଷୀ ଅଂଶୁମାନଙ୍କୁ କହିଥିଲା ଯେ ଜଳ କି ତିଳତର୍ପଣ ନୁହେଁ, ସେମାନଙ୍କର ମୁକ୍ତି ପାଇଁ ଗଙ୍ଗାଙ୍କର ପବିତ୍ର ଧାରାର ସ୍ପର୍ଶ ଦରକାର ଅଛି । ସେଥିପାଇଁ ଅଂଶୁମାନ କଠୋର ତପସ୍ୟା କଲେ ମଧ୍ୟ, ତାହା ନିରର୍ଥକ ହେଲା । ତା'ପରେ ତାଙ୍କ ପୁତ୍ର ଦିଲ୍ଲିପ ମଧ୍ୟ ଚେଷ୍ଟା କରି ବିଫଳ ହେଲେ । ସେ ନିଃସନ୍ତାନ ଥିଲେ । ତାଙ୍କର ଦୁଇ ବିଧବା ପତ୍ନୀ ଭଦ୍ରା ଓ ସୁଭଦ୍ରାଙ୍କୁ ବଂଶରକ୍ଷା ନିମନ୍ତେ ପ୍ରେମାବଦ୍ଧ ହେବାକୁ ଐବରଷି ପରାମର୍ଶ ହେଲେ । ସେମାନଙ୍କ ମଧ୍ୟରୁ ଜଣେ ଗର୍ଭବତୀ ହେଲେ ଏବଂ ମାଂସପିଣ୍ଡୁଳାଟିଏ ଜନ୍ମ ଦେଲେ । ପୁଣି ଋଷିଙ୍କ ପରାମର୍ଶ କ୍ରମେ ରାଣୀ ତାଙ୍କୁ ରାଜପଥରେ ଶୁଆଇ ଦେଲେ । ସେହି ସମୟରେ ଅଷ୍ଟବକ୍ର ଋଷି ଯାଉଥିବା ବେଳେ ମାଂସ ପିଣ୍ଡୁଳାଟି ଦୃଷ୍ଟିଗୋଚର ହେଲା ସେହି ମାଂସ ପିଣ୍ଡୁଳାଟିର ଅସ୍ଥିର ରୂପ ଦେଖି କାଳେ ଏହା ତାଙ୍କୁ ବିଦ୍ରୁପ କରୁଛି ବୋଲି ଭାବି ଅଭିଶାପ ହେଲେ ।କହିଲେ: ଉପହାସ କରୁଥିଲେ ଧ୍ୱଂସ ପାଇଯାଅ, ନୋହିଲେ ଦିବ୍ୟ ପୁରୁଷ ପାଲଟିଯାଅ । ଅଭିଶାପ ଆଶୀର୍ବାଦ ହେଲା, ସେ ହେଲେ ଭଗୀରଥ ।ଭଗୀରଥ ପୂର୍ବପୁରୁଷଙ୍କ କାହାଣୀ ଶୁଣିଲେ ଏବଂ ସେମାନଙ୍କ ପାପଗ୍ରସ୍ତ ଦଗ୍ଧ ଶରୀର ଓ

ଆତ୍ମାର ମୁକ୍ତି ନିମନ୍ତେ ସେ ନିର୍ଘାତମୁନି, କପିଳାସ, ପ୍ରଜାପତି, ବୈକୁଣ୍ଠପୁରୀ, ମେରୁଗିରି, ଐରାବତ, ଇନ୍ଦ୍ରପୁରୀ, ଜହ୍ନିଋଷି, ଯମୁନା, ସରସ୍ୱତୀ ଏବଂ ମାଧବ ନାରାୟଣ ଇତ୍ୟାଦି ଧାମରେ ୧୨ବର୍ଷ ଲେଖାଏଁ ଧରି ୧୪୪ବର୍ଷ ତପଶ୍ଚାରଣ କରିଛନ୍ତି: ଏହି ଦିବସଟି ଚୈତ୍ର ଶନିବାର କୃଷ୍ଣ ତ୍ରୟୋଦଶୀ ଥିଲା । ଏବେ ବି ଏହି ଦିବସଟିର ବାରୁଣୀ ସ୍ନାନବା ବୁଡ଼ ଦୃଷ୍ଟିରୁ ତାତ୍ପର୍ଯ୍ୟ ଅଛି । ତେବେ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଭଗୀରଥ ବାଟକଢ଼ାଇ ଆଗେଆଗେ ଶଙ୍ଖ ଫୁଙ୍କି ଫୁଙ୍କି ଚାଲିଲେ । ତାଙ୍କ ସହିତ ଅନ୍ୟମାନେ ମିଶି ପଞ୍ଚତୀର୍ଥ ହେଲେ । ପୂର୍ବ ସର୍ତ୍ତାନୁସାରେ ସେଠାରେ ପ୍ରଥମେ ଭଗୀରଥ ପିତୃପୁରୁଷଙ୍କ ଅଭିଶପ୍ତ ଜ୍ୱଳନ୍ତ ଅଗ୍ନିକୁ ଲଙ୍ଘପ୍ରଦାନ କଲେ । ପରେ ପରେ ଗଙ୍ଗାମାତା । କୁଳ ଉଦ୍ଧାରିଲେ ଭଗୀରଥ । ଗଙ୍ଗାଙ୍କର ସାଗର ସହିତ ସଙ୍ଗମସ୍ଥଳୀ ହିଁ ଗଙ୍ଗାସାଗର । ମକର ସଂକ୍ରାନ୍ତିରେ ଦେବୀ ଗଙ୍ଗାଙ୍କ ଧାରା ସଗରମାନଙ୍କୁ ମୁକ୍ତ କରିଥିଲା ବୋଲି ଏହା ଏକ ପବିତ୍ର ଦିବସ । ଏହାକୁ ଏକ ପୂଣ୍ୟତିଥି ମନେକରି ଏଠାରେ ଓ ବିଭିନ୍ନ ନଦନଦୀରେ ମକର ବୁଡ଼ ପକାଯାଏ  ଭଗୀରଥଙ୍କ ତପସ୍ୟାରୁ ନାରାୟଣ ଦର୍ଶନ ଓ ପରେ ପଦଧୌତ । ଏହି ପଦଧୌତ ଜଳରାଶିର ଧାରା ହିଁ ଗଙ୍ଗାର ଧାରା । ଏହିଠାରୁ ଆରମ୍ଭ ହୁଏ ଗଙ୍ଗାଙ୍କର ଜନ୍ମବୃତ୍ତାନ୍ତ□ ଜ୍ୟେଷ୍ଠ ଶୁକ୍ଳ ଦଶମୀ ଗଙ୍ଗାଙ୍କର ଜନ୍ମ । ଏହି ଦିନଟି ଗଙ୍ଗା ଜୟନ୍ତୀ ନାମେ ବିଦିତ□ ସେ ପୁଣି ଦଶ ପାପ ହାରିଣୀ । ଏଣୁ ଏହି ଦିବସକୁ ଗଙ୍ଗା ଦଶହରା ବୋଲି କୁହନ୍ତି । ଏହିଦିନ ଗଙ୍ଗା ନାରାୟଣ ନାମରେ ଯେ କୌଣସି ନଦୀ ବା ଜଳାଶୟରେ ସ୍ନାନ ବା ବୁଡ଼ ପକାଇଲେ ସକଳ ପାପ ଦୂରିତ ହୁଏ ବୋଲି ବିଶ୍ୱାସ । କିଛି ନହେଲେ ଗଙ୍ଗାଜଳ ଟୋପାଏ ମଥ ସିଞ୍ଚନ ବା ଉଦରସ୍ଥ କରିବା ଏହି ଦିନରେ ଉଚିତ୍ ମନେକରାଯାଏ । ସେ ପୁଣି ଦଶ ପାପ ହାରିଣୀ । ଏଣୁ ଏହି ଦିବସକୁ ଗଙ୍ଗା ଦଶହରା ବୋଲି କୁହନ୍ତି । ଏହିଦିନ ଗଙ୍ଗା ନାରାୟଣ ନାମରେ ଯେ କୌଣସି ନଦୀ ବା ଜଳାଶୟରେ ସ୍ନାନ ବା ବୁଡ଼ ପକାଇଲେ

ସକଳ ପାପ ଦୂରିତ ହୁଏ ବୋଲି ବିଶ୍ୱାସ । କିଛି ନହେଲେ ଗଙ୍ଗାଜଳ ଟୋପାଏ ମଥ ସିଞ୍ଚନ ବା ଉଦରସ୍ଥ କରିବା ଏହି ଦିନରେ ଉଚିତ୍ ମନେକରାଯାଏ ।

ଦଶହରା ପାଇଁ ସାରା ଦେଶ ଉତ୍ସବମୁଖର ହୋଇଛି । ତେବେ ଆଜି ଅନେକ ସ୍ଥାନରେ ରାବଣ ପୋଡି ଉତ୍ସବ ମଧ ଆୟୋଜନ କରାଯାଇଥାଏ । ତେବେ ଜାଣିରଖନ୍ତୁ ଦଶମୀ ଦିନ ରାମ ରାବଣକୁ ବଦ୍ଧ କରିଥିଲେ ତେଣୁ ସେହି ଦିନରେ ରାବଣକୁ ପୋଡାଯିବର ବ୍ୟବସ୍ଥା ପ୍ରଚଳିତ ହୋଇରହିଛି । ରାବଣ ହେଉଛି ସାରା ବିଶ୍ୱରେ ଥିବା ଜ୍ଞାନୀମାନଙ୍କ ମଧ୍ୟରୁ ଜଣେ । ସେ ଜାତିରେ ବ୍ରାହ୍ମଣ ଥିଲେ । ରାବଣର ଅନେକ ଇଚ୍ଛା ଥିଲା ଯାହାକୁ ସେ ପୂରଣ କରିପାରିନଥିଲା । ଜାଣିରଖନ୍ତୁ କେଉଁ କେଉଁ ଇଚ୍ଛା ରାବଣ ପୂରଣ କରିବାରେ ବିଫଳ ହୋଇଥିଲା ରାବଣ।

ରାବଣର ଇଚ୍ଛା ଗୁଡିକ ମଧ୍ୟରୁ ଯାହା ଥିଲା ସେଗୁଡିକ ହେଲା ସେ ନିଜ ବଳ ଓ ଜ୍ଞାନର ଅହଙ୍କାରରେ ନିଜକୁ ଭଗବାନଙ୍କ ସହ ତୁଳନା କଲା ଓ ଇଶ୍ୱରଙ୍କ ଦ୍ୱାରା ନିର୍ମିତ ନିୟମକୁ ପରିବର୍ତନ କରିବାକୁ ଚେଷ୍ଟା କଲା । ଯଦି ରାବଣ ଆଉ କିଛି ବର୍ଷ ଜୀବିତ ଥାନ୍ତା ତେବେ ନିଜର ୭ଟି ଅଧୁରା କାର୍ଯ୍ୟକୁ ପୂରଣ କରିପାରିଥାନ୍ତା ଓ ଏହି ସୁନ୍ଦର ଦୁନିଆ ଆହୁରି ସୁନ୍ଦର ହୋଇପାରିଥାନ୍ତା । ତେଣୁ ଆସନ୍ତୁ ଜାଣିବା ରାବଣର ଅଧୁରା ସ୍ୱପ୍ନ ବିଷୟରେ

ରାବଣର ପ୍ରଥମ ସ୍ୱପ୍ନ ହେଲା ସ୍ୱର୍ଗରେ ସିଡି ନିର୍ମାଣ କରିବା । ରାବଣ ଚାହୁଁଥିଲା କି ସବୁ ବ୍ୟକ୍ତି ସ୍ୱର୍ଗକୁ ଯାଆନ୍ତୁ । ସେ ଧରିତ୍ରୀଠୁ ଆରମ୍ଭ କରି ସ୍ୱର୍ଗ ପର୍ଯ୍ୟନ୍ତ ସିଡି ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିଥିଲା । କିନ୍ତୁ ଏହି ସିଡି ଶେଷ ହେବା ପୂର୍ବରୁ ରାବଣର ମୃତ୍ୟୁ ରାମଙ୍କ ହାତରେ ହୋଇସାରିଥିଲା ।

ରାବଣର ଦ୍ୱିତୀୟ ସ୍ୱପ୍ନ ଥିଲା ସମୁଦ୍ରର ପାଣିକୁ ମିଠା କରିବା । କାରଣ ରାବଣକୁ ଜଣାଥିଲା ଯେ ପୃଥିବୀରେ ପିଇବା ପାଣିର ପରିମାଣ ବହୁତ କମ ଅଛି । ତେଣୁ ସମୁଦ୍ର ପାଣି ମିଠା ହୋଇଗଲେ ପିଇବାର ଆଉ କୌଣସି ବି ସମସ୍ୟା ରହିବନି ଯାହା ସବୁଦିନ ପାଇଁ ଶେଷ ହୋଇଯିବ ।

ରାବଣର ତୃତୀୟ ସ୍ୱପ୍ନ ଥିଲା ସୁନାରେ ସୁଗନ୍ଧ ଭର୍ତ୍ତି କରିବା । ଏହାର କାରଣ ଏହିକି ରାବଣ ସୁନାର ବହୁତ ପ୍ରିୟ ଥିଲା । ସେ ନିଜର ପୂରା ନଗରୀ ସୁନାରେ ନିର୍ମାଣ କରିଥିଲା । କାରଣ ରାବଣ ଚାହୁଁଥିଲା କି ସୁନାରେ ସୁଗନ୍ଧ ଆସିଗଲେ ସେ ସୁଗନ୍ଧରୁ ସୁନାର ତଲାସ କରିନେବ ।

ରାବଣର ଚତୁର୍ଥ ସ୍ୱପ୍ନ ଥିଲା ରଙ୍ଗଭେଦକୁ ଶେଷ କରିବାକୁ ଚାହୁଁଥିଲା । କାରଣ ସେ ଚାହୁଁଥିଲା ସବୁ ଲୋକ ଗୋରା ଦେଖାଯାଆନ୍ତୁ । କେହି କାହାର କଳା ରଙ୍ଗ ନେଇ କେବେ ମଜା କରିବେ ନାହିଁ ।

ରାବଣର ପଞ୍ଚମ ସ୍ୱପ୍ନ ଥିଲା ରକ୍ତର ରଙ୍ଗକୁ ଲାଲରୁ ଧଳା କରିବାକୁ ଚାହୁଁଥିଲା । ଯାହାଫଳରେ କୌଣସି ବ୍ୟକ୍ତିର ହତ୍ୟା କରିବା ଫଳରେ ତାହା ଯେପରି କାହାକୁ ଜଣାପଡିବ ନାହିଁ ।

ରାବଣର ଷଷ୍ଠ ସ୍ୱପ୍ନ ଥିଲା ମଦକୁ ଗନ୍ଧହୀନ କରିବାପାଇଁ ଚାହୁଁଥିଲା । ଯାହାଦ୍ୱାରା ସମସ୍ତେ ମଦର ମଜା ନେଇ ଏହାକୁ ପାନ କରିପାରିବେ ।

ରାବଣର ସପ୍ତମ ସ୍ୱପ୍ନଥିଲା ଭଗବାନଙ୍କ ପୂଜା କରିବା ସହ ସମସ୍ତେ ତାହାର ପୂଜା କରିବେ । କିନ୍ତୁ ଏ ସ୍ୱପ୍ନ ଅଧୁରା ରହିବା ସହ ଶେଷରେ ସେ ପ୍ରାଣତ୍ୟାଗ।

ଆଶ୍ୱିନର ଇଷ୍ଟଦେବୀ ମହାଲକ୍ଷ୍ମୀ, ମହିଷାସୁର ମର୍ଦ୍ଦିନୀ ମହାଦୁର୍ଗାଙ୍କ ପୂଜାର ଅନ୍ତିମ ଚରଣ, ତଥାପି ବିଜୟା ଦଶମୀକୁ ଆଜି ବେଶ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ପାଇଁ ତମାମ୍ ରାଜ୍ୟରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାଜ୍ୟର ସହସ୍ରାଧିକ ସାର୍ବଜନୀନ ପୂଜାମଣ୍ଡପ ମାନଙ୍କରେ ପ୍ରତିଷ୍ଠିତ ହୋଇଥିବା ମା'ଙ୍କର ମୃଣ୍ମୟୀ ପ୍ରତିମାମାନଙ୍କ ନିକଟରେ ଗତ ରାତିରୁ ମହାନବମୀ ପୂଜା ଶେଷ ହେବା ପରେ ଆଜି ସକାଳୁ ସକାଳୁ ବିଜୟା ଦଶମୀ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥର ପାଗ ଅନୁକୂଳ ରହିବା କାରଣରୁ ସାରା ରାଜ୍ୟର ପୂଜା ମଣ୍ଡପମାନଙ୍କରେ ପ୍ରବଳ ଲୋକଗହଳି ଦେଖିବାକୁ ମିଳିଥିବା ବେଳେ ରାଜ୍ୟବାସୀ ଶାରଦୀୟ ପୂଜାକୁ ମନଭରି ଉପଭୋଗ କରିଛନ୍ତି।

ଷଷ୍ଠୀ ପୂଜା ପାଳନ ଅବସରରେ ବିଲ୍ୱ ବରଣି ସହ ମା'ଙ୍କର ଆବାହନ କରାଯିବା ପରେ ମା' ଧରାବତରଣ କରିଥିଲେ। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୀଠ ଓ ସାର୍ବଜନୀନ ପୂଜା ମଣ୍ଡପମାନଙ୍କରେ ମା'ଙ୍କର ମହାସପ୍ତମୀ, ମହାଷ୍ଟମୀ, ସନ୍ଧିପୂଜା ଓ ମହାନବମୀ ସମସ୍ତ ଉଚ୍ଛାହ ଓ ଉଦ୍ଦୀପନାର ସହ ସମାପ୍ତ ହେବା ପରେ ଆଜି ଅନୁଷ୍ଠିତ ହେବାକୁ ଯାଉଛି, ଶାରଦୀୟ ଦୁର୍ଗା ପୂଜାର ଅନ୍ତିମ ଚରଣ ବିଜୟା ଦଶମୀ।

ବିଜୟା ଦଶମୀ ପାଳନ ଅବସରରେ ରାଜ୍ୟର ଅନେକ ସହରରେ ଆଜି 'ରାବଣ ପୋଡ଼ି'ର ମଧ୍ୟ ଆୟୋଜନ କରାଯାଇଛି। ଆଜି ରାତିରେ ବିଜୟା ଦଶମୀର ଶେଷ ପୂଜା ଓ ଶେଷ ନୈବେଦ୍ୟ ମା'ଙ୍କୁ ଅର୍ପଣ କରାଯିବା ପରେ ଆସନ୍ତା କାଲି ଆୟୋଜିତ ହେବ ମା'ଙ୍କର ଭସାଣୀ ଶୋଭାଯାତ୍ରା। ବାଜା, ବାଣ, ରୋଷଣୀ ସହ ମା'ଙ୍କର ମୃଣ୍ମୟୀ

ପ୍ରତିମାଗୁଡ଼ିକୁ ଭସାଣୀ ଶୋଭାଯାତ୍ରାରେ ନିଆଯାଇ ଅଶ୍ରୁପୂର୍ଣ୍ଣ ନୟନରେ ମା'ଙ୍କୁ ଦିଆଯିବ ମେଲାଣି। ସେହିପରି ବାଣପୁର ଐତିହାସିକ ମା ଭଗବତୀ ଶକ୍ତି ପୀଠ ହୋଇଥିବାରୁ ଚଳଚଞ୍ଚଳ ମାକାଠି ଠାକୁରାଣୀଙ୍କୁ ନଗର ପରିକ୍ରମା ସହିତ ଆରମ୍ଭ ହୋଇଥାଏ ଷୋଡ଼ଶ ଉପଚାର ବା ଷୋହଳ ପୂଜାର ନୀତିକାନ୍ତି ସହିତ ଚଣ୍ଡୀ ପାଠ ହୋଇଥାଏ । ଓଡିଶାର ବିଭିନ୍ନ ଶକ୍ତି ପୀଠ ଠାରୁ ବାଣପୁର ମା ଭଗବତୀ ହେଉଛନ୍ତି ଅନ୍ୟତମ ।

*ଗୋବିନ୍ଦ ଚନ୍ଦ୍ର ଜାଳି*

*ମୋ - **9937644550***

# ମା ଗୋ ମା

ଇ ନଏଦ ଫୁଲି ଆସୁଛେ, ଦୈଖ୍ ତ!
ଜାଣି ନାଇଁ ହେବାର ମାଟି
କାହିଁ, କି କାହିଁ ପବନ!
ମା ଗୋ ମା, ଇ ପାଖେ ଥା,
ଉହ୍ଲିଲେ ଉହୁଲିମା ସଭେ।

କାହାକେ କେହି
କହିବାର ନାହିଁ କିଛି,
ଖାଲି ଦେଖିବାର ଅଛି ଆଉ
ଅଛି ଅନୁଭବ କରିବାର ଜୀବନ।
ମା ଗୋ ମା, ଇ ଜୀବନ
କେନୁ ଆସି ଯାଉଛି କେଉଁଆଡେ!

କେମିତି ଆମେ ସଭେ ଠୁଳ?
କୁହୁକପେଡିର ଚାବି
ରଖିଛି କିଏ ଗୋ ମା?
ମା ଗୋ ମା, ପାଖେ ଥା,
ଅସ୍ତବ୍ୟସ୍ତ ମତେ ଆଉ
ନାଇଁ କରେ କାମନା।

ମୋ ଆଶା, ମୋ ଭରସା

ସବୁ ତୁ ଇ ମା।

ତୁ ଇ ମୋର ସ୍ୱର ନାଦ ସଙ୍ଗୀତ

ବାଦ୍ୟ ଝଙ୍କାର ଆଉ ଆଉ

ଆଉ ସବୁ ଝରା।

ମା ଗୋ ମା,

ଏଠି ତୋର ମୋର ସଂପର୍କ

ସବୁ ସବୁ କଳା ନିଝୁମ ରାତିରା।

ଆ ମା, ଆ ଆଉ ଥା।

ଆଉ ତୋ ଲାଗି ଏଇଠି ମୁଁ

ନିଖୁଣ ନିପୁଣ, ଆଉ ମୁଁ

ଉଡ୍ଡୀୟମାନ।

*ଗଜାନନ ମିଶ୍ର*

*ତପୋବନ, ଟିଟିଲାଗଡ* - ***767033***

*ମୋ-* ***9437366644***

# ମାଆ ଲୋ ତୁ ଦେଖି ଯା

ପ୍ରତୀକ୍ଷା ତତେ ମା ,ଆକାଂକ୍ଷା ପୂର୍ତ୍ତି ପାଇଁ
ଆରାଧନା କେବଳ ସ୍ୱାର୍ଥ ସାଧନ ପାଇଁ
ଭକ୍ତି ସାଂସାରିକ ଆସକ୍ତି ପାଇଁ
ପ୍ରାର୍ଥନା ନିଜସ୍ୱ ପ୍ରଦର୍ଶନ ପାଇଁ
ହେ ମାଆ ....
ତୋ ସନ୍ତାନର ଅନ୍ତରାତ୍ମା କୁ ପରଖି ଥରେ ଯା ।

ଅବକ୍ଷୟ ମୁଖୀ ଧ୍ୟାନ ଧାରଣା କର୍ମ ରାଜି
ଧର୍ମ ସଂସ୍କୃତି ସଂସ୍କାର ଯେତେ ଲୁପ୍ତ ପଥେ ଆଜି
ହିଂସା ଅନଳ ଜଳାଇ ଦିଏ ଅନ୍ତରାତ୍ମାକୁ
ଅନ୍ତର କରେ ଭ୍ରାତୃ ଭଗିନୀ ପିତା ମାତାକୁ
ହେ ମାଆ...
ଦୁଷ୍ଟ ବୁଦ୍ଧି ତୋ ସନ୍ତାନକୁ ଦେଖିକି ଥରେ ଯା ।

ହୃଷ୍ଟ ପବିତ୍ର ,ଚରିତ୍ର ନଷ୍ଟ ବିରାଜେ ଅଶ୍ଳୀଳତା
ଅସ୍ଥିର କରେ ସୁସ୍ଥ ମନକୁ ବିଷୟା ର ମାଦକତା
ଧନ ଥାଇ ବି ଦୁସ୍ଥ ଦରିଦ୍ର ଜନମନ
କର୍ତବ୍ୟ ଭୁଲି ଅଧିକାର ରେ ଅବତୀର୍ଣ୍ଣ

ହେ ମାଆ ,....
ଆବିର୍ଭାବ ତୁ ହଉଛୁ ଏବେ ,କିଛି ତ କରି ଯା ।

କ୍ଷୟ ଶୀତଳ ସବୁଜିମା ଦୂଷିତ ନୀଳ ନଭ
ମରୁତ୍ ଜଳ ନୁହେଁ ନିର୍ମଳ ,ବିଷ ମୟ ଏ ଭବ
ତିଷ୍ଠି ପାରେନି ସଲିଳ ପ୍ରାଣୀ ଲୁପ୍ତ ଅନେକ ଜୀବ
ପ୍ରତିଷ୍ଠା ଲାଗି ସଂଗ୍ରାମ ରତ ନିତ୍ୟ ବିବ୍ରତ ମାନବ
ହେ ମାଆ...
ନିର୍ବୋଧ ତୋର ସନ୍ତାନକୁ ବୁଦ୍ଧି ଶିଖେଇ ଯା ।

*ସତ୍ୟନାରାୟଣ ମିଶ୍ର*
*ସିଂଧେକେଲା, ବଲାଙ୍ଗୀର*

# ନାରୀ ତୁହି ନାରାୟଣୀ ଶକ୍ତି ସ୍ୱରୂପିଣୀ



ଶରତ ଋତୁରେ କାଶତଣ୍ଡୀ ଫୁଲ ହସେ
ନୀଳିମା ଗଗନେ ଧୂସର ବାଦଲ ଭାସେ ।।

ଆଜି ପ୍ରକୃତିର କୋଳ ମନ ଲୋଭା ଦିଶେ
ମା'ଙ୍କୁ ପାଇ ଧରଣୀ ମନ ଆନନ୍ଦେ ହସେ ।।

ମା ଲୋ ମହିଷାମର୍ଦ୍ଦିନୀ ଦୁର୍ଗତିନାଶିନୀ
ଶକ୍ତି ସ୍ୱରୂପିଣୀ, ମା ତୁ ଦୁଃଖବିନାଶିନୀ ।।

ନାରୀ ତୁହି ନାରାୟଣୀ ଶକ୍ତି ସ୍ୱରୂପିଣୀ
ମାଆ ଲୋ ମା ତୁ ସଂକଟେ ଅଭୟ ଦାୟିନୀ ।।

ନାରୀକୁ ମା ଲୋ ଜଗତ ବୋଲାଏ ଅବଳା
ଅମାପ ଶକ୍ତିରେ ନାରୀକୁ କର ସବଳା ।।

ପାପ ଭାରାକ୍ରାନ୍ତ ହୁଏ ଯେବେ ଧରାଧାମେ
ନାନା ରୂପେ ଅବତୀର୍ଣ୍ଣ ହେଉଥାଅ ତୁମେ ।।

ପ୍ରଥମ ଅର୍ଘେ ଶୈଳିପୁତ୍ରୀ ଆଉ ଦ୍ଵିତୀୟେ
ବ୍ରହ୍ମଚାରିଣୀ ,ଚନ୍ଦ୍ରଘଣ୍ଟା ରୂପେ ତୃତୀୟେ ।।

ଚତୁର୍ଥେ କୁଷ୍ମାଣ୍ଡା ପଞ୍ଚମରେ ସ୍କନ୍ଦମାତା
ଷଷ୍ଠ ଦିବସେ ପୂଜିତ କାତ୍ୟାୟନୀ ମାତା ।।

ଅଷ୍ଟମୀ ତିଥିରେ ମହାଗୌରୀ ଭାବେ ଖ୍ୟାତ
ନବାତ୍ରୀ ଶେଷେ ସିଦ୍ଧିଦାତ୍ରୀ ରୂପେ ପୂଜିତ ।।

ପାପ ପଙ୍କେ ଉଦ୍ଧାର କର ଏଇ ଜଗତ
ଦୁଷ୍ଟ ବିନାଶନେ କାଳ କାଳ ହୁଅ ଜାତ ।।

କେତେ କେତେ ମହାରଥି କାମୁଡିଲେ ମାଟି
ଦୁଷ୍ଟ ଗର୍ବି ଅହଂକାରୀ ଶୀର ଦେଲ କାଟି ।।

କଲ୍ୟାଣକାରିଣୀ ମାଆ ଜଗତେ ପୂଜିତ
ନାରୀ ରୂପେ ନାରାୟଣୀ ଘେନ ପ୍ରଣିପାତ ।।

*ନିକୁଞ୍ଜ କୁମାର ଘୋଷ*
*ସା- ମାଧବପୁର ପୋ- ଲକ୍ଷ୍ମଣନାଥ ଥାନା- ଜଳେଶ୍ୱର ଜିଲ୍ଲା- ବାଲେଶ୍ବର ଓଡିଶା*
***ପିନ୍-756032, .ମୋ-8144851045***

# ଆମ ଦଶହରା ଅଟେ ନିଆରା

ଆସିଗଲା ଏବେ ଦଶହରା ଦିନ
କହି ଦେଉଅଛୁ ଭାଇ
ଜାତୀୟ ସ୍ତରରେ ଦୁର୍ଗା ମେଢ଼ ହେବ
ସେହି ଚିନ୍ତା କରନାହିଁ।

କାଲି ଯାଇଥିଲୁ ପୋଲିସ୍ ଅଫିସ୍
ବଡ଼ ବାବୁ ଏକା ଥିଲେ
ଦଶହରା ଚାନ୍ଦା ମାଗିବାରୁ ସିଏ
ପାଞ୍ଚ ଶହ ଟଙ୍କା ଦେଲେ।

ତୁମ ହୋଟେଲରୁ ଏହି ଥର ନେବୁ
ପନ୍ଦରଶ ଟଙ୍କା ଭାଇ
ଗତଥର ଦେଇଥିଲ ହଜାରଟି
ଏହି ବର୍ଷ  ନେବୁ ନାହିଁ।

ଦରଦାମ କଥା ଶୁଣି  ମୁଣ୍ଡ ବ୍ୟଥା
ହେଉଛି ଆମର ଶୁଣ
ଦଶହରା ଚାନ୍ଦା ମାଗୁଅଛୁ ବୋଲି
ମନେ ଭାବନି ଆପଣ।

ହାତପୂରେଇଛୁ ଯେତେବେଳେ ଯାହା
ହେବାର ହୋଇବ ତାହା
ଦୁର୍ଗା ମାତାଙ୍କର ଆଶିଷ ବହୁତ
ହୋଇବେଟି ନିଶ୍ଚେ ସାହା।

ଦୋକାନ, ଦୋକାନ,ଘର,ଘର ବୁଲି
ମାଗିବୁ ଚାନ୍ଦା ଏଥର
ଦର ଦାମଦେଖି ଚାନ୍ଦା ଦେଇ ଦେବେ
କରିବେନି ହରବର।

ପୋଲିସ୍ ଗାଡ଼ିଟା ଅଟକାଇବାରୁ
କହିଲେ ଚାଲିଛି ଧନ୍ଦା
ଥାନାରେ ପୂରାଇ ଦି'ବାଡି କଷିଲେ
ଛାଡିଯିବ ମଗା ଚାନ୍ଦା।

ଦଶହରା ମାସ ଏହିପରି କଟେ
ଗାଆଁ ଠାରୁ ସହରରେ
ମଦ,ପାଣି ପିଇ ସମୟଟା କଟେ
ଖୁସୀ ଆଉ ଶରଧାରେ।

*ଡ଼କ୍ଟର ସୀମାଞ୍ଚଳ ପ୍ରଧାନ*
*ଆନନ୍ଦ ବିହାର, ବ୍ରହ୍ମପୁର - ୧୦*
*ଗଞ୍ଜାମ - ୭୬୧୦୧୦*

# ଜୟ ମା ଦୁର୍ଗା



ଶରତ ଆସିଛି ମରତେ
ମା ଧରଣୀ ରାଣୀ ହସୁଅଛି
ଆଶ୍ୱିନ ମାସ ଶୁକ୍ଳ ପ୍ରତିପଦାରେ
ନବରାତ୍ର ଦୁର୍ଗା ପୂଜା ଆରମ୍ଭଛି !!

ସିଦ୍ଧିଦାତ୍ରୀ ମା ଗୋ ଗୌରୀ
ତୋହରି ମା ନବ ରୂପେତ
ଦର୍ଶନ ଦିଅ ଜୟ ମା ଭବାନୀ
ଏ ଭାବସାଗରେ ଆମକର ହିତ !!

କରୁଣା ମୟୀ ତୁ କଲ୍ୟାଣ ମୟୀ
ତୁ କୃପା ନୟନେ ମତେ ଚାହା
ଦୁର୍ଗତି ନାଶିନୀ ସଙ୍କଟ ମୋଚନୀ
ତୋକୃପା ବଳେ ମିଳେ ଶୁ ରାହା !!

ପାପ ଅନ୍ଧକାର କରିଦିଅ ଦୂର
ଜଗତ ମା ଗୋ ତତେ ଜପେ
ଆସ ମା ତୁହି ଜ୍ୟୋତି ପ୍ରକାଶେ
ପୂଜୁ ଅଛୁ ମା ନବ ଦୁର୍ଗା ରୂପେ !!

ଅଧର୍ମ ଅନ୍ୟାୟ କର ମା ବିଜୟ
ଏ ଧରାଧାମ ଆଜି ଭରା ପାତେ
ତ୍ରିଲୋକ ପାଳିନୀ ଜଗତ ଜନନୀ
ତୋ କୃପାହେଉ ଆମକୁ ପ୍ରାପତେ !!

*ସତ୍ୟ ସିଂ ବାଗ*
*ତେରେସିଂହା, ରିସିଡା, କଳାହାଣ୍ଡି*
*ପିନ -:୭୬୬୦୩୧*
*ମୋ – ୬୩୫୩୩୭୪୫୦୯*

# ଜୟ ମା' ଦୁର୍ଗା

ଦୁର୍ଗତି ନାଶିନୀ ଦୁର୍ଗା ମାଗୋ, ଦୁର୍ଗତି ସଂସାରୁ ନାଶ କର,
ବିନ୍ଧ୍ୟଗିରି ବାସିନୀ ଜନନୀ,ବିଧସ୍ତ ହୃଦୟ ବୁଝା କର !୧
ସିଂହ ବାହିନୀ ସିନ୍ଦୂର ମୁଖୀ,ସୁଖ ସମ୍ପଦେ ଏ ପୃଥ୍ୱୀ ଭର,
ଜଗତ ଜନନୀ 'ଜୋର ଯାର,ମୂଳକ ତାରକୁ' ଧ୍ୱଂସ କର !୨
ଶୈଳପୁତ୍ରୀ ସଲଭାବ ଧାରୀ, ସଂହାର ଖଡ଼୍କ ଶୂଳ ଭାଲେ,
ବ୍ରହ୍ମ ଚାରିଣୀ ଗୋ ବର ଦିଅ, ଅଭୟ ମୁଦ୍ରା କର-କମଳେ !୩
ଚନ୍ଦ୍ରଶୁଦ୍ଧି ସାଜ ଚନ୍ଦ୍ରଘଣ୍ଟା, ଚନ୍ଦନ ଲେପ ସୁଜନ ଭାଲେ,
କର କୃପା ଗୋ କୁଷ୍ମାଣ୍ଡା ମାତ, ଭିଜାଅ ତୁମ କୃପା-ସଲିଳେ !୪
ସ୍କନ୍ଦମାତା ସ୍କନ୍ଧେ ବହି ନିଅ, ତାମସିକ ସମସ୍ତ କାମନା,
କାତ୍ୟାୟନୀ କର କୃପା ବହି, ସାତ୍ତ୍ୱିକ ହେଉ ସର୍ବ ଭାବନା !୫
ସୁକାଳ ଉଆଁଅ କାଳରାତ୍ରୀ, କାଳରାତ୍ରିର କରାଅ ଅସ୍ତ,
ମହନୀୟା ମହାଗୌରୀ ମାତ, ଦୂର କର ସମସ୍ତ ଦୁଷ୍କୃତ !୬
ସାଧୁ ସୁଜନର ମନୋବାଞ୍ଛା,ସିଦ୍ଧିଦାତ୍ରୀ ମାତ କର ସିଦ୍ଧ,
ଜୟ ମାତ ଦୁର୍ଗା ନବଦୁର୍ଗା, ନବ କର ଏ ବିଶ୍ୱ ଜଗତ !୭

*ଶ୍ରୀ ଭ୍ରମର ବାଗ*
*କୋଦୋବେଡ଼ା, ସିନାପାଲି, ଜିଲ୍ଲା - ନୂଆପଡ଼ା*

# କାଶତଣ୍ଡୀ

କାଶତଣ୍ଡୀ ଫୁଲ ଦେଲା ଣି ସୂଚନା

ଆଶ୍ୱିନ ଆସିବ ବୋଲି

ଶରତରେମର୍ତ୍ତେ ବିରାଜୀବେ ମାତା

ଦୁଃଖ କଷ୍ଟ ଯିବ ଚାଲି.1

ସାରଦିୟ ଶୋଭା ହେବ ମନୋରମ

ଜହ୍ନି ଫୁଲ ରଙ୍ଗ ବୋଲି

ନିର୍ମଳ ଗଗନେ ହସୁଥିବ ଜହ୍ନ

ଶୁଭ୍ର ଜୋସ୍ନା ଦେଇ ଢାଳି..2

ଦେବୀ ଦଶଭୁଜା ପାଇବେଟି ପୂଜା

ଭକ୍ତ କରୁଥିବେ ଅଳି

ଉଲ୍ଲସି ଉଠିବ ସହର ବଜାର

ଗାଆଁ ଠାରୁ ପୂରପଲ୍ଲୀ. 3

ମହାଆଡ଼ମ୍ବରେ ହୋଇଥିବ ସଜ୍ଜା

ଦେବୀଙ୍କ ପୂଜନ ସ୍ଥଲୀ

ସୁନା ଚାନ୍ଦୀ ମେଢ଼ ଶୋଭା ପାଉଥିବ

ଏକକୁ ଆରେକ ବଳି.4

ଆଲୋକ ମାଳାରେ ଝଲସି ଉଠିବ

ଇନ୍ଦ୍ରଧନୁ ରଙ୍ଗ ଭଳି

ଧୂପ ଝୁଣା ବାସେ ମହକି ବାସିବ
ଚତୁର୍ଦିଗେ ଯିବ ଖେଳି.5
ଆଦି ଶକ୍ତି ସେହି ଶକ୍ତି ସ୍ୱରୂପିଣୀ
ମହାଶକ୍ତି ମହାକାଳୀ
ଦୁର୍ଗତିରୁ ତାରେ ଦୁର୍ଗା ନାମ ବହେ
ଦୁଷ୍ଟ ଦର୍ପ ଦିଏ ଦଳି.6
ତାଙ୍କ ପାଦେ ନମି କରିବା ଗୁହାରି
ଦେଖମା ନୟନ ଖୋଲି
କିଭଳି ଅନୀତି ଅଧର୍ମ ଚାଲିଛି
ନ୍ୟାୟ ରୁ ଅନ୍ୟାୟ ବଳି....7
ପ୍ରକାଶିତ କର ମହାତେଜ ତୋର
ଅରାତି ଯାଆନ୍ତୁ ଜଳି
ଶାନ୍ତି ଭାତୃଭାବ ଜାଗୁ ସର୍ବ ହୃଦେ
ପାଇ ତୋ ଚରଣ ଧୂଳି......8

*ଲୋକନାଥ ପଟ୍ଟନାୟକ*
*ରେଙ୍ଗାଲପାଲି. କୋକସରା*
*କଳାହାଣ୍ଡି. ଓଡିଶା*
***ମୋ. ନମ୍ବର.9937626376***

# ଦେବୀ



କେମିତି ଜାଣିବି  ଅଛ ବୋଲି ଦେବୀ
କରୁଣାର ଅଭିସାରେ ?
ତୁମେ ଥାଉଁ ଥାଉଁ   ଯେଣୁ ଅସଜଡା
ସବୁ ଅନ୍ତରଙ୍ଗତାରେ ।

ନର ଏଠି ନିତି   ହିଂସ୍ର ସୌଦାଗର
ତୁମକୁ ସଜେଇ ଦେଇ,
ଜାଣିଛି ସେ ଦେବୀ   ଉଦାରର ଋତୁ
ତେଣୁ ନାଚେ ଉଗ୍ର ହୋଇ ।

ଅନ୍ତର ତଳେ ମୋ   ଅନନ୍ତ ଆହ୍ୱାନ
ଲୁହର ଶ୍ରାବଣ ଧାରା,
ମହିଷା ଦେଖୁ ତୋ  ମାନବୀର ରୂପ
ମ୍ଳେଛ ସଂହାରଣେ ପରା  ।

ଭଗ୍ନ ମନ ହେଉ   ଦେବୀ ତୋ ଛୁଆଁରେ
ମଗ୍ନ ଭାବ ଶିରାବଣ,
ବୈଶାଖ ପୃଷ୍ଠାରେ   ବସନ୍ତର ଚିଠି
ଲେଖାହେଉ ପ୍ରତିକ୍ଷଣ ।

ଶାନ୍ତିର ବରଷା ବର୍ଷୁଥାଅ ମାଆ
ବରାଭୟେ ହୃଦୟରେ,
ନରକ ପରାଏ ପ୍ରତିଟି ଅଗଣା
ସ୍ୱର୍ଗ ହେଉ ତୋ ଛୁଆଁରେ ।

ଦେବୀ ମୋତେ ଦିଅ ଅନ୍ଧାର ମୁଠାଏ
ଆଉ ଅନ୍ଧ ଆଖି ଦୁଇ,
ଅନୁଭବିବି ମୁଁ ତୁମ ଆଲୋକକୁ
ଭାବେ ଆଲୋକିତ ହୋଇ ।

ସୁଜିତ କୁମାର ମିଶ୍ର
ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ - ୭୬୮୩୮୬୭୭୪୨

# ମାଆ ଦଶ ଭୂଜା



ଆଶ୍ୱିନ ମାସର    ଶୁକ୍ଳ ଦଶମୀର
ହୁଅଇ ମାଆର ପୂଜା
ମହିଷା ମର୍ଦ୍ଦିନୀ    ସଙ୍କଟ ତାରିଣୀ
ଦୁର୍ଗା ନାମେ ଦଶଭୂଜା।

ପ୍ରକୃତି ରୁପିଣୀ    ପ୍ରକୃତି ସ୍ୱରୁପା
ପ୍ରକୃତିରୁ ଆବିର୍ଭୁତା
ସିଂହ ବାଘ ପଶୁ    ପ୍ରକୃତି ଆଧାରେ
ଅଟୁ ତୁ ପ୍ରକୃତି ମାତା ।

ପ୍ରକୃତି ବିପ୍ୱାତ    ସହି ନ ପରି `ମା `
ମହିଷା କଲୁ ନିହତ
ମହିଷାମର୍ଦ୍ଦିନୀ    ନାମରେ ତୋହର
ସଂସାରେ ଲଭିଲା  ଖ୍ୟାତ।

ବିଜୟ ଦେଖିଣ    ପ୍ରକୃତି ପୁରୁଷ
ଆନନ୍ଦେ ସେ ଆତ୍ମହରା
ସ୍ୱାଗତ ଜଣାଏ    କାଶତଣ୍ଡି ଫୁଲେ
ଧବଳ ଦିଶଇ ଧରା।

ଆଶିଷ ଦେବୁ ତୁ   ଜଗତ ଜନନୀ
ମାତୃଭାବ ହୃଦେ ନେଇ
ଶତୃତା ନ ରହୁ   ପଡୋଶୀ ସୁଜନେ
ଦୁନିଆଁ ସମ୍ପର୍କେ ଭାଇ ।

*ପ୍ରକୃତି ମିତ୍ର ଅନୁପ କୁମାର ଗଡ଼ନାୟକ*
*ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ*
*ନାତିଡି,  ତାଳଚେର*
*ଅନୁଗୋଳ*

# ହେ ମାଁ ନବ ଦୁର୍ଗା



ଜୟ ଜୟ ମାଁ ଗୋ ଜଗତଜନନୀ
ତୁହିଁ ମାଁ ଦୁର୍ଗତିନାଶିନୀ
ତୁହି ଦଶଭୁଜା ତୁହି ମା ଅଭୟା
ଜୟ ମଙ୍ଗଳକାରିଣୀ।।

ଜୟ ମାଁ ଦୁରୁଗା ଶକ୍ତି ସ୍ୱରୂପିଣୀ
ନବ ଦୁର୍ଗା ଅଭିହିତ
ନଅ ଗୌରୀ ରୂପେ ନଅ ରୂପ ଧରି
ଆରାଧନା ବିରାଜିତ ।।

ଆଦି ଶକ୍ତି ରୂପେ ଶୈଳପୁତ୍ରୀ ବେଶ
ହିମାଳୟ ଗିରିକନ୍ୟା
ବ୍ରହ୍ମଚାରିଣୀର ସ୍ୱୟଂ ସେ ସ୍ୱରୂପା
ଉମା ସଙ୍ଗତେ ଅପର୍ଣ୍ଣା ।।

ଉଗ୍ର ରୂପ ଧରି  ଦେବୀ ଦଶଭୁଜା
ଚନ୍ଦ୍ରଘଣ୍ଟା ବିରାଜିତ
ଅଷ୍ଟଭୁଜା ରୂପେ କୁଷ୍ମାଣ୍ଡ ସ୍ୱରୂପେ
ଦେବୀ ହସରୁ ବିଦିତା।

କାର୍ତ୍ତିକେୟ ମାତା ଦେବୀ ଚତୁର୍ଭୁଜା
ସ୍କନ୍ଦମାତା ରୂପେ ଖ୍ୟାତ
ଋଷି କାତ୍ୟାୟନ ତପ ବଳେ ସିଦ୍ଧ
କାତ୍ୟାୟନୀ ଅଭିନୀତା।

ତ୍ରିନେତ୍ର ଧାରିଣୀ ଦେବୀ କାଳରାତ୍ରୀ
ଧରି ବିକଟାଳ ରୂପ
ଶୈତବସ୍ତ୍ରଧାରୀ ହେ ମାଁ ହରଗୌରୀ
ସିଦ୍ଧିଦାତ୍ରୀ ଅନ୍ତରୂପ ।।

ଦୁର୍ଗତିନାଶିନୀ ହେ ମାଁ କାତ୍ୟାୟନୀ
ଅଭୟଦାୟିନୀ ମାଆ
ଦୁଃଖ ନେଇ ସୁଖ ଭରି ଦେଉଥିବୁ
ଜଗତଜନନୀ ମାଆ।।

ବିପଦ ଆପଦେ ସାହା ହେଉଥିବୁ
ହେ ମାଆ ଦୁଃଖ ଭଞ୍ଜନୀ

ହେ ମାଆ ଭବାନୀ ଶକ୍ତି ସ୍ୱରୂପିଣୀ
ହେ ମାଁ କରୁଣା ଦାୟିନୀ ।।

ବସନ୍ତେ ବାସନ୍ତୀ ଶରତେ ଶାରଦା
ହେ ମାଁ ଶକ୍ତି କୃପାଳିନୀ
ହେ ମାଁ ଦଶଭୁଜା ପାର୍ବଣେ ସୁସଜ୍ଜା
ଭକ୍ତ କରୁଣାକାରିଣୀ ।।

*ପ୍ରସନ୍ନ କୁମାର ମେହେର*
*ଦିଗଶିରା, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର*
*ମୋ- ୯୭୭୭୯୭୧୩୭୬*




# ଜୟ ମା ଦୁର୍ଗା

ଶିହଂବାହିନୀ ମା ଦୁର୍ଗତିନାଶିନୀ
ଉଭା ହେଲୁ ଏ ଧରାରେ,
ସ୍ୱର୍ଗ ଛାଡି ମର୍ତ୍ତେ ଅବତରଣ ଯେ
ସ୍ବାଗତଂ କାଶତଣ୍ଡୀରେ |

ମହିଷାମର୍ଦ୍ଦିନୀ ଦେବୀ ଗୋ ଆମ୍ବିକେ
ଦଶଭୁଜା ମାଆ ଦୁର୍ଗା,
ଉଦ୍ଧାର କର ହେ ସବୁ ବିପତ୍ତିରୁ
ଉଡୁ ତୁମ ନାମେ ଧ୍ୱଜା |

ହେଉ ଯେ ବିଲୋପ୍ତ କରୋନାର ବଂଶ
ନ ରହୁ ତା ଚିହ୍ନ ବର୍ଣ୍ଣ,
ତ୍ରିଶୂଳର ମୂନେ ବଦ୍ଧ କର ତାକୁ
ହେଉ ମର୍ତ୍ତ୍ୟରୁ ସେ ଶୁନ୍ୟ |

ପାପ ନାଶି ମାଆ ପୁଣ୍ୟ ଭାବ ମନେ
ଭରିଦିଅ ସଭିଙ୍କର,
ମିଛ ଭୁଲି ଯାଇ ସତ୍ୟ ବଚନକୁ
କରନ୍ତୁ ସର୍ବେ ଆଦର |

ଘୃଣା ଇର୍ଷା ରାଗ ଅହଂଭାବ ହିଂସା
ଭୁଲିଯାନ୍ତୁ ସବୁ ମନୁ,
ପ୍ରେମ ପୀରତିରେ ମଜ୍ଜିଯାନ୍ତୁ ସର୍ବେ
ଖୁସି ନ ସରୁ ଜୀବନୁ |

କୁବାଟକୁ ଭୁଲି ଭଲ ପଥେ ଯାଇ
ସର୍ବେ ହୁଅନ୍ତୁ ସଚୋଟ,
ଅହିଁସା ଧରମ ପାଳନ କରନ୍ତୁ
ନ ଭାବନ୍ତୁ ବଡ ଛୋଟ |

ଦଶଭୁଜା ତୁମେ ଦଶ ଦିଗକୁ ମା
ଦିଅ ହେ ଟିକିଏ ଆଖି,
ଖଣ୍ଡା ଧାରେ କର ପାପିଙ୍କୁ ସହାଁର
ନ ରୁହନ୍ତୁ କେହି ଦୁଃଖୀ |

ଭକ୍ତି ମନେ ମାଆ ଲେଖିଛି ପଦିଏ
ଅଳି ଗୋ ତୁମରି ପାସେ,
ଭୋଗ ନଡ଼ିଆ ମା ନାହିଁ ସିନା ପାସେ
ଡାକୁଛି ମୁଁ ଯୋଡି ହସ୍ତେ |

ଧିରୋଜ କୁମାର ପାତ୍ର,
କୁସୁର୍ଲା, କଳାହାଣ୍ଡି

# ଅଭୟ ଦାୟିନୀ ମାଆ



କୋଟି ପ୍ରଣତି ବାଢ଼େ ......ଏ ଅଧମ ସନ୍ତାନ

କରୁଣା ମୟୀ ଜନନୀ

ଗୋ ସାଦରେ ଘେନ (ଘୋଷା) ।

ସନ୍ତାନ ବତ୍ସଳା ମାଗୋ

ତୁ ମମତା ମୟୀ ।

ତୋ' ସେନେହ-ଡୋରେ ବନ୍ଧା

ହୋଇଅଛି ମୁହିଁ।

କରିବୁନି ନିରାଶ ମୁଁ (୨)

କରୁଛି ଜଣାଣ ।୧।କରୁଣା ମୟୀ....

ଦୁର୍ଦ୍ଦାନ୍ତ ଦାନବ କେତେ

କଲେ ଅତ୍ୟାଚାର।

ଅବନୀ ମାତା ନ ସହି

ତାଙ୍କ ପାପ ଭାର ।

ଗୁହାରୀ କରନ୍ତେ ମାତ(୨)

ଫେଡ଼ିଛୁ କଷଣ।୨।କରୁଣା ମୟୀ.....

ଶୁମ୍ଭ , ନିଶୁମ୍ଭ , ମହିଷା ,

କଂସ, ଦଶାନନ ।

ତିନି ପୁରେ ବିହିଲେ

ଯାତନା ଅକଥନ ।

ଦୁର୍ଗା ରୂପ ଧରି କଲୁ (୨)
ଦୁଃଖ ବିମୋଚନ ।୩। କରୁଣା ମୟୀ....

ତୁ ଏକା ସାହା ଭରସା
କେହି ନାହିଁ ଆନ।
କର ଯୋଡ଼ି କରୁଅଛି
ଦୀନ ନିବେଦନ।
ଅଭୟ ଦାୟିନୀ ମାଆ (୨)
ଅଳି ମୋର ଶୁଣ ।୪। କରୁଣା ମୟୀ......

*କବି-ଶ୍ରୀ ଗୁପ୍ତେଶ୍ୱର ଚାନ୍ଦ*
*ସମାସିଂହା; ଝାରସୁଗୁଡ଼ା*
*ଦୂରଭାଷ :-୭୬୮୩୮୪୧୦୬୪.*

# ଦେଖେଇ ଦେ ତୋର ରୁପ

ହେ  ମା ଜଗତଜନନୀ  ମା ଠାକୁରାଣି
ତୁଇପରେ ସର୍ବ ଶକ୍ତି ମୟି ଚଣ୍ଡ ମଣ୍ଡ ବିନାସିନି
ହେଲେ ମା ତକେ ପୁନି ଏବେ ପ୍ରେସର୍ ପଡୁଛେ
ବ୍ଲଡ ପ୍ରେସର୍ କି ପଲିଟିକାଲ ପ୍ରେସର୍ ଯେ
ଚଣ୍ଡ ମଣ୍ଡ କେ ତୁଇ ସୁରଷା ଦେଉଛୁ
ସେମାନେ ଏବେ ଦୋନ୍ଟ କେୟାର ନେ ବୁଲୁଛନ
ଆସବା ବଛରେ ପରେ ଜବର ଚାନ୍ଦା ମାଗି
ସୁନାର ମୁରତି  କରି ପୁଜା କରବେ ||
ଆର ମଏସା ତୋ ତୋର ପରମ ଭକ୍ତ
ଆଏଜ କାଏଲ ଧୋବ ଧୁତି ପିନ୍ଧି
ଚିତା ଚଏତନ ମାରି ପ୍ରବଚନ ସୁନୁଛେ
ମଦ ପାଏନ ପୁନୀ  ଛାଡିଦେଲା ନା||
ହେ ଜେଇ ଫେଇ ମନକେ ଡରେଇ ଧିପେଇ
ଯେନ ପଏସା ଆନୁଛେ ହେତି ତୋର  ରୁପା ର ମଣ୍ଡପ ବନାବା||
ଇଥର ବି ଇଲେକ୍ସନ ନେ ଉଠବା  ||
ଇ  କଲି ଯୁଗର ମଏସା ଆର ଚଣ୍ଡ ମଣ୍ଡ କେ ଦେଖଲେ
ତୋର ଦଶଟା ହାତ କାଏ ବନ୍ଦ ଦିଶୁଚେ ମା଼ା ||
ତୁଇ ଗୁଟେ ମଏଷା କେ ସିନା ମାରଲୁ

ଇନେ ତେ ହଜାର ହଜାର ମଇଷା ବୁଲୁଛନ ମା
ସେମାନଙ୍କର ହାତ ବି ବହୁତ ଲମ୍ବା
ନ୍ୟାୟ ନିସପତି ତାକର ହାତେ ପାବାର ବେସି
ନାରି ମନକେ ଖେଲନା ଭାବି ସବୁ ସାରି ଦେଲେ
ଯେତକି ପ୍ରେସର୍ ଥିଲେ ବି ଆ ମାା
ତୋର ସେ କାଲି କରାଲ ରୁପ ଦେଖା
ବିନାଷ କର ଇ ମଇଷା ମାନ କେ
ଦୁର୍ନୀତି ଅନିତି ହଟିଯାଉ
ରାମ ରାଏଜ ର ଗଠନ ହେଉ
ତେବେ ଯାଇ ଇତିହାସେ ନା ତେର ରହେବା
ସ୍ୱର୍ଣ୍ଣାକ୍ଷରେ ||

*ସଂଜୀବ କୁମାର ଶତପଥି.*
*କେଂନ୍ଦୁପାଟି. ଜୁନାଗଡ, କଳାହାଣ୍ଡି*
*ମୋ- 8455041407*

# ମାଆର କରୁଣା

ମାଆ' ନଥିଲେ ସବୁ ଅନ୍ଧାରଛାଇ
ଆସୁଛନ୍ତି ମା ଦୁର୍ଗା ରୂପଟି ନେଇ
ମା' ନଥିଲେ ତ ରାହା ନାହିଁ
ମା' ପରି କାହାର ଶକ୍ତି ତ ନାହିଁ
ମା'ପରି କେହି ସରଳ ନାହିଁ
ମା' ମୋର ଅଟେ ଜନମ ଦାୟୀ
ମା' ପରି କଷ୍ଟ କିଏ ସହିଛି କାହିଁ
ମା'ର ପାଦପଦ୍ମେ କରୁଣା ପାଇ
ସବୁ କାମରେ ଯିବୁ ନ ଡରି ଭାଇ
ମା' ପରି ଅମୂଲ୍ୟ ସମ୍ପଦ ମିଳିଛି ଭାଇ
ମା' ଅଛି ଯେବେ ଭାଗ୍ୟବାନ ତୁହି
ମା'ଡାକ ଯେବେ ତୁଣ୍ଡେ ଡାକି ତୁ ଦେବୁ
ସବୁ ଦୁଃଖେ କଷ୍ଟେ ମୁକ୍ତି ପାଇବୁ
ମା'କୁ ସ୍ମରିବୁ ଯେଉଁ କାର୍ଯ୍ୟେରେ
ମା'ର କରୁଣା ପାଇବୁ ସବୁ ଜାଗାରେ
ଆଗେଇ ଯିବୁ ଆମେ ମାଆର ଗୀତ କଣ୍ଠେ ଗାଇ ଗାଇ
ମା' ନଥିଲେ ସବୁ ଅନ୍ଧାରଛାଇ ।

*ସୁନିଲ କୁମାର ସ୍ୱାଇଁ*

*କଇଥଗଡିଆ, ହାଟଡିହି, କେନ୍ଦୁଝର*





# ମାଁ ସମଲେଶ୍ୱରୀ ଦେବୀଙ୍କ ମହିମା

ଆମ ଉତ୍କଳ ପ୍ରଦେଶ ର ପ୍ରତ୍ୟେକ ସ୍ଥାନରେ ଆରାଧ୍ୟା ଦେବୀ ମାନଙ୍କ ଆବିର୍ଭାବ ହୋଇଥିବାରୁ ପ୍ରତ୍ୟେକ ଦେବୀଙ୍କର ଭିନ୍ନଭିନ୍ନ ନାମକରଣ ଅନୁସାରେ ପୂଜାର୍ଚ୍ଚନା କରାଯାଉଛି ଓ ସ୍ୱତନ୍ତ୍ର ମହିମା ର ଅବସ୍ଥିତି ରହିଛି।

ପଶ୍ଚିମ ଓଡ଼ିଶା ତଥା ସମ୍ବଲପୁର ଜିଲ୍ଲାର ଆରାଧ୍ୟା ଦେବୀ ମାଁ ସମଲେଶ୍ୱରୀ ଦେବୀଙ୍କ ପୀଠ ଠାରେ ପୂଜାପାଉଛନ୍ତି। ବର୍ଷସାରା ଗୈରିକ ବର୍ଣ୍ଣରେ ସିନ୍ଦୂର ମଣ୍ଡିତା ହୋଇ ପୂଜା ପାଉଛନ୍ତି। ଆଶ୍ୱିନ ମାସର ମହାଳୟା ଅମାବାସ୍ୟା ତିଥିରେ ଶ୍ୱେତ ରୂପେ ପୂଜିତ ହୋଇଥାନ୍ତି। ମାଁ ଙ୍କର ଏହି ନିଆରା ବାର୍ଷିକ ରୁପକୁ ଧବଳମୁଖୀ ବେଶ ଅବା ଗଙ୍ଗା ଦର୍ଶନ ବେଶ କୁହାଯାଏ ।ପୁଅଜିଉନ୍ତିଆ ଓଷା ପାର୍ବଣ ଠାରୁ ଷୋଳପୂଜା ରୂପେ ଆରମ୍ଭ ହୋଇଥାଏ । ମହାଳୟା ଅମାବାସ୍ୟା ପୂର୍ବଦିନ ସତୀ ବେଶରେ  ଦର୍ଶନ ଦିଅନ୍ତି। ସେହିଦିନ ମଧ୍ୟରାତ୍ରରେ ପୂଜକ ମାନେ ମାଁ ଙ୍କୁ କର୍ପୁର ମିଶା ଗଙ୍ଗାଜଳ ରେ ସ୍ନାନ କରାଇ ଚନ୍ଦନ ଅଗୁର ପ୍ରଲେପ ଦେଇ ଧବଳମୁଖୀ ବେଶ ରେ ସୁସଜ୍ଜିତ କରିଥାନ୍ତି।ଏହି ବେଶ ଦୁଇଦିନ ଧରି ରଖାଯାଇ ପୂଜା ପାଇଥାନ୍ତି। ଏହି ଦର୍ଶନ ଗଙ୍ଗା ଦର୍ଶନ ର ପୁତ୍ରଲାଭ ରୂପେ ବିଶେଷକରି ବିଶ୍ୱାସ ରହିଅଛି।

ପଶ୍ଚିମ ଓଡ଼ିଶା ର ପ୍ରତ୍ୟେକ ପର୍ବପର୍ବାଣୀ ସହିତ ନୂଆଖାଇ ଓ ନବାନ୍ନ ପର୍ବର ବିଶେଷତା ତଥା ଦଶହରା ପର୍ବରେ  ନଅଦିନ ବ୍ୟାପୀ ଖୁବ୍ ଜାକଜମକରେ ପୂଜା କରାଯାଇଥାଏ। ଦୀପାବଳି, ଦଶହରା  ଓ ହିନ୍ଦୁ ପାର୍ବଣରେ ସ୍ୱତନ୍ତ୍ର ପୂଜାପାଠ ସହ ଭୋଗ ଇତ୍ୟାଦି ର ବ୍ୟବସ୍ଥା ରହି ଥାଏ। ଐତିହ୍ୟ କଳା ସଂସ୍କୃତି ସହ ଏକ ପାରମ୍ପାରିକ

ବିଧିବଦ୍ଧ କିମ୍ବଦନ୍ତୀ ଅନୁଯାୟୀ  ଯେ କୌଣସି ପ୍ରକାର ନୂଆ ପଦାର୍ଥ କ୍ରୟ କରି   ଯଥା ଗାଡି  ଘୋଡା ଇତ୍ୟାଦି ପ୍ରଥମେ  ମାଁ ଙ୍କର ସମ୍ମୁଖରେ ପୂଜା କରିବା ପରେ ବ୍ୟବହାର କରିଥାନ୍ତି । ନବରାତ୍ର ର ବିଶେଷତ୍ୱ ଅନୁସାରେ ନବଦିନ ବ୍ୟାପି ମା'ଙ୍କ ସମ୍ମୁଖରେ ଦ୍ଵୀପ ପ୍ରଜ୍ୱଳନ କରି ମାନସିକ ପୂର୍ଣ୍ଣ ହେବା ବିଶ୍ୱାସ ରହିଛି।

କିମ୍ବଦନ୍ତୀ ଅନୁଯାୟୀ ରାମାୟଣ କଥାବସ୍ତୁକୁ ଆଧାର କରି ମହୀ ରାବଣ   ଲଙ୍କାଗଡର ଅଧିଷ୍ଠାତ୍ରୀ ଲଙ୍କେଶ୍ୱରୀ ଦେବୀଙ୍କ ସମ୍ମୁଖରେ  ରାମ ଲକ୍ଷ୍ମଣଙ୍କୁ ବଳୀ ଦେବା ପାଇଁ ଆଣିଥିଲା। ସେତେବେଳେ ହନୁମାନ ନିଜ ବୁଦ୍ଧି ଓ କୌଶଳ ବଳରେ ଲଙ୍କେଶ୍ୱରୀ ଦେବୀଙ୍କ ପରାହତ କରି। ରାମ ଲକ୍ଷ୍ମଣଙ୍କୁ ମୁକ୍ତି କରାଇଥିଲେ। ଏହି ଅପମାନ ସହ୍ୟ ନକରି ପାରି ଲଙ୍କେଶ୍ୱରୀ  ଲଙ୍କା ତ୍ୟାଗ କରି ସମ୍ବଲପୁରରେ ସମଲେଶ୍ୱରୀ ଠାକୁରାଣୀଙ୍କର ରୂପ ନେଇ ଅବସ୍ଥିତ ହେଲେ।

ମାଁ ଙ୍କର ମହିମା ଅତ୍ୟନ୍ତ ମନୋରମ ପ୍ରଦର୍ଶିତ ହୋଇଥାଏ।

*ମଧୁସ୍ମିତା ସାହୁ*
*ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର*
*ଜିଲ୍ଲା- ଗଞ୍ଜାମ, ଓଡ଼ିଶା*
*ମୋ — ୯୩୪୮୨୮୫୪୧୬*

# ଦଶହରା ପର୍ବ

ଦଶହରା ପର୍ବ ପାଳିତ ଆଶ୍ୱିନେ ହୁଏ,
ନବରୂପ ନବଦୂର୍ଗା ନବରାତ୍ରୀ ଦିଏ,
ଶତ୍ରୁ ସଂହାର କାରିଣୀ,
ଅବତୀର୍ଣ୍ଣ ଦୁନିଆରେ  ଜଗତକଲ୍ୟାଣୀ ।।
ଦଶଭୂଜା ଦଶଦିଗେ ଦଶଦିନ ଧରି,
ନାରୀରୂପେ ନାରାୟଣୀ ସଂସାରକୁ ପାରି,
ମହିଷାମର୍ଦ୍ଦିନୀ  ଦେବୀ,
ନରରୂପ ଅସୁରର ଅହଂକାରୀ ଗର୍ବୀ  ।।
ଭିନ୍ନତା ର ରୂପଧରୀ ଆସିଛନ୍ତି ମାତା,
ସର୍ବଶକ୍ତି ଜ୍ଞାନ ବୁଦ୍ଧି ଶିକ୍ଷା ଗୁଣ ଦାତା,
କରିଥାଅ ଦୁନିଆକୁ,
ବିଶେଷ ଶୋଭିତ ବିଜୟର ପତାକାକୁ।।
ଅଗ୍ରଧାତ୍ରୀ  ଦୂର୍ଗା, କାତ୍ୟାୟନୀ, କାଳରାତ୍ରୀ,
ସ୍କନ୍ଦମାତା,କୁଷ୍ମାଣ୍ଡ,ବ୍ରହ୍ମଚାରିଣୀ ଶୈଳପୁତ୍ରୀ ,
ଚନ୍ଦ୍ରଘଣ୍ଟା ମହାଗୌରୀ,
ସିଦ୍ଧିଦାତ୍ରୀ ପ୍ରଦାୟିନୀ ସର୍ବଦୁଃଖହାରୀ ।।
ମେଢ଼ ମଣ୍ଡପ ପୂଜାର୍ଚ୍ଚନା ଷୋଡ଼ଶ ଉପଚାର,
ଝୁଣା ଧୂପ ଦୀପ  ଆରତୀରେ ନୈବେଦ୍ୟର,
ଶୋଭାମଣ୍ଡାୟିତ ନାରୀ,

ସକଳ ସୁଖ ଦେଇ  ଭବସାଗର ପାରି ।।
ଘରେ ଘରେ ବିରାଜିତ ପ୍ରତିମା ତୁମରି,
ନବାନ୍ନ,ନୂଆ ପୋଷାକ ସଜ ପୂଜାକରି,
ଆଗମନେ ହୋଇଅଛ,
ଶୁଭାଶିଷ ଧାରା ମସ୍ତକରେ ଢାଳିଅଛ।।

*ମଧୁସ୍ମିତା ସାହୁ*
*ବ୍ରହ୍ମା ନଗର ପ୍ରଥମ ଗଳି*
*ବ୍ରହ୍ମପୁର, ଗଞ୍ଜାମ,ଓଡ଼ିଶା*
*ମୋ- ୯୩୪୮୨୮୫୪୧୬*

# ମା ଦଶଭୂଜା



ଜୟ ମା ଦୁର୍ଗା ଦୁର୍ଗତି ନାଶିନୀ
    ବରାଭୟ ସିଦ୍ଧି ଦାତ୍ରୀ
ଆଶ୍ବିନ ମାସର ତୋହର ପରବ
    ମନେ ଭରୁ ସୁଖ ଶାନ୍ତି ।୧।
ଜୟ ଦଶଭୁଜା ଶକ୍ତି ପ୍ରଦାୟିନୀ
    ମାତା ଅଭୟ ଦାୟିନୀ
ଶଙ୍କଟ ହାରିଣୀ ଦୁର୍ଗତି ନାଶିନୀ
    ଖଣ୍ଡା ଖର୍ପର ଧାରିଣୀ ।୨।
କୈଳାସରୁ ଯାଅ ପିତା ହିମାଳୟ
    ଖୁସିର ପସରା ନେଇ
ତୁମ ଆଗମନେ ଧରଣୀ ବକ୍ଷରେ
    ପୂଜା ମଣ୍ଡପ ସାଜଇ ।୩।
କାଶତଣ୍ଡୀ ଫୁଲ ନଦୀ କୂଳେ ହସେ
    ମାଆଙ୍କ ସ୍ବାଗତ ପାଇଁ
ଶରତ ଗାଉଛି ଗୁଣୁ ଗୁଣୁ ଗୀତ
    ମଳୟ ଦେଉଛି କହି ।୪।
ଶରତ ଋତୁରେ ଆଶ୍ବିନ ଶୁକ୍ଳରେ
    ନବରାତ୍ର ପୂଜା ହୁଏ
ପୂଜା ମଣ୍ଡପଟି ଝଲସି ଉଠଇ
ଚଉଦିଗ ଶୋଭା ପାଏ ।୫।

ଆଲୋକ ମାଳରେ ତୋରଣ ସଜାନ୍ତି
ପୂଜା ପାଅ ମଣ୍ଡପରେ
ଶ୍ରଦ୍ଧାଳୁ ଭକତେ ସ୍ତୁତି ଗାନ କରେ
ଚଣ୍ଡୀ ପାଠ ନିରନ୍ତରେ ।୬।
ତ୍ରେତୟା ଯୁଗରେ ଶ୍ରୀରାମ ପୂଜିଲେ
ନୀଳ ପଦ୍ମ ତୋତେ ଦେଇ
ରାବଣ ନିଧନ ସୀତା ଉଦ୍ଧାରିବା
ସାହା ହୋଇଥିଲ ମାୟୀ ।୭।
ବ୍ରହ୍ମାଙ୍କ ବଳରେ ବଳିୟାନ ହୋଇ
ଉତ୍ପାତ ମହିଷା କଲେ
ତିନିପୁର ଯାକ ହା ହା କାର ମଚେ
ଦେବତା ବ୍ରହ୍ମା ପୁଛିଲେ ।୮।
ବ୍ରହ୍ମା ବିଷ୍ଣୁ ଶିବ ଅନ୍ୟ ଦେବ ମିଶି
ତେଜ ସମ୍ମିଳିତ କଲେ
କାତ୍ୟାୟନ ଋଷି ଆଶ୍ରମ କୁଣ୍ଡରୁ
ଦୁର୍ଗା ପ୍ରକଟ ହୋଇଲେ ।୯।
କ୍ରୋଧାଗ୍ନିରୁ ଜାତ ହେଲେ ଦୁର୍ଗା ମାତ
ଦେବ ଦେଲେ ଅସ୍ତ୍ରଶସ୍ତ୍ର
ବିନାଶ କରିଲ ଶୁମ୍ଭ ନିଶମ୍ଭଙ୍କୁ
ଏ କଥା ଅଟଇ ସତ୍ୟ ।୧୦।
ସିଂହାସନେ ବସି ମହିଷା ବଦ୍ଧିଲ




ସତ୍ୟ ଶାନ୍ତି ରକ୍ଷା ପାଇଁ
ଅନ୍ୟାୟ ଉପରେ ନ୍ୟାୟର ପ୍ରତିଷ୍ଠା
ହେଲା ମାତା ତୁମ ପାଇଁ ।୧୧।

ଦୁର୍ଗା ଉପାସନା ଯେଉଁ ବ୍ୟକ୍ତି କରେ
ପାଏ ଚଉବର୍ଗ ଫଳ
ଧର୍ମ ଅର୍ଥ କାମ ମୋକ୍ଷ ତାଙ୍କୁ ମିଳେ
କିର୍ତ୍ତି ରହେ ରସାତଳ ।୧୨।

ଶକ୍ତି ସ୍ୱରୂପିଣୀ ଶାନ୍ତି ପ୍ରଦାୟିନୀ
ଅଧିଷ୍ଠାତ୍ରୀ ତୁ ଭବାନୀ
ତୋହରି ଚରଣେ ଶରଣ ପଶୁଛୁ
ରକ୍ଷା କରିବୁ ଜନନୀ ।୧୩।

*ବାସନ୍ତୀ ଲତା ଜେନା*
*ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର*
*ଦୂର ଭାଷ ନଂ :8658655979*

# ଦୁର୍ଗା ମା

କାଶତଣ୍ଡି ଫୁଲ ବତାଶ ଦୋଳେଇ
ମାଆ ଆସେ ଧରା ସଜେଇ,
ଭକତ ସଭିଏଁ କେଡେ ଆଡ଼ମ୍ବରେ
ଦୁର୍ଗା ମା ନାମ ଭଜଇ।(୧)

ଶଙ୍ଖ ଚକ୍ର ଗଦା ତୁ ବଜ୍ର ଧାରିଣୀ
ଶକ୍ତି ରୂପେ ନାରାୟଣୀ,
କାତ୍ୟାୟନୀ ରୂପେ ସାଧକ ପୂଜଇ
ମା ତୁ ପାପ ନାଶିନୀ।(୨)

ଅଭୟ ବରଦ ମୁଦ୍ରା ଧାରୀ ବେଶ
ହସ୍ତେ ଧରି ଖଡ୍ଗ ତୀର,
ଦୁଃଖ ହରି ହୃଦେ ପାପୀ କୁ ବିନାଶୀ
ନାଶିବ ପାପର ଭାର।(୩)

ଜଗତ ଜନନୀ ଜଗତ କଲ୍ୟାଣ
କରିବ ତୁମରି ହାତେ,
ଧରଣୀ ମା ତ ସ୍ୱାଗତ କରିବ
ମାଦଳ ଢୋଲକ ସାଥେ ।(୪)

କେବେ ଦଶଭୁଜା କେବେ ବିଜୟିନୀ
କେବେ ତୁ ସିଂହ ବାହିନୀ,
କେବେ ନାରାୟଣୀ କେବେ ତୁ ଦାୟିନୀ
କେବେ ଉଗ୍ର ରୂପ ଧାରିଣୀ।(୫)

ତୁମେ ସର୍ବମୟୀ ସର୍ବ ଦୁଃଖ ହାରୀ
ତୁମେ ତ ସୃଷ୍ଟିର କର୍ତ୍ତା,
ଅବତରି ଧ'ରେ ବ୍ୟାଖ୍ୟା କର ସର୍ବେ
ତୁମରି କରୁଣା ବାର୍ତ୍ତା।(୬)

ପ୍ରକମ୍ପିତ କରି ତୁମ ଅଗମନ
ମାୟାରେ ଜଗତ ମୋହ,
ତୁମ୍ଭେ ତ ଜନନୀ ମହିଷା ନାଶିନୀ
ତୁମେ ହିଁ ଭକ୍ତଙ୍କ ଦିଅ।(୭)

ଅଜ୍ଞାତ ମୁଁ ଜପ,ଅବୋଧ ମୋ ତପ
ମୁଁ ପୁଣି ଅଧମ ସୂତ,
ପାପ ପୁଣ୍ୟ ଭାର ତରଜୀ ତରିବ
ଏତିକି ଗୁହାରି ମାତା।(୮)

*ଜୟନ୍ତ ଦାସ ( ପ୍ରଫୁଲ୍ଲ)*
*ଥାଲାସଡା, ବାଲେଶ୍ୱର*

# ସିଂହବାହିନୀ

ସଙ୍କଟ ହାରିଣୀ ସିଂହବାହିନୀ ଗୋ
ଜଗତ ଜନନୀ ମାଁ,
ତୋ ପଦେ ନମନ କରୁଛି ମାତା ଗୋ
ହେଉଥିବୁ ନିତି ସାହା।।
ଦଶଭୁଜା ମେଲି ଅଭୟ ଦେବୁ ତୁ
ଦୁଃଖୀ ରଙ୍କି ଜନତା ଙ୍କୁ,
ସଂହାର କରିବୁ ପାପୀ ତାପି ଜନେ
ନର ରୂପି ରାକ୍ଷସଙ୍କୁ।।
ମାଁ ସମଲେଇ କଟକଚଣ୍ଡୀ ଉଗ୍ରତାରା
ତୁହି ତ ତାରାତାରିଣୀ,
ଯାଜପୁରେ ମାଁ ବିରଜାଇ ଭଗବତୀ ସାରଳା
ବୋଲାଉ କଣ୍ଟା ବାଉଁସୁଣି।।
ନାନା ରୂପେ ନାନା ସ୍ଥାନେ ପୂଜା ପାଉ
ଏ ଧରା ଧମେ ବିରଜି,
ଏ ଭବ ସାଗରେ ଭକ୍ତ ପାରି ହୋଇଯାଏ
ତୁମ ନାମ ଭଜି ଭଜି।।
ଆଶ୍ୱିନ ମାସରେ ନବରାତ୍ରି ପୂଜା
ପାଳନ୍ତି ସଭିଏଁ ନିଷ୍ଠାରେ,
ସକଳ ଜନଙ୍କୁ ଘଣ୍ଟ ଘୋଡାଇ ଦେଉ
ମାଁ ବୋଲି ଡାକି ଦେଲେ ଥରେ।।

*ପ୍ରମୋଦ କୁମାର ରାଉଳ*
*ଜୟପୁର (କୋ)*





# ଶରତ କୂଳିଆ ବାଆ କାଶତଣ୍ଡୀ ଫୁଲେ ମା'

ବିଚିତ୍ରମୟ ଦୁନିଆ ବିଚିତ୍ରମୟ ଭଗବାନ ଙ୍କ ଏହି ସୃଷ୍ଟି। ଏହି ବିଚିତ୍ରମୟ ସୃଷ୍ଟି ରେ ପ୍ରକୃତି ରାଣୀ ନାନା ରୂପ, ନାନା ରଙ୍ଗ, ନାନା ଗନ୍ଧ ନେଇ ଆସିଥାଏ ଧରାପୃଷ୍ଠ କୁ। ଧରଣୀ ରାଣୀ ନିଜ ର ରଙ୍ଗ ରେ ରଙ୍ଗାୟିତ କରେ ପୃଥିବୀ ର ସମସ୍ତ ଜୀବଜନ୍ତୁ, ଗଛ ଲତା ମାନଙ୍କୁ। ଝରଣା ର କୁଳୁକୁଳୁ ନାଦେ ବହିଯାଉଥିବା ନିର୍ଝରିଣୀ ଝରଣା, କୋଇଲି ର କୁହୁକୁହୁ ନାଦ ଏବଂ ଚଢେଇ ର କଳରାବ ଆନନ୍ଦିତ କରେ ମନୁଷ୍ଯ ପ୍ରାଣ କୁ। ବ୍ୟସ୍ତବହୁଳ ଜୀବନ ର ଅଶାନ୍ତ ହୃଦୟ ରେ ଆଣିଦିଏ ଶାନ୍ତି। ଶୁଶୀତଳ ପବନରେ ଶରୀର ରେ ପ୍ରକୃତି ରାଣୀ ଭରିଦିଏ ରୋମାଞ୍ଚକର ସ୍ପର୍ଶ। ଏହିସବୁ ସଙ୍କେତ ପାର୍ବଣ ର ଆଗମନ ର ସୂଚନା ପ୍ରଦାନ କରେ। ବର୍ଷାଋତୁ ର ପ୍ରସ୍ଥାନ ପରେ ସେ ଦେଇ ଯାଇଥାଏ ପୃଥିବୀ କୁ ଶସ୍ୟ ଶ୍ଯାମଳା ରୂପ। ଏହି ସମୟରେ ଉଚ୍ଛୁଳା ନଈ ର ପଠା ରେ ପାର୍ବଣ ର ଖବର ନେଇ ଆସେ ଧବଳ ବର୍ଣ୍ଣ କାଶତଣ୍ଡୀ ଫୁଲ। ସତେ ଯେପରି ମନେହୁଏ ପ୍ରକୃତି ରାଣୀ ନିଜକୁ ସବୁଜ ଶାଢ଼ୀ ଏବଂ ରୂପା ଅଳଙ୍କାର ରେ ସଜେଇ ହୋଇଛି। ବାଉନ ବଜାର ତେପନ ଗଳି ର ସହର ଆଭିଜାତ୍ୟ କଟକ ସହର ରେ ରହୁଥାନ୍ତି ଜଣେ ପୋଖତ ପ୍ରକୃତି ପ୍ରେମୀ ସଦାନନ୍ଦ ବ୍ରହ୍ମଚାରୀ ବାବୁ। ସେ ପେଷା ରେ ଜଣେ ଇଞ୍ଜିନିୟର କିନ୍ତୁ ନିଶା ରେ ପ୍ରକୃତି ପ୍ରେମୀ। ଅତି ନିକଟ ରୁ ପ୍ରକୃତି କୁ ଅନୁଭବ କରିବା ଏବଂ ପ୍ରକୃତି ସହ ବଞ୍ଚି ରହିବା ତାଙ୍କର ଅଭ୍ୟାସ। ଏ ଆଧୁନିକ ଯୁଗ ରେ ପ୍ରକୃତି ଅନୁକୂଳ ବ୍ୟବହାର ସାମଗ୍ରୀ ମିଳିବା ବହୁତ କଷ୍ଟକର କିନ୍ତୁ ସେ ସବୁ ର ଅଭାବ ନଥାଏ ସଦାନନ୍ଦ ବାବୁ ଙ୍କ ଘରେ। ସେ ନିଜ ଘରକୁ ପ୍ରାକୃତିକ ପରିବେଶ ରେ ସଜାଇ ଥାଆନ୍ତି। ପ୍ରକୃତି ପ୍ରତି ଥିବା ତାଙ୍କର ଅନାବିଳ ପ୍ରେମ ବୋଧେ ତାଙ୍କୁ ବୈବାହିକ ବନ୍ଧନ ରେ ବାନ୍ଧିବାକୁ ଦେଇ ନାହିଁ। ନିଜ ଯୌବନ କୁ ପ୍ରକୃତି ସହ ହଜେଇ ସେ ବର୍ତ୍ତମାନ

ପହଞ୍ଚିଛନ୍ତି ପୌଢ଼ ଅବସ୍ଥା ରେ। ସେତେବେଳେ ଥାଏ ପାର୍ବଣ ର ସମୟ। କଟକ ରେ ପାର୍ବଣ ଅର୍ଥାତ୍ ଆଖି ଝଲସା ତୋରଣମାଳା ଏବଂ ଚାନ୍ଦି ମେଢ଼। ଏହି ଚାନ୍ଦି ମେଢ଼ ହିଁ କଟକ ସହର କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ନିଜ ବ୍ୟସ୍ତବହୁଳ ଜୀବନ ରୁ ସଦାନନ୍ଦ ବାବୁ ଟିକେ ସମୟ ବାହାର କରି ବାହାରିଥାନ୍ତି ନିଜ ଅନ୍ତରଙ୍ଗ ବନ୍ଧୁ ଙ୍କ ସହ କାର ରେ ବାହାରକୁ। ରାସ୍ତା ରେ ଗଲାବେଳେ ଅନୁଭବ କରୁଥାନ୍ତି ଓଡ଼ିଶା ର ଜୀବନରେଖା ମହାନଦୀ ର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ କୁ। ମନେ ହେଉଥାଏ ଯେପରି ନଈପଠା ର କାଶତଣ୍ଡୀ ଫୁଲ ତାଙ୍କୁ ହାତ ଠାରି ଡାକୁଥାଏ। କଟକ ରେ ରହିଛି ଦେବୀ, କାଠଯୋଡ଼ି ପରି ଅନେକ ନଦୀ ଯେଉଁମାନେ ନିଜକୁ ମହାନଦୀ ରେ ବିଲୟ କରିଦେଇଛନ୍ତି। ହଠାତ ସଦାନନ୍ଦ ବାବୁଙ୍କ ନଜର ପଡିଲା ଏକ ଅପୂର୍ବ ମନୋରମ ଦୃଷ୍ୟ । ସେ ଆଉ ଥୟ ଧରି ରହି ପାରିଲେ ନାହିଁ, ଚାଳକ କୁ ଗାଡି ରଖିବାକୁ ନିର୍ଦ୍ଦେଶ ଦେଲେ। ନିର୍ଦ୍ଦେଶ ପାଇ ଚାଳକ ଗୋଟିଏ ପାଖକୁ ଗାଡି ଅଟକାଇଲା । ସଦାନନ୍ଦ ବାବୁ ନିଜକୁ ସଞ୍ଚତ ନକରିପାରି ଚାଲିଗଲେ ସେହି ଅପୂର୍ବ ସ୍ଥାନ କୁ। ନିଜ ଆଖିରୁ ଚଷମା କୁ ବାହାର କରି ପୋଛିଦେଇ ଏକ ପଥର ଉପରେ ବସିପଡିଲେ। ପ୍ରକୃତି କୁ ଅନୁଭବ କରିବା ପାଇଁ ନିଜ ଆଖିକୁ ମୁଦ୍ରିତ କରି ପକାଇଲେ। କିଛି କ୍ଷଣ ପରେ ତାଙ୍କୁ ଅନୁଭବ ହେଲା ଯେମିତିକି କେହି ଜଣେ ତାର କୋମଳ ହସ୍ତ ରେ ତାଙ୍କୁ ଆଉଁସି ଦେଉଛି। ସେହି ପରଶ ରେ ତାଙ୍କର ପୌଢ଼ ଶରୀର ରୋମାଞ୍ଚିତ ହୋଇ ଉଠିଲା। ସେହି ପରଶ ରେ ତାଙ୍କୁ ନିଦ ଆସିଗଲା ଏବଂ ତାଙ୍କ ଆଖିରେ ଛାଇ ଗଲା ଅସୁମାରୀ ସ୍ୱପ୍ନ। ସ୍ୱପ୍ନ ରେ ସେ ଦେଖିଲେ ତାଙ୍କ ସମ୍ମୁଖ ରେ ଆବିର୍ଭାବ ହୋଇଛନ୍ତି ମା ଦୁର୍ଗା। ସେ ମା' ଙ୍କୁ ପଚାରିଲେ ,“ ମା ତୁ କଣ ସତରେ ମହିଷାସୁର କୁ ମାରିବା ପାଇଁ ଦଶଭୂଜା ଧାରଣ କରିଥିଲୁ।ବର୍ତ୍ତମାନ ସମାଜ ରେ ସମାଜ ସେବା ନାଁ ରେ ଅନେକ ମହିଷାସୁର ବୁଲୁଛନ୍ତି, ସେମାନଙ୍କୁ କଣ ତୁ ବଧ କରିବୁ ନାହିଁ ? ସେମାନଙ୍କ ଅତ୍ୟାଚାର କଣ ତୋ ଆଖିରେ ପଡୁନାହିଁ ?ଲୋଭ,

ମୋହ, ଲାଳସା, ଧନ, ଆଭିଜାତ୍ୟ, ଗର୍ବ, ଅଂହକାର ର ବଶବର୍ତ୍ତୀ ହୋଇ କଳିଯୁଗୀ ମଣିଷ ଠିକ୍ ଭୁଲ ର ବିଚାର କରି ପାରୁନାହିଁ। ଯେଉଁ ନାରୀ କୁ ମା' ରୂପରେ ପୂଜା କରୁଛି ନିଜ ମନ ର ଲାଳସା କୁ ପୂର୍ଣ୍ଣ କରିବା ପାଇଁ ସେହି ନାରୀ କୁ ଅତ୍ୟାଚାର ଏବଂ ଦୁଷ୍କର୍ମ କରିବାକୁ ପଛାଉ ନାହିଁ। ଦଶହରା ସମୟ ରେ ତୋ ଆଗରେ ଭଲ ଲୋକ ର ଅଭିନୟ କରି ଶେଷରେ ପୁଣି ବଦଳି ଯାଉଛି। ଏସବୁ ର ଅନ୍ତ କେବେ, ଏହି ମହିିିଷାସୁର ମାନଙ୍କ ବିନାଶ କେବେ ? ମା' ସଦାନନ୍ଦ ବାବୁ ଙ୍କ ଏଭଳି ପ୍ରଶ୍ନ ଶୁଣି ମୁରୁକି ହସିଦେଇ ସେଠାରୁ ଚାଲିଗଲେ। ହଠାତ୍ ଏକ ଶବ୍ଦ ଶୁଣି ସଦାନନ୍ଦ ବାବୁ ଙ୍କ ସ୍ୱପ୍ନ ଭାଙ୍ଗିଗଲା ଏବଂ ସେ ବାସ୍ତବ ଦୁନିଆ କୁ ଫେରିଆସିଲେ। ଆଖି୍ ଖୋଲି ଦେଖି୍ଲେ ସଂଧ୍ୟା ହୋଇ ଆସିଲାଣି। ଅସ୍ତଗାମୀ ସୂର୍ଯ୍ୟ ଙ୍କ ରଙ୍ଗ ରେ ଆକାଶ ରକ୍ତିମ ବର୍ଣ୍ଣ ଧାରଣ କରିଅଛି। ପକ୍ଷୀ ମାନେ ନିଜ ନିଜ ବସା କୁ ଫେରିବାକୁ ଲାଗିଛନ୍ତି। ପାଖରେ ରଖି୍ଥି୍ବା ଚଷମା କୁ ଆଖି୍ରେ ଲଗାଇ ଗାଡି ପାଖକୁ ସଦାନନ୍ଦ ବାବୁ ଫେରି ଆସିଲେ। ଗାଡି ରେ ବସିବା ପରେ ସେ ଶୁଣିଲେ ଏକ ଅଜଣା ସ୍ୱର, ତାଙ୍କୁ କେହି ଜଣେ କହୁଥାଏ ମୁଁ ଆସିଯାଇଛି, ତୁ ଆଉ ଚିନ୍ତା କର ନାହିଁ। ସଦାନନ୍ଦ ବାବୁ ବାହାରକୁ ଚାହିଁ ଦେଖି୍ଲେ ସେ ବସିବା ଗୋଟିଏ କୁନି ଝିଅ ଟି ତାଙ୍କୁ ଚାହୁଁଛି। ସଦାନନ୍ଦ ବାବୁ ଙ୍କ ବନ୍ଧୁ ଚାଳକ କୁ ସହର ଭିତରକୁ ନେବା ପାଇଁ ନିର୍ଦ୍ଦେଶ ଦେଲେ। ଧି୍ରେଧି୍ରେ ସେହି ଝିଅ ର ଛବି ଟି କାଶତଣ୍ଡୀ ଗହଳ ରେ ଲୁପ୍ତ ହୋଇଗଲା। ରଙ୍ଗ ବେରଙ୍ଗ ର ଆଲୋକମାଳା ରେ କଟକ ସହର ଝଲସି ଦିଶୁଥାଏ। ସୁଉଚ୍ଚ ଚାନ୍ଦି ମେଢ଼ କୁ ଆଖି୍ ପାଉନଥାଏ। ସେତେବେଳେ ମା' ଙ୍କ ମହାଅଷ୍ଟମୀ ପୂଜା ଚାଲିଥାଏ। ଢୋଲ ର ତାଳେତାଳେ ପୂଜାରୀ ମା' ଙ୍କ ଆଳତୀ କରୁଥାନ୍ତି। ଚାନ୍ଦି ର ଅଳଙ୍କାର ରେ ସଜ୍ଜିତା ମା' ସୁନ୍ଦର ଦିଶୁଥାଏ। ସଦାନନ୍ଦ ବାବୁ ଗାଡି ରୁ ଓହ୍ଲାଇ ଛତର ବଜାର ମେଢ଼ ବୁଲିବାକୁ ଗଲେ। ସେଠାରେ ମା' ଙ୍କ ଦୁର୍ଲଭ କମନୀୟ ମୃଣ୍ମୟୀ ମୂର୍ତ୍ତି କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କଲେ। ହାତ ବଢେଇ ମା' ଙ୍କ ପ୍ରସାଦ

ଗ୍ରହଣ କଲେ ଏବଂ ପୂଜାରୀ ଙ୍କ ହାତକୁ ପାଞ୍ଚଶହ ଟଙ୍କା ବଢାଇଦେଲେ। ରାତିରେ ମା' ଙ୍କ ସନ୍ଧିପୂଜା ହେଲା, ବିଲ୍ୱାବରଣ କରି ପୂଜାରୀ ମା' ଙ୍କୁ ଆବାହନ କଲେ। ସେହି ସମୟ ରେ ଧୂପ, ଦୀପ ର ସୁଗନ୍ଧ ରେ ଚତୁର୍ଦ୍ଦିଗ ସୁଗନ୍ଧିତ ହୋଇଉଠିଲା। ବାଦ୍ୟଯନ୍ତ୍ର ଏବଂ ମନ୍ତ୍ର ଧ୍ୱନି ରେ ଗଗନ ପବନ ପ୍ରକମ୍ପିତ ହେଲା। ମହାନବମୀ ଦିନ ପ୍ରାତଃ ରେ ସଦାନନ୍ଦ ବାବୁ ଉଠି ଶୁଦ୍ଧପୂତ ଭାବରେ ସ୍ନାନ ସାରି ମେଢ଼ ଭ୍ରମଣ ରେ ବାହାରି ପଡିଲେ। ବାଉନ ବଜାର ତେପନ ଗଳି ବୁଲି ବୁଲି ମା' ଙ୍କ ପ୍ରତିମୂର୍ତ୍ତି କପ ନିଜ କ୍ୟାମେରା ରେ କଏଦ କଲେ। ରୂପା ରେ ହୋଇଥିବା କାରୁକାର୍ଯ୍ୟ କୁ ଦେଖି ସଦାନନ୍ଦ ବାବୁ କଟକ ର ବାସିନ୍ଦା ଏବଂ ଓଡ଼ିଆ ପୁଅ ଭାବରେ ଗର୍ବ କରୁଥିଲେ।ମେଢ଼ ବୁଲି ଆସିବା ପରେ ଘରକୁ ଫେରି ତୂଳୀ ରେ ତୁଳନା ରେମା' ଙ୍କ ଛବି ଆଙ୍କିବା ରେ ଲାଗିଲେ। କିଛି କ୍ଷଣ ମଧ ରେ ମା' ଙ୍କ ବାଳସୁଲଭ ରୂପ ତାଙ୍କ ଆଖି ଆଗରେ ଫୁଟି ଉଠିଲା। ମହାଦଶମୀ ଦିନ ଥିଲା ମା' ଙ୍କ ଅନ୍ତିମ ଦିନ, ସମସ୍ତ ମଣ୍ଡପ ମାନଙ୍କରେ ରାବଣ ପୋଡି ର ଆୟୋଜନ ହୋଇଥିଲା। କୁହାଯାଏ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ଏହି ଦିନ ମା' ଙ୍କୁ ଆରାଧନା କରି ବିଜୟ ରଥ ରେ ଦଶାନନ ରାବଣ ର ନିଧନ କରିଥିଲେ। ସେହି ବିଜୟ କୁ ପାଳନ କରିବା ପାଇଁ ପ୍ରତ୍ୟେକ ବର୍ଷ ଦଶହରା ପୂଜା କମିଟି ମାନେ ରାବଣ ପୋଡି ର ଆୟୋଜନ କରିଥାନ୍ତି। ବକ୍ସି ବଜାର ପୂଜା କମିଟି ତରଫରୁ ରାବଣ ପୋଡି ନିମନ୍ତେ ସଦାନନ୍ଦ ବାବୁ ଙ୍କୁ ନିମନ୍ତ୍ରଣ ହୋଇଥାଏ। ସଦାନନ୍ଦ ବାବୁ ଠିକ୍ ସମୟରେ ସେଠାରେ ପହଞ୍ଚି ରାବଣ ର କୁଶ ପୁତଳିକା ରେ ଅଗ୍ନି ସଂଯୋଗ କଲେ। ଅଗ୍ନି ସଂଯୋଗ ହେବା କ୍ଷଣି ବିଭିନ୍ନ ପ୍ରକାର ଆତଶବାଜି ରେ ରାବଣ ର କୁଶ ପୁତଳିକା ଟି ଫୁଟି ଉଠିଲା। ସଦାନନ୍ଦ ବାବୁ ମନେ ମନେ ଭାବୁ ଥାନ୍ତି ଏଠି ସିନା ଏ ରାବଣ ର ଅନ୍ତ ଘଟିଲା ହେଲେ ସତରେ ସମାଜ ରେ ଥିବା ରାବଣ ମାନଙ୍କ ଅନ୍ତ କେବେ ? ହଠାତ୍ ସଦାନନ୍ଦ ବାବୁ ଙ୍କ ଫୋନ କୁ ସନ୍ଦେଶ ଆସିଲା ସଦର

ବଜାର ରାବଣ ପୋଡି ରେ ଜଳନ୍ତା ରାବଣ ମୂର୍ତ୍ତି ପଡି ଅନେକ ଲୋକ ଜଳି ଯାଇଛନ୍ତି। ସେ ମନ ରେ ମା' ଙ୍କୁ ସ୍ମରଣ କଲେ ଏବଂ ତାଙ୍କର ଆରୋଗ୍ୟ କାମନା କଲେ। ତା ପରଦିନ ଥାଏ ମା' ଙ୍କ ବିଦାୟ ର ବେଳ। ସମସ୍ତ ମେଢ଼ ମାନ ଗାଡି ରେ ଲଦା ହୋଇ ଦେବୀ ମୁହାଣ ଆଡେ ଅଗ୍ରସର ହେଉଥାନ୍ତି। ଧାଡି ଧାଡି ହୋଇ ଗୋଟିଏ ପରେ ଗୋଟିଏ ମେଢ଼ ଆସୁଥାନ୍ତି। ସଦାନନ୍ଦ ବାବୁ ନିଜ ଘର ର ଛାତ ଉପରେ ଥାଇ ଏସବୁ ଦେଖୁଥାନ୍ତି। ହଠାତ ସେ ଦେଖିଲେ ଅବିକଳ ସେହି ଝିଅ ଯାହାକୁ ସେ ନଈ ପଠାରେ ଦେଖିଲେ ତାଙ୍କ ଠାରୁ ବିଦାୟ ଚାହୁଁଛି। ସଦାନନ୍ଦ ବାବୁ ସେହି ଝିଅ କୁ ବିଦାୟ ପ୍ରଦାନ କଲେ। ସେହି ସମୟ ରେ ଏକ ଚିଠି ଟି ତାଙ୍କ ପାଖରେ ପଡିଥିଲା। ସେ ଚିଠି ଟି କୁ ଉଠାଇ ପଢିବାକୁ ଲାଗିଲେ। ସେହି ଚିଠି ରେ ଲେଖାଥିଲା ତୁ ଯାହା ସବୁ ପାଇଛୁ ସବୁ ମୁଁ ତତେ ଦେଇଛି। ତୁ କଣ ମୋତେ ଟଙ୍କା ଦେଉଛୁ ବରଂ ମୁଁ ତୋତେ ଏହି ଟଙ୍କା ଦେଉଛି ଯା ତୁ ସେମାନଙ୍କୁ ସାହାଯ୍ୟ କର, ଯେଉଁମାନେ କାଲି ର ଦୁର୍ଘଟଣା ରେ ଆହତ ହୋଇଛନ୍ତି। ସଦାନନ୍ଦ ବାବୁ ନିଜର ଭୁଲ ବୁଝିପାରିଲେ ଏବଂ ନିଜ ଦରମା ରୁ ଅଧା ଟଙ୍କା ସେହି ଆହତ ଙ୍କ ଚିକିତ୍ସା ବାବଦକୁ ମେଡିକାଲ ରେ ନେଇ ପ୍ରଦାନ କଲେ। ମା' ମଧ ଦେବୀ ନଦୀ ର ସ୍ରୋତ ରେ ଧରାପୃଷ୍ଠ ରୁ ବିଦାୟ ନେଲେ ଏବଂ ଛାଡିଗଲେ ବର୍ଷକ ଯାଏଁ ତାଙ୍କ ଅନୁଭବ କୁ। ଅପେକ୍ଷା ପୁଣି ଆଗାମୀ ବର୍ଷ କୁ ଏବଂ ଆନନ୍ଦଭରା ଆଉ ଏକ ପାର୍ବଣ କୁ।

*କିରଣ କୁମାର ପ୍ରଧାନ*

*ଗଞ୍ଜାମ*

# ଦେବୀ

ଦେଉଳରେ ଅବା ମଣ୍ଡପରେ
ନଥାନ୍ତି କେବେ
ଭୋଗ ଖାଉଥିବା ଦେବୀ
ଭ୍ରମରେ ଭକ୍ତ ଅର୍ପେ ଭୋଗ
ଦେଉଳମଣ୍ଡପର ଦେବୀଙ୍କଠି
ସଅଁପେ ବିଶ୍ୱାସରେ କେତେ କଣ
ଫୁଲ ଦିଏ ଧୂପ ଦିଏ ଭୋଗ ଦିଏ ।
ହେଲେ ହାତ ବଢ଼ାଇ ଦେବୀ
ଛୁଏଁନି କି ଖାଏନି କିଛି
ମାଖେନି ବି ନିଜେ ତା'ଠି ଲାଗିଥିବା ଫୁଲକୁ
ଦେବୀଙ୍କୁ ସନ୍ତୁଷ୍ଟ କରିବା ନାଆଁରେ
ଭୋଗ ଅର୍ପେ ଯାହା
ଭକ୍ତ ନିଜକୁ ଠକି
କ୍ଷୀର ମହୁ ବି ଥିପାଏ ଶ୍ରଦ୍ଧାରେ
ଭକ୍ତି ବି କରେ ଭକ୍ତ
ଭକ୍ତି ଭାବନା ବି ରଖେ ।
ଭୋଗ ଲାଗି ହେଉଥିବା
ଦେବୀ ଯେ ନିର୍ଜୀବ
ପାଷାଣୀ ବା ମୃଣ୍ମୟୀ ପ୍ରତିମାଟେ

ସେ ଦେବୀଙ୍କ ମୋହରେ
ଆମେ ସଭେ ବାଇ ।
ହେଲେ ହାତ ବଢ଼ାଇ
ଖାଉଥିବା ଦେବୀ ଯେ
ରକ୍ତମାଂସ ହାଡ଼ରେ ଗଢ଼ା
ଚର୍ମରେ ଘୋଡ଼ା ଶରୀରଧାରିଣୀ
ଯେ ଦେଖାଇଥାଏ ଆମକୁ
ଦୁନିଆର ଆଲୋକ
ସେକଥା ନା ଥାଏ ସଭିଙ୍କ
ବିଚାରରେ ନା ଚିନ୍ତା ଚେତନାରେ ।
ସତରେ ସେ ପୂଜନୀୟା ବନ୍ଦନୀୟା
ସେ ମାଆ ସର୍ବଂସହା
ଅସଲ ଦେବୀ ବିରାଜମାନ କରିଥାନ୍ତି
ବାରମାସୀ ସ୍ୱର୍ଗସମ
ଘର ମନ୍ଦିରରେ ।
ସେଇ ଦେବୀକୁ ସେଇ ମାଆକୁ
ଶତ ନମନ ।

*ଧ୍ରୁବ ଚରଣ ଘିବେଲା*
*ବଉଦରାଜ, ଜି. ବୌଦ୍ଧ*
*ମୋ.9437478466*

# ଭାଗବତୀ ଦଶଭୂଜା



ପ୍ରଜାପତି ସୂତା ଗଉରି ଗିରିଜା
ଭଗବତୀ ଦଶଭୂଜା
ଭବାନୀ ଶିବାନୀ ଅପର୍ଣ୍ଣା ଯୋଗିନୀ
ଜଗତେ ପାଉଛୁ ପୂଜା
ଲାଲ ଜରଜର ଲମ୍ବିଛି ମନ୍ଦାର
ମାଳ ଦେହର ଉପର
କପାଳେ ସିନ୍ଦୂର ଶୋଭା ପାଉଅଛି
ଆଖିରେ କଜଳ ଗାର
ଧରମ ବିଚାର ଦାନବ ସଂହାର
ଉଡୁଛି ତୋହର ଧ୍ଵଜା
ପ୍ରଜାପତି ସୂତା ଗଉରି ଗିରିଜା
ଭଗବତୀ ଦଶଭୂଜା
ସିଂହ ପିଠି ବସି ଆସୁ ମାଗୋ ହସି
ହାତେ ଧରି ଖଣ୍ଡା ଗଦା
ଆଶ୍ୱିନ ମାସର ଶୁକଳ ପକ୍ଷର
ପୂଜା ତୋର ପ୍ରତିପଦା
ଜୟ ଜୟ ଜୟ ଶୁଭୁଛି ଶବଦ
ଦୁଲୁକୁଛି ବଜାଗଜା
ପ୍ରଜାପତି ସୂତା ଗଉରି ଗିରିଜା
ଭଗବତୀ ଦଶଭୂଜା ।

*ସୁହଂସ ଭୋଇ, ପହଣ୍ଡି, ବରଗଡ଼*

# ଆସ ମା ମହିଷାମର୍ଦ୍ଦିନୀ

ଆସିଯାଏ ଯେବେ ଋତୁ ପାରବଣ
ମହମହ ବାସେ ଧରା।
ନୀଳ ଗଗନରେ ଶୁଭ୍ର କାଦମ୍ବିନୀ
ଶୋଭା ଦିଶଇ ନିଆରା।।

ପ୍ରକୃତି କୋଳରେ ସଡ଼କ ଧାରରେ
କାଶତଣ୍ଡି ଯେବେ ହସେ।
ଶୁଭ୍ର ବସ୍ତ୍ର ପିନ୍ଧା ମାଆ ମୁହଁ ମୋର
ଆହା କି ସୁନ୍ଦର ଦିଶେ।।

ଶରତ ଆକାଶେ ରୂପା ଜହ୍ନ ହସେ
ଶାନ୍ତି ମୈତ୍ରୀ ବାର୍ତ୍ତା ବୁଣି।
ଜଗତ ଜନଙ୍କ ଦୁଃଖ ହରନ୍ତି ମୋ
ମାଆ ମହିଷା ମର୍ଦ୍ଦିନୀ।।

ଧରଣୀର ବକ୍ଷ କରିବେ ଉଶ୍ୱାସ
ପାପ କରିଦେଇ ଦୂର।
ଆସୁଛନ୍ତି ମାଆ ଜଗତ ଜନନୀ
ପାପୀଙ୍କ ହେବ ସଂହାର।।

ନଅ ଦିନ ନବ ନାମେ ପୂଜା କରି
ଭକ୍ତ ଡାକନ୍ତି ଆକୁଳେ।
ରୋଗ ଶୋକ ଦୁଃଖ ଦୂର କରି ମା'ଗୋ
ସଦ୍ବୁଦ୍ଧି ଦିଅ ସକଳେ।।

ଭକ୍ତି ପୁଷ୍ପାଞ୍ଜଳୀ ବାଢ଼ଇ ଶେଫାଳୀ
ଶିଶିର ସ୍ନାତା ଧରାରେ।
ଘଣ୍ଟ ଘଣ୍ଟା ନାଦେ କମ୍ପଇ ମେଦିନୀ
ବିଜେ ହେବେ ମା' ମର୍ତ୍ତ୍ୟରେ।।

ସଭିଙ୍କ ଜୀବନେ ଭରି ଦିଅ ମାଆ
ସୁଖ ଶାନ୍ତି ବରାଭୟ।
ସ୍ନେହ ପ୍ରେମ ଭାବ ଭରି ଦେଇ ହୃଦେ
ଜଗତେ ହୁଅ ସହାୟ।।

ଅବତରି ଆସ ମା' ଅମ୍ବେ ଭବାନୀ
ସଂସାର ରହିଛି ଚାହିଁ।
ପାପୀଙ୍କୁ ସଂହାରି ତପୀଙ୍କୁ ଉଦ୍ଧାରି
ଉଶ୍ୱାସ କର ଏ ମହୀ।।

*ସବିତା ସାବତ, ଶିକ୍ଷୟିତ୍ରୀ,*
*ଗଣ୍ଡଳା, ଗଞ୍ଜାମ, ମୋ: ୮୨୪୯୬୦୧୦୪୪*

# ମାଆଙ୍କ ନବମୀ ପୂଜା

ସୋନାଲି ବୋଲି ଝିଅ ଟିଏ ଉଚ୍ଚ ଶ୍ରେଣୀରେ ପଢ଼େ। ଜୀବନରେ କିଛି କରି ନିଜ ଗୋଡ଼ରେ ନିଜେ ଠିଆ ହୋଇ ବାପା ମାଆଙ୍କ ସ୍ୱପ୍ନ କୁ ସାକାର କରିବା ତାର ସ୍ୱପ୍ନ। ସେଇ ସ୍ୱପ୍ନକୁ ସାକାର କରିବାର ଆଶା ନେଇ ବାପା ମାଆଙ୍କ ଠାରୁ ଦୂରରେ ଗାଆଁ ଠାରୁ ଦୂରରେ ଏକ ସହରରେ ହଷ୍ଟେଲରେ ରହି ପାଠ ପଢ଼େ । ଆଉ ଦୁଇ ମାସ ପରେ ତାର ପ୍ରବେଶିକା ପରୀକ୍ଷା ହେଇବାର ଥାଏ। ମନରେ ଅନେକ ଚିନ୍ତା ଅନେକ କଳ୍ପନା ଜଳ୍ପନା ଓ ଉଦବେଗ ଭାରି ରହିଥାଏ । ପରୀକ୍ଷାରେ କିପରି ସଫଳତାର ସହ ଉତ୍ତୀର୍ଣ୍ଣ ହେବ ସେଇ ଚିନ୍ତା ତାକୁ ସବୁବେଳେ ଲଗିରହିଥାଏ । ପ୍ରତିଦିନ ସେ ଲାଇବ୍ରେରୀ ଯାଏ ପାଠ ପଢ଼ିବାକୁ । ସକାଳ ନଅ ଟା ବେଳକୁ ଯାଏ ଯେ ଫେରେ ସନ୍ଧ୍ୟା ଛଅ ଟା ବେଳକୁ । ସେଥିପାଇଁ ସକାଳେ ଲାଇବ୍ରେରୀ ଗଲାବେଳେ ନିଜସହ ଟିଫିନ୍ ନେଇକି ଯାଇଥାଏ ଯାହା ସେ ଲଞ୍ଚ ଟାଇମ ରେ ଖାଏ । ଦିନେ ସେ କୌଣସି କାରଣରୁ ଟିଫିନ୍ ନେଇକି  ଯାଇପରିନଥାଏ। ସକାଳେ ଖଣ୍ଡେ ରୁଟି ଖାଇକି ଯାଇଥାଏ ତେଣୁ ଦୁଇ ଟା ବେଳକୁ ତାକୁ ଭାରି ଭୋକ । ପେଟରେ ମୂଷା ରଡି କଲେଣି ହେଲେ ବିଚାରି କରିବା କଣ। ତା ପାଖରେ ପଇସା ମଧ ନଥାଏ ଯେ ଗୁଡ଼ିଆ ଦୋକାନରୁ କଣ ଗୋଟାଏ କିଣି ଖାଇଦବ ତାକୁ ତା ମାଆ କଥା ବହୁତ ମନେ ପଡ଼ିଲା ଭାବିଲା ତାକୁ ତା ମାଆ କେତେ ଗେଲ କରି ଖୁଆଏ। ସେ ଖାଇବ ବୋଲି ମାଆ ତାର ମନ ପସନ୍ଦର ଖାଦ୍ୟ ବନାନ୍ତି କିନ୍ତୁ ଆଜି ନିଜର ଇଚ୍ଛା ଓ ବାପା ମାଆଙ୍କ ସ୍ୱପ୍ନ ପୁରା କରିବାକୁ ଗାଆଁ ଭୂଇଁ ଠାରୁ ଦୂରରେ। ଗୋଟିଏ ଦୀର୍ଘ ଶ୍ୱାସ ଛାଡ଼ି ପାଣିକଳରୁ ଦି ଢୋକ ପାଣି ପିଇଦେଇ ନିଜ କାମରେ ଲାଗିଗଲା।

ଏହିପରି ଭାବରେ ସନ୍ଧ୍ୟା ହେଲା ସେ ହଷ୍ଟେଲ ଫେରିଲା। ଫେରିଲା ବେଳେ ବାଟରେ ପଡ଼ିଲା ମାଆ ମଙ୍ଗଳା ଙ୍କ ମନ୍ଦିର। ସନ୍ଧ୍ୟା ହେଇ ଆସୁଥାଏ ମନ୍ଦିରରେ ସନ୍ଧ୍ୟା ଦୀପ ଉଠୁଥାଏ ଓ ଆଳତୀ ଚାଲିଥାଏ। ଆଳତୀ ଦେଖି ସୋନାଲି ର ମନ ଟାଣିଲା ଟିକିଏ ମନ୍ଦିର ଆଡେ ବୁଲି ଆସିବାକୁ। ତାକୁ ଅନ୍ତରରୁ ଲାଗିଲା ସତେ ଯେପରି ତାକୁ କିଏ ଡାକୁଚି ତେଣୁ ସେ ମନ୍ଦିର ଭିତରକୁ ଗଲା ଏବଂ ଆଳତୀ ଦେଖି ସାରି ମୁଣ୍ଡିଆ ମାରୁଥାଏ ହଠାତ୍ ସେ ମନ୍ଦିରର ପୂଜକ ଏକ ପୁଡ଼ିଆରେ ଦୁଇଟା ଆରିସା ପିଠା ଦୁଇଟା ମିଠା ଓ କଦଳୀ ଗୋଟେ ଆଣି ଦେଇଦେଲେ। କହିଲେ ଖାଇଦେ ଝିଅ ଆଜି ମାଆଙ୍କ ନବମୀ ପୂଜା ଅବସରରେ ସ୍ବତନ୍ତ୍ର ଭୋଗଲାଗି ହୋଇଛି ତେଣୁ ତୁ ମଧ୍ଯ ଭୋଗ ଟିକିଏ ପାଇଯା ଏତିକି କହି ସେ ମନ୍ଦିର ଭିତରକୁ ଚାଲି ଗଲେ ।

ସୋନାଲି ଥରେ ସେ ଭୋଗ ପୁଡ଼ିଆକୁ ଦେଖି ଥରେ ମାଆ ମୁହଁକୁ ଚାହିଁଲା ତାକୁ ଲାଗିଲେ ସତେ ଯେପରି ସ୍ୱୟଂ ମାଆ ମଙ୍ଗଳା ଆସି ତା କାନ ପାଖେ କହୁଛନ୍ତି ତୋ ମାଆ ସିନା ତୋଠୁ ଦୂରରେ ଗାଆଁ ରେ ବୋଲି ତତେ ଖାଇବାକୁ ଦେଇପରିନି କିନ୍ତୁ ମୁଁ ପରା ତୋ ପାଖରେ ଅଛି। ମୁଁ ଥାଉ ଥାଉ ତୁ କାନ ଭୋକରେ ଫେରିବୁ । ସୋନାଲି ଆଖିରୁ ଦି ଠୋପା ଲୁହ ଝରିଗଲା। ସେ ଭାବୁଥାଏ ତାର ଏ ଲୁହ ଆନନ୍ଦରେ ନା ଦୁଃଖରେ ।

*ସୁଚିତ୍ରା ପ୍ରିୟଦର୍ଶିନୀ ସାହୁ*
*ଅନୁଗୋଳ*
*ମୋ- 7787804664*

# ମାତୃ କୃପା ହି କେବଲମ୍

"ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତା"

ବିଶ୍ୱର ଏକମାତ୍ର ଦେଶ ଯାହାର ସଭ୍ଯତା ହେଉଛି ସବୁଠୁ ପ୍ରାଚୀନ ଓ ଆଜିବି ଜୀବିତ, ସେ ହେଉଛି ଆମ ଭାରତ ବର୍ଷ, ଯାହାକୁ ଆମେ ଭାରତମାତା ବୋଲି ସମ୍ବୋଧିତ କରିବା ସହ ପୂଜା କରୁ । ଯେଉଁ ଦେଶରେ ଦେବୀଙ୍କ ମନ୍ଦିର ପ୍ରତିଟି ଗ୍ରାମରେ ଅବସ୍ଥିତ, ସପ୍ତସତୀ ଚଣ୍ଡି ପାଠ ଠୁ ନେଇ ସପ୍ତ ମାତୃକା ଆରାଧନା ପ୍ରତିଦିନ କରାଯାଏ, ଯେଉଁଠି ପ୍ରତିଟି ନଦୀ ଦେବୀଙ୍କ ନାମରେ ନାମିତ, ପ୍ରତିଟି ପାର୍ବଣରେ ଦେବୀ ଆରାଧନା ପ୍ରମୁଖ ଭାବେ କରାଯାଏ ସେ ହେଉଛି ଦେବ ଭୂମି ମୋ ଦେଶ ।

କିଛି ଶତାବ୍ଦୀ ତଳେ ବିଖ୍ୟାତ ବୈଜ୍ଞାନିକ ସାର୍ ଆଇନଷ୍ଟାଇନ କହିଥିଲେ "ଶକ୍ତିକୁ ସୃଷ୍ଟି କରାଯାଇ ପାରିବ ନାହିଁ କିମ୍ବା ବିନାଶ କରାଯାଇ ପାରିବ ନାହିଁ । ଏହା କେବଳ ଗୋଟିଏ ରୂପରୁ ଅନ୍ୟ ଏକ ରୂପକୁ ରୂପାନ୍ତରିତ ହୋଇଥାଏ । " କିନ୍ତୁ ଏହି ବୈଜ୍ଞାନିକ ସିଦ୍ଧାନ୍ତର କୋଟି କୋଟି ବର୍ଷ ପୂର୍ବରୁ ଦେବୀ ଆରାଧନା ଏହି ସିଦ୍ଧାନ୍ତ ପ୍ରଦାନ କରିଛି । ପୌରାଣିକ ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଠୁ ନେଇ ଅଧୁନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯାଏ ପ୍ରତିଟି ମାନବୀୟ ଲୀଳା ପଛରେ ଦେବୀଙ୍କର ପ୍ରଚ୍ଛନ୍ନ ହାତ ରହିଛି ।

ତ୍ରେତୟା ଯୁଗରେ ମାତା କୈକେୟୀ ନିଜର ପୁତ୍ର ଭରତଙ୍କ ଠାରୁ ରାମଙ୍କୁ ଅଧିକ ଭଲ ପାଉଥିଲେ । ଯେଉଁଥିପାଇଁ ସେ ଜାଣିଥିଲେ ଯଦି ରାମ ଭୋଗ ବିଳାସ ଜୀବନ ଯାପନ କରିବେ ତେବେ ସଂସାରର ହିତ ସାଧନ ତଥା ରାମ ଅବତାରର ମୁଖ୍ୟ ଲକ୍ଷ୍ୟ ସାକାର

ହୋଇ ପାରିବ ନାହିଁ । ତେଣୁ ଦେବୀ ସରସ୍ଵତୀଙ୍କୁ ଆରାଧନା ପୂର୍ବକ ଦାସୀ ମନ୍ଥରା କଣ୍ଠରେ ବନବାସ କଥା କହିବା କରାଇଥିଲେ ରାମ । ହୁଏ ତ ଏଥିପାଇଁ କୈକେୟୀଙ୍କୁ ଅନେକ ଲୋକ ଆଜିବି କୁମାତା କୁହନ୍ତି । କିନ୍ତୁ ରାମଚନ୍ଦ୍ର ସେଦିନ ଉତ୍ତର ଦେଇଥିଲେ - "କୁପୁତ୍ର ଜାୟତେ କୋ ଚି ଦପି କୁମାତା ନ ଭବତି ।" ଅର୍ଥାତ ପୁତ୍ର ଖରାପ ହୋଇପାରେ କିନ୍ତୁ ମାଆ କେବେ ବି ନୁହ । ମାଆର ପ୍ରତିଟି ନିଷ୍ପତ୍ତି ଓ ବାକ୍ୟ ବେଦବାଣୀ ଠୁ ଅଧିକ । କାରଣ ସେହିଁ ସୃଷ୍ଟିର ଆରମ୍ଭ ଓ କାରଣ । ବନବାସ ସମୟରେ ପ୍ରଭୁ ରାମଙ୍କ ସହିତ ବନ ଗମନ କରିଥିବା ମାତା ସୀତାଙ୍କୁ ନାରୀ ଜୀବନ ଚରିତ କିପରି ହେବା ଦରକାର ସେଥିପାଇଁ ମାତା ଅନୁସୂୟା ନିଜର ଦିବ୍ୟ ବାଣୀ ଦ୍ଵାରା କେବଳ ସୀତାଙ୍କୁ ନୁହ ସମଗ୍ର ସଂସାରକୁ ବାର୍ତ୍ତା ଦେଇଛନ୍ତି, ଯାହାକି ଆଜିବି ଆମ ସମସ୍ତଙ୍କ ପାଇଁ ପ୍ରେରଣା ଓ ମାର୍ଗଦର୍ଶକ ରୂପେ ଉଭା ହୋଇଛି । ସେହିପରି ହରିଶୟନ ଏକାଦଶୀ ପରେ ସମସ୍ତ ଦେବାଦେବୀ ଚାରିମାସ ପାଇଁ ଶୟନ କରୁଥିବା ବେଳେ ରାବଣର ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ପ୍ରଭୁ ରାମ ଆଶ୍ଵିନ ମାସର ଏହି ଅକାଳ ସମୟରେ ମାଆ ଦୁର୍ଗାଙ୍କର ଆରାଧନା କରିଥିଲେ, ଯାହାକି ଆଜିବି ଆମେ ମାନେ ଶାରଦୀୟ ଦୁର୍ଗାପୂଜା ରୂପେ ପାଳନ କରିଥାଉ । ମାଆ ଦୁର୍ଗା ରାମଚନ୍ଦ୍ରଙ୍କ ଭକ୍ତିରେ ପ୍ରସନ୍ନ ହୋଇଥିଲେ ମଧ୍ଯ ତାଙ୍କର ପରୀକ୍ଷା ନେବା ପୂର୍ବକ ପୂଜାରେ ଅର୍ପଣ କରାଯାଇଥିବା ୧୦୮ ଟି ନୀଳପଦ୍ମ ମଧ୍ୟରୁ ଗୋଟିଏ ଲୁଚେଇ ଦେଇଥିଲ । ରାମଚନ୍ଦ୍ର ୧୦୭ ଟି ନୀଳପଦ୍ମ ମାଆଙ୍କୁ ଅର୍ପଣ କରିବା ପରେ ଶେଷରେ ଯେତେବେଳେ ଗୋଟିଏ ଫୁଲ ପାଇନଥିଲେ, ନିଜର ତୂଣୀରରୁ ଶର ବାହାର କରି ମାଆଙ୍କୁ ନିଜର ଚକ୍ଷୁ ସମର୍ପଣ କରିବା ପାଇଁ ଉଦ୍ୟତ ହେଇଥିଲେ । କାରଣ ତାଙ୍କୁ ରାଜୀବ ଲୋଚନ କୁହାଯାଏ । ଏହି ସମୟରେ ମାଆ ପ୍ରକଟ ହୋଇ ରାମଙ୍କୁ ରୋକିବା ସହ ବିଜୟ ପାଇଁ

ଅଭୟବର ପ୍ରଦାନ କରିଥିଲେ । ଯଦି ରାମଚନ୍ଦ୍ର ଆଜି ମର୍ଯ୍ୟାଦା ପୁରୁଷୋତ୍ତମ ହୋଇଛନ୍ତି ତେବେ ଏଥିପାଇଁ ମାତୃଶକ୍ତିର ଅଲୌକିକ ଆଶୀର୍ବାଦ ରହିଛି ।

ଦ୍ୱାପର ଯୁଗରେ କଂସର ଅତ୍ୟାଚାରରେ ଅତିଷ୍ଠ ହୋଇପଡିଥିବା ଧରାକୁ ରକ୍ଷା କରିବା ନିମନ୍ତେ ପ୍ରଭୁ ଶ୍ରୀକୃଷ୍ଣ ଧରାପୃଷ୍ଠକୁ ଆଗମନ କରିଥିଲେ । ତେବେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ପୂର୍ବରୁ ଦେବୀ ଯୋଗମାୟା ନିଜେ ଜନ୍ମ ହୋଇ କଂସକୁ ବଧ କରିବା ନିମନ୍ତେ କୃଷ୍ଣ ଆସୁଥିବାର ସୂଚନା ଦେଇଥିଲେ । ଯେଉଁଥିପାଇଁ ଆଜିବି ଜନ୍ମାଷ୍ଟମୀ ତିଥିରେ ଦୁର୍ଗାପୂଜା ପାଇଁ ନଦୀ ତଟରୁ ମୃର୍ତ୍ତିକା ସଂଗ୍ରହ ପରମ୍ପରା ରହିଛି । ଶ୍ରୀକୃଷ୍ଣ ଯେଉଁ ବଂଶୀର ସ୍ୱରରେ ସମଗ୍ର ବିଶ୍ୱକୁ ବାନ୍ଧି ରଖିଥିଲେ, ସେଥିପାଇଁ ସେ ମାତା ସରସ୍ୱତୀଙ୍କ ଠାରୁ ଆଶୀର୍ବାଦ ରୂପେ ଏହି ମୋହନ ବଂଶୀକୁ ପ୍ରାପ୍ତ କରିଥିଲେ । ଗୋମାତାଙ୍କୁ ପୂଜା କରୁଥିବା ଶ୍ରୀକୃଷ୍ଣଙ୍କୁ ଗୋକୁଳର ବାସିନ୍ଦା ମାନେ ଗୋପାଳ ନାମ ଦେଇଥିଲେ । ଆଜିବି ସେହି ସ୍ମୃତିରେ ପ୍ରତିବର୍ଷ ରକ୍ଷା ବନ୍ଧନ ଓ ଗୋଷ୍ଠାଷ୍ଟମୀ ପାଳନ କରାଯାଏ । ପ୍ରକୃତିର ଆରାଧନା କରିବା ପାଇଁ ପ୍ରେରଣା ଦେଉଥିବା ଶ୍ରୀକୃଷ୍ଣ ନିଜର ବାଲ୍ୟ ଲୀଳା ଯମୁନା ଦେବୀଙ୍କ ତଟରେ ହିଁ ସମ୍ପାଦନ କରିଥିଲେ । ଆମ ଦୈନିକ ଜୀବନରେ ଘଟୁଥିବା ପ୍ରତିଟି ସମସ୍ୟାର ସମାଧାନ ନିମନ୍ତେ ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ବାଣୀକୁ ଆଜିବି ଆମେ ଗୀତା ମାତା ରୂପେ ମଧ୍ୟ ପୂଜା କରୁଛୁ ।

କଳିଯୁଗରେ ଶ୍ରୀକ୍ଷେତ୍ର ଧାମରେ ବିରାଜିତ ଚତୁର୍ଦ୍ଧା ମୂର୍ତ୍ତି ବଡ ଠାକୁର ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନ ହେଉଛନ୍ତି ପ୍ରତିଟି ଓଡ଼ିଆର ପ୍ରାଣ କେନ୍ଦ୍ର । ତେବେ ଶ୍ରୀକ୍ଷେତ୍ର ଧାମର ଅଧିଷ୍ଠାତ୍ରୀ ଦେବୀ ହେଉଛି ମାଆ ବିମଳା, ଯାହାଙ୍କ ପାଖରେ ପ୍ରତିଦିନ ପ୍ରସାଦ ଲାଗିହେଲା ପରେ ହିଁ ତାହା ମହାପ୍ରସାଦ

ରେ ପରିଣତ ହୁଏ । ରଥଯାତ୍ରା ସମୟରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ସମ୍ପୂର୍ଣ୍ଣ ଭାବେ ମାତୃଶକ୍ତିର ପ୍ରତୀକ ହୋଇଥିବା ବେଳେ ରଥାରୂଢ ଦିଅଁଙ୍କ ସମ୍ମୁଖରେ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥାଏ । ଏହି ଅଧରପଣା ନୀତିରେ ବ୍ୟବହୃତ ହେଉଥିବା ପଣାକୁ ତିନି ରଥରେ ବିରାଜିତ ଓ ସୁରକ୍ଷା କରୁଥିବା ଚଣ୍ଡୀ ଚାମୁଣ୍ଡା ମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥାଏ । ସେହିପରି ଆଶ୍ୱିନ ମାସରେ ଅନୁଷ୍ଠିତ ହେଉଥିବା ଶାକ୍ତ ଗୁଣ୍ଡିଚାରେ ଦେବୀ ଦୁର୍ଗାଙ୍କ ସହ ଜଗନ୍ନାଥ ବିଜେ ହୋଇଥାନ୍ତି, ଯାହାକୁ ସାଧାରତଃ ଦୁର୍ଗା ମାଧବ ଉପାସନା କୁହାଯାଏ । ମାନବୀୟ ଲୀଳା କରୁଥିବା ଦାରୁ ବିଗ୍ରହ ମାନଙ୍କ ନୂତନ ଦାରୁ ସନ୍ଧାନ ନିମନ୍ତେ ଯୋଡା ଆଷାଢ଼ ପଡୁଥିବା ବର୍ଷରେ ଅନୁଷ୍ଠିତ ହେଉଥିବା ନବକଳେବର ସମୟରେ ବନଜାଗ ଯାତ୍ରା ଏକ ପ୍ରମୁଖ ପର୍ବ । ଏହି ସମୟରେ ନୂତନ ଦାରୁ କେଉଁଠାରେ ଅଛନ୍ତି ଏଥି ନିମନ୍ତେ କାକଟପୁର ସ୍ଥିତ ମାଆ ମଙ୍ଗଳାଙ୍କ ମନ୍ଦିରରେ ଦଇତାପତିମାନେ ଅଧିଆ ପଡିଥାନ୍ତି । ମାଆ ମଙ୍ଗଳାଙ୍କ ସ୍ୱପ୍ନାଦେଶ ପରେ ସେମାନେ ଆଶୀର୍ବାଦ ଗ୍ରହଣ ପୂର୍ବକ ଦାରୁ ସନ୍ଧାନରେ ଆଗକୁ ବଢ଼ିଥାନ୍ତି । ତେଣୁ ଶକ୍ତିଙ୍କ ସାହାଯ୍ୟରେ ହିଁ ସବୁକିଛି ଲୀଳା ସମ୍ପାଦନ ହୋଇଥାଏ । ଆଜିବି ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ପାଲା ଗାୟନ ପୂର୍ବରୁ ପାଲା ଗାୟକ ମାନେ ମାଆ ଶାରଳାଙ୍କ ଆଶୀର୍ବାଦ ନେଇ ପାଲା ଗାଇଥାନ୍ତି ।

ଶେଷରେ ଏତିକି କୁହାଯାଇପାରେ ଯେପରି ବିନା ଶକ୍ତିରେ ସବୁକିଛି ନିଷ୍କ୍ରିୟ ହୋଇଯାଏ ଠିକ୍ ସେହିପରି ଶକ୍ତି ସ୍ୱରୂପାଙ୍କ ବିନା ଏ ସଂସାର ଅସାର ।

*ନେତାଜୀ ତାପସ କୁମାର ସାହୁ*
*ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର*
*ଯୋଗାଯୋଗ* - ***8260356113***

# ଜଙ୍ଗଲ ରେ ଦୁର୍ଗାପୂଜା

ଥରେ ଗୋଟେ ଚଢ଼େଇ ଜଙ୍ଗଲରେ ବୁଲୁବୁଲୁ ସହର ଆଡ଼େ ଚାଲିଗଲା। ସହରରେ କିଛି ସମୟ ବୁଲିଲା ପରେ ସେ ନିଜ ମା ପାଖକୁ ଫେରି ଆସିଲା। ତା ମା ତାକୁ ପଚାରିଲା - "ଆରେ ଧନ ତୁ ଏତେ ସମୟ ହେଲା କେଉଁ ଆଡ଼େ ଯାଇଥିଲୁ?" ସେ କହିଲା - "ମା ମୁଁ ଜଙ୍ଗଲରେ ବୁଲୁବୁଲୁ ଟିକେ ସହର ଆଡ଼େ ଚାଲି ଯାଇଥିଲି। ମା ତୁ ଜାଣିଛୁ ନା ସହରରେ ଲୋକମାନେ କେତେ ସୁନ୍ଦର ଭାବରେ ମା ଙ୍କୁ ସଜେଇ ଦୂର୍ଗା ପୂଜା କରୁଛନ୍ତି।" ଏହା ଶୁଣି ତା ମା ତାକୁ କହିଲା - "ଲୋକମାନେ ପ୍ରତି ବର୍ଷ ଆଶ୍ୱିନ ମାସରେ ମା ଦୂର୍ଗାଙ୍କୁ ପୂଜା କରିଥାନ୍ତି। ଏହି ପୂଜା ଦଶ ଦିନ ଧରି ଚାଲିଥାଏ। ଏହାକୁ ଦଶହରା ବି କୁହନ୍ତି।" ଟିକି ଚଢେଇ କହିଲା -" ମା ମା ଶୁଣୁ ନା ଆମେ ବି ଚାଲେ ଦୂର୍ଗା ପୂଜା କରିବା। ମୁଁ ଜଙ୍ଗଲରେ ଅନ୍ୟ ପକ୍ଷୀମାନଙ୍କୁ ମଧ କହିବି, ସେ ଆମ ସହିତ ପୂଜା କରିବେ। ମା ଏ ମା କହନା ଆମେ ବି ପୂଜା କରିବା।"ତା ମା ଏ କଥା ଶୁଣି କହିଲା -" ହଉ ଧନ ତୁ ବ୍ୟସ୍ତ ହନି ଆମେ ବି ଏଥରକ ଦୂର୍ଗା ପୂଜା କରିବା।" ଏହା ପରେ ସେମାନେ ଦୁଇ  ଜଣ ଜଙ୍ଗଲର ଅନ୍ୟ ଚଢ଼େଇମାନଙ୍କୁ ଦୂର୍ଗା ପୂଜା କରିବା ବିଷୟରେ କହିଲେ। ସବୁ ପକ୍ଷୀମାନେ ପୂଜା କରିବାକୁ ରାଜି ହେଲେ। ସବୁ ପକ୍ଷୀମାନେ ମିଶି ପୂଜା କରିବାର ଆୟୋଜନରେ ଲାଗି ପଡିଲେ। ପର ଦିନ ସକାଳୁ ସବୁ ପକ୍ଷୀମାନେ ପୂଜା କରିବାକୁ ପହଂଚି ଗଲେ। ଟିକି ଚଢ଼େଇ ପୂଜା ଆରମ୍ଭ କଲା। ଜଙ୍ଗଲରେ ପୂଜା ହବାର ଶବଦ ଶୁଣି ଚିଲ କହିଲା - "ଆରେ ଜଙ୍ଗଲରେ ପୂଜା କିଏ କରୁଛି? ମୁଁ ଯାଇ ଦେଖେ।" ଏମିତି କହି ଚିଲ ପୂଜା ଦେଖିବାକୁ ଚାଲିଗଲା। ସେଠି ଯାଇ ଦେଖିଲା ଚଢ଼େଇମାନେ ଜଙ୍ଗଲରେ ଦୂର୍ଗା ପୂଜା କରୁଛନ୍ତି। ସେ କହିଲା - "ଚଢ଼େଇମାନେ ବୋଧେ ଭୁଲି ଗଲେଣି ଯେ ଜଙ୍ଗଲରେ ମୋ ବିନା ଅନୁମତିରେ କିଛି ହୁଏନି। ଏମାନଙ୍କୁ

ବୁଦ୍ଧି ଶିଖେଇବାକୁ ପଡ଼ିବ। କିଛି ଗୋଟେ କରିବାକୁ ପଡ଼ିବ। ତାଙ୍କ ହୋମ ନିଆଁରେ ପାଣି ଆଣି ଢ଼ାଳି ତାଙ୍କ ପୂଜା ବନ୍ଦ କରିଦେବି।" ଏମିତି କହି ଚିଲ ପାଣି ଆଣିବାକୁ ଚାଲିଗଲା। ହଠାତ୍ ନଈରୁ ପାଣି ଆଣିବା ସମୟରେ ତାକୁ କିଛି ସବଦ ଶୁଭିବାକୁ ଲାଗିଲା। "ଏ ମୁର୍ଖ ଚିଲ ରହିଯା। ଜଙ୍ଗଲରେ ଚଢ଼େଇମାନେ ଏତେ ଭକ୍ତି ଓ ଶ୍ରଦ୍ଧାରେ ମୋ ପୂଜା କରୁଛନ୍ତି। ତମେ ତାଙ୍କ ପୂଜା ନଷ୍ଟ କରିବାକୁ ଚାହୁଁଛ?" ଏମିତି ଶୁଣି ଚିଲ ଚାରିଆଡକୁ ଚାହିଁବାକୁ ଲାଗିଲା। ହେଲେ କାହାକୁ ପାଇଲା ନାହିଁ। ସେ ଜୋର୍ ରେ କହିବାକୁ ଲାଗିଲା - "ଆରେ ଏଠି ତଃ କେହି ନାହାଁନ୍ତି ହେଲେ କଥା ସବୁ ଶୁଭୁଛି କେଉଁଠୁ?" ଏମିତି କହିବା ପରେ ଦୂର୍ଗା ମା ଆବିର୍ଭାବ ହେଲେ। ମା ଙ୍କୁ ଦେଖି ଚିଲ କହିଲା -" ମା ମତେ କ୍ଷମା କରିଦିଅ। ମୁଁ ଗର୍ବ ଅହଙ୍କାରରେ ଅନ୍ଧ ହେଇଯାଇଥିଲି।" ଏମିତି କହିବାରୁ ମା ଚିଲକୁ କ୍ଷମା କରିଦେଲେ ଓ ଚିଲ ପୂଜା ସ୍ଥାନକୁ ଫେରି ଆସିଲା। ସେଠି ସମସ୍ତଙ୍କୁ ପଚାରିଲା -" ଚଢ଼େଇମାନେ, ମୁଁ କଣ ତମ ସମସ୍ତଙ୍କ ସହିତ ମିଶି ପୂଜା କରି ପାରିବି?" ଚିଲର କଥା ଶୁଣି ଚଢ଼େଇମାନେ ପରସ୍ପରକୁ ଚାହିଁବାକୁ ଲାଗିଲେ। ଏହା ଶୁଣି ଟିକି ଚଢ଼େଇ କହିଲା -" ହଁ ଚିଲ ମଉସା ତମେ ଆସ ଆମ ସହ ମିଶି ପୂଜା କରିବା।" ଏହା ପରେ ସବୁ ପକ୍ଷୀମାନେ ମିଶି ଆନନ୍ଦରେ ପୂଜା କରିବାକୁ ଲାଗିଲେ।

*ବୈଶାଖୀ ପ୍ରିୟଦର୍ଶିନୀ*
*ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର*

# ମାଆ ଆସିଛନ୍ତି ଧରାକୁ



ମରାଳ ମର୍ଦ୍ଦିନି ଦୁର୍ଗତି ନାସିନି ମାଆ
ଅବତରି ଆସ ଧରାକୁ
ପୟରେ ତୋହୋର କୋଟି ନମସ୍କାର
ଅନ୍ତରରୁ ଆହା କରୁଛି ।।
ଗୁହାରୀ ଶୁଣିମା ହେଉ ମହାମାୟୀ
ତୁହି ମା ଦୁଃଖର ହାରିଣୀ
ଭକତ ଜନଙ୍କ କଷ୍ଟକୁ ଲାଘବ କରୁ ତୁ
ଅପାର କରୁଣା ଢାଳିକି ।।
ଭକତି ରେ ତୋତେ ମନରୁ ପୂଜିଲେ
ଡାକ ସୁଣିଥାଉ ଆଦରେ
ତେଣୁ ତୋର ନାମ ଭକତ ଭଞ୍ଜନୀ
ରହିଅଛି ପରା କଥା ରେ।।
ପୁଣ୍ୟ ବଳେ ଦାନ ପାପ ବଳେ ନାଶ
ସଂହାର କରୁ ତୁ ଶତ୍ରୁ କୁ
ତେଣୁ ତୁହି ନାମ ଭିଆଇଛୁ ସଦା
ସଂହାର କାରିଣୀ ମାଆ ତୁ ।।
ଜୟ କରିଅଛୁ ମୃତୁକୁ ବୋଲି ତୁ
ନାମ ତୋ ଅପରାଜିତା

ତୋହରି ଦୟାରୁ ଭକତ ବି ହୁଏ

ଧରାରେ ଜଗତ ଜିତା ।।

ମନ୍ଦାର ମାଳିନୀ ଶ୍ରଦ୍ଧାରେ ଜାଳିଲେ

ଦୀପ ଧୂପ ପାଖେ ତୋର

ପୂର୍ଣ୍ଣ କରୁ ଆଶା ହେଉ ସଦା ସାହା

ଅଭାଗୀ ଭକତ ପାଇଁ କି ।।

ଆଦି ଶକ୍ତି ଆଦି ମାତା ଅଟୁ ତୁହି

ତୋ ପାଦେ ଶରଣ ପଶୁଛି

ତ୍ରାହି କର ମାଗୋ ଏଭବ ସାଗରୁ

ଏତିକି ଭିକ୍ଷା ମୁଁ କରୁଛି।।

*ମାନସୀ ଆଚାର୍ଯ୍ୟ*

*ଶିକ୍ଷା ଅଧ୍ୟାପିକା, ଶହୀଦ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟ,*

*ବୈପାରିଗୁଡ଼ା, କୋରାପୁଟ,୭୬୪୦୪୩,*

*ମୋବାଇଲ୍ _ ୯୧୭୮୩୩୫୮୨୨*

# ନାରୀ ନାରାୟଣୀ

ନାରୀ ନାରାୟଣୀ ନାରୀ ନାରାୟଣୀ
ନାରୀ ନାରାୟଣୀ ସର୍ବଂ ସହା ନାରୀ ଶାନ୍ତ
ମୂର୍ତ୍ତି ଲଜ୍ୟା ଶାଳୀନତା ଲାଜକୁଳୀ ଲତା
ପୁଣି ନାରୀ ସୌନ୍ଦର୍ଯ୍ୟମୟୀ ରୁପସୀ ସ୍ନିଗ୍ଧା

ଲାବଣ୍ୟମୟୀ ଅଭିସାରିକା ବିପ୍ରଲବ୍ଧା ବାସକସଜ୍ଜା
ପୌରୁଷ ର ଆକର୍ଷଣ ମାାଦକତା ରେ କିନ୍ତୁ ସେ
ପତି ପରାୟଣା ପତିବ୍ରତା କୋମଳମତି ମା
ପ୍ରୀତି ସୁଧା ଢାଳେ ପ୍ରତି ହୃଦୟ ରେ ।

ମା ର ଲାଳିତ୍ୟ କରୁଣା ପ୍ରେମ ରେ
ସେ ପ୍ଳାବିତ କରେ ଶିଶୁ ର ହୃଦୟ କୁ
ଦୟା ମାୟା କ୍ଷମା ର ରୂପ ନେଇ ।
ମମତାମୟୀ ମା ପୁଣି ସେ ହେଇଯାଏ
କେତେବେଳେ କ୍ରୋଧିତା କ୍ଷୁବ୍ଧା ପ୍ରତାଡ଼ିତା ।

ଘୃଣା ଆକ୍ରୋଶ ରେ ଭରିଯାଏ  ହୃଦୟ ତାର
ଧରିନିଏ ଉଗ୍ର ରୂପ ଚଣ୍ଡୀ ମହାକାଳୀ ରୂପ  ।

ବଦ୍ଧ କରେ ଷଡ ରିପୁ
ଲୋଭ ମୋହ କାମ ପାପ
ନାଶ କରେ ଚଣ୍ଡୀ ରୂପ ଧରି ।

ପୁଣି ସେହି ନାରୀ ସୀତା ସାବିତ୍ରୀ
ଦମୟନ୍ତୀ ଦ୍ରୌପଦୀ, ମୈତ୍ରେୟୀ , କୁନ୍ତୀ
ରୂପ ନିଏ ମହୀୟସୀ ବିଦୂଷୀ ନାରୀ ।
ଦେଶ ଜାତି ର ନାମ ରଖେ
ଗାର୍ଗୀ ଲୋପାମୁଦ୍ରା, ଶକୁନ୍ତଳା
ଇନ୍ଦିରା, ମଦର ଟେରେସା ହୋଇ ।

ପୁଣି ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ପରି
ଇଂରେଜ ସେନା ସହ ଲଢେ ।
ଇଂରେଜ ସେନା ଙ୍କୁ ଦିଏ ରଣ ହୁଙ୍କାର ।
ସିପାହୀ ବିଦ୍ରୋହ ସମସ୍ତ ସେନା ଙ୍କୁ ଧରି ଲଢ଼ନ୍ତି
ଇଂରେଜ ବିରୁଦ୍ଧ ରେ ଶେଷ ରକ୍ତ ଦେଇ
ଜାତି ପ୍ରେମ ବହ୍ନି ସ୍ୱାଧୀନତା ର ମଶାଲ ଧରି
ଲଢୁଥିଲେ ସେମାନେ ବିରଙ୍ଗନା ମାନେ ।

ନାରୀ ସେ କୋମଳମତି ପ୍ରେମ ତରଙ୍ଗିଣୀ
ପୀୟୁଷ ଢାଳି ବନିଯାଏ ରୁକ୍ଷ କଠୋର ।


ଲୁହାର ଶାଣିତ ଧାର ରେ
ନାଶ କରେ ପାପ ର କଲୁଷ ।

ମା ଦୁର୍ଗା ଦୁର୍ଗତିନାଶିନୀ ପାପ ନାଶିନୀ
ମହିଷାସୁର କୁ ବଦ୍ଧ କରି ।
ଅର୍ଦ୍ଧ ନାରୀଶ୍ୱର ରୂପ ଶିବ ପାର୍ବତୀ ଙ୍କ ର
ଶିବ ହୋଇଯାନ୍ତି ଶବ
ଯେବେ ସତୀ ନରୁହନ୍ତି ସଂସାରେ ।

ପୁଣି ପ୍ରକୃତି ପ୍ରେମ ମୟୀ କରୁଣା ମୟୀ ମା
ଅବତୀର୍ଣ୍ଣ ହୁଅନ୍ତି ଧରା ରେ
ଶିବ ଶକ୍ତି ସହ ମିଶିଯାନ୍ତି ପାର୍ବତୀ
ସୃଷ୍ଟି କୁ ସଂଜୀବିତ କରି ଶୃଙ୍ଗାର ପ୍ରେମ ରସରେ ।
ଦୁଷ୍ଟ ସଂହାରକାରିଣୀ କଲୁଷ ନାଶ କରି
ପାପ ରୁ ମୁକ୍ତ କରନ୍ତି ଧରା କୁ ।

*ଇନ୍ଦିରା ମିଶ୍ର*
*ତମାଣ୍ଡୋ, କେନ୍ଦ୍ରୀୟ ବିହାର, ଭୁବନେଶ୍ୱର*

# ଜୟ ମା' ଭଗବତୀ



ସୁରୁଜ ଯାହାର ମଥାର ମଣି,
ଚନ୍ଦ୍ରମା ଯାହାର ନାକବସଣି,
ବାଣପୁର ଇଷ୍ଟ ମା ଭଗବତୀ
ମମତାମୟୀ ଜନନୀ..
ମୋ ମାଆର ଶୁଣ କାହାଣୀ...
ମାଆ ଯେ ପାଞ୍ଚ ଭଉଣୀ... ।
ପୂର୍ବେ କାଳିଜାଇ ଦରିଆରେ ରହି, ନାରାୟଣୀ ଦକ୍ଷିଣରେ.,
ଭକତ ଜନକୁ ଉଧାରୀବାପାଇଁ,
ରଖେତା 'ପଣତ ତଳେ,
ପଶ୍ଚିମ ରେ ମା 'ବିରଜାଇ ତୁହି,
ବଙ୍କାଡ଼ ଗଡ଼ ବାସିନୀ...
ସିଦ୍ଧେଶ୍ବରୀ ତୁହି,
ଭାଟପଡ଼ା ଠାରେ ସଙ୍କଟ ଦୁଃଖ ନାଶିନୀ......
ଶାଳିଆ କୂଳରେ ମା 'ଭଗବତୀ,
ପ୍ରିୟ ତୋର ଗଜ ମୁଁଆ...
ଯେତେଥର ମୋର ମାଆକୁ ଦେଖିଲେ ଲାଗଇ ସେ,
ନୂଆନୂଆ....
ମନ୍ଦାର ମାଳାକୁ ଗଳେ ଲମ୍ବାଇଛି,
ମୁହଁରେ ସିନ୍ଦୁର ବୋଳି,

କାକରା,ଏଣ୍ଡୁରି ତା ପ୍ରାସାଦ ପାଇଁ,
ଭକତ ହୁଏ ବାଉଳି ।
ପରିଛା ତାହାର ଅତି ଆପଣାର,
ଜୟ ମା 'ଦକ୍ଷ ନନ୍ଦିନୀ....
ମୋ ମାଆ ର ସୁଣ କାହାଣି... ।

*ଦିଗମ୍ବର ବିଶ୍ୱାଳ*
*କବି ପନ୍ତା କୁଳିଆ...*
*ଧୂଁଆଳ, ବାଲୁଗାଁ, ଖୋର୍ଦ୍ଧା*

# ମହିଷା ମର୍ଦ୍ଦିନୀ ମା



ଅନ୍ତର ଅନ୍ତର ଚିଁନ୍ମୟ କାନ୍ଥରେ
ମାଗୋ ଅବତାରି ଆସ,
ଐଶ୍ୱର୍ଯ୍ୟ ଶାଳିନୀ ଦଶ ପ୍ରହରିଣୀ,
ଢ଼ାଳିଦିଅ କୃପାଶିଷ।।

ତବ କୃପାମୟୀ ଉତ୍ସବରେ ଜାଗୁ
ବିଶ୍ୱର ଅନ୍ତଚେ଼ତନା,
ସତ୍ୟ ଚେତନାର ସଦବୃତି ହେଉ
ଶାଶ୍ୱତ ସରଞ୍ଜନା।।

କାମନା,ବାସନା,ଷଡ଼ ରିପୁ ଯେତେ
ନିଅହେ ଚ଼ରଣେ ବଳି
ତୁମ ଜଗତର ସେବାରେ ସର୍ମ୍ପିତ
ହେଉ ଜୀବନ ଶଙ୍ଖୁଳି।।

ଅନ୍ୟାୟ,ଅନୀତି ଦୁର୍ଗତିର ନାଶ
କର ହେ ମା ମହାମାୟା।।
ତବ ଉପାସନା ବନ୍ଦନା କରି
ହେଉ ସୁଦ୍ଧ ଚି଼ତ୍ତ କାୟା।।

ତବ ଆବିର୍ଭାବ ହେଉ ସଂକ୍ରମିତ
ଶକ୍ତିର ମହାପ୍ଲାବନ
ନବ ସୃଜନର ଶୁଦ୍ଧ ବିକାଶେ
ବିକଶିତ ହେଉ ପ୍ରାଣ।

*କବି- ଦେବାଶିଷ ପତି*
*ଭୁବନେଶ୍ବର*
*ମୋବାଇଲ-6370422991*

# ଦଶହରାର କିଛି ଅଭୁଲା ସ୍ମୃତି

ଆଗକୁ ଆସୁଛି ପାର୍ବଣର ଋତୁ | ମା'ଙ୍କ ଆଗମନରେ ଚଳଚଞ୍ଚଳ ହୋଇ ଉଠିବ ଗାଁ ଠାରୁ ସହର | ଆଉ ଏହାରି ମଧ୍ୟରେ ଦଶହରା ଆସିଲେ ପିଲାବେଳ କଥା ମନେ ପଡ଼ିଯାଏ ଯାହାକି କିଛି ଅଭୁଲା ସ୍ମୃତି ହୋଇ ରହିଥାଏ | କାହିଁକି ନା ଏହି ଦଶହରା ସମସ୍ତଙ୍କ ପାଇଁ ସମାନ ହୋଇନଥାଏ କିଏ ହସ ଖୁସିରେ ଦଶହରା ମନାଉଥାଏ ତ ଆଉ କିଏ ଅର୍ଥ ଅଭାବ କାରଣରୁ ମୁହଁକୁ ଶୁଖେଇ ଘରେ ରହିଥାଏ | ତେବେ ପିଲାମାନେ ଯେତେବେଳେ ଦଶହରାରେ ନୂଆ ପୋଷକ ପିନ୍ଧିବାପାଇଁ ଅଳି କରନ୍ତି ସେତେବେଳେ ମା' ବୁଝଉଥାଏ ବ୍ୟସ୍ତ ହନି ଏ ବର୍ଷ ସିନା ତୋର ନୂଆ ପୋଷାକ ହୋଇନି କିନ୍ତୁ ଭଗବାନଙ୍କୁ ଡାକ ଆରବର୍ଷକୁ ଯେମିତି ଆମର ପଇସା ଥିବ ଆଉ ତୋ ପାଇଁ ତୋ ଭାଇ ଭଉଣୀ ମାନଙ୍କ ପାଇଁ ନୂଆ ପୋଷାକ ହୋଇଥିବ |

ଅନେକ ଦିନ ତଳର କଥା ଭୁବନେଶ୍ୱରରେ ଅନେକ ପରିବାର ଗରିବ ଅଛନ୍ତି ଯେଉଁମାନେ ଦୁଇମୁଠା ଖାଦ୍ୟ ଖାଇବା ପାଇଁ କେତେ ସଂଘର୍ଷ କରିଥାନ୍ତି | ଯେତିକି ପଇସା ରୋଜଗାର ହୁଏ ସେତିକିରେ ଚଳିବା ଗୋଟେ ସାଧାରଣ ମଣିଷ ପାଇଁ ବହୁତ କଷ୍ଟକର ହୋଇପଡିଥାଏ | ସେଥିରେ ପୁଣି ଦଶହରା ଆସିଲେ ଟଙ୍କା ଅଭାବ କାରଣରୁ ନା ନିଜ ପାଇଁ ନା ନିଜ ପିଲାଙ୍କ ପାଇଁ ଭଲ ପୋଷାକ କିଣିହୁଏ ବାସ ଉଦାସୀନତା ମୁହଁରେ ଆଉ ଏକ ଦଶହରାକୁ ନୂଆ ପୋଷାକ କିଣା ହେବାର ମିଛ ପ୍ରତିଶୃତି ଦିଆଯାଇଥାଏ | ସେଥିପାଇଁ ତ ସବୁ ଦଶହରା ସମାନ ନଥାଏ କିଛି ଲୋକଙ୍କ ପାଇଁ ଲୁହ ଆଣିଦେଇଥାଏ ଏହି ଦଶହରା |

ତେବେ ସେମିତି ଏକ ଅଭାବୀ ପରିବାରକୁ ମୁଁ ଦେଖିଥିଲି | ଯେତେବେଳେ ଦଶହରା ଆସେ ସେମାନଙ୍କ ଆଖିରେ ଲୁହ ଥାଏ ପାଖ ପଡୋଶୀ ଦଶହରା ପାଇଁ ବେଶ ଖୁସି ଥାନ୍ତି କେମିତି ଦଶହରା ବୁଲିବେ | କଣ କଣ ଖାଇବେ | କେମିତି ପୋଷାକ ପିନ୍ଧିବେ ସେ ନେଇ ବିଭିନ୍ନ ଆଲୋଚନା ହେଉଥାଏ କିନ୍ତୁ ସେହି ଗରିବ ପରିବାର ପାଖରେ କେବଳ ପିଲାଙ୍କୁ ଆରବର୍ଷକୁ ଅପେକ୍ଷା କର ତୋ ବାପାର ଦରମା ବଢିବ ତୋର ଭଲ ପୋଷାକ କିଣା ହେବ ଆଉ ଆମେ ସମସ୍ତେ ମିଶିକି ବୁଲିବା ଏହି ସାନ୍ତ୍ୱନା ମୂଳକ କଥା ଛଡା ତାଙ୍କ ଓଠରେ ଖୁସି ନଥାଏ | ଖୁସି ରହିବ କେମିତି ଯିଏ ଅଭାବରେ ଦିନ କାଟେ ସେ କଷ୍ଟ ଜାଣିଥାଏ | ଆଉ ସେହି କଷ୍ଟକୁ ଲୁଚେଇବାକୁ ଯାଇ ନିଜ ପିଲା ମାନଙ୍କୁ ମିଛ ଆଶା ଦେଉଥାଏ | ତେବେ ଏ ଆଶା ସେତେବେଳେ ପୂରଣ ହୋଇଥାଏ ଯେତେବେଳେ ଗୋଟେ ଗରିବ ପରିବାର ମୁହଁରେ ହସ ଫେରି ଆସିଥାଏ | ପିଲାଙ୍କ ଖୁସି ପାଇଁ ବାପା ମା ଯାହା ଚାହାଁନ୍ତି ସେସବୁ ଯଦି ପୂରଣ ହୋଇଯାଏ |

ସେଦିନ ଦଶହରା ହୋଇଥାଏ ସବୁ ବର୍ଷ ସିନା ଶିବାର ବାପା ଅଫିସ ଚାଲିଯାଆନ୍ତି କିନ୍ତୁ ଶିବା ଦଶହରାରେ କେମିତି ନୂଆ ପୋଷାକ ପିନ୍ଧିବ | ଦଶହରାରେ କେତେ ପଇସା ନେବ | କେମିତି ଭୁବନେଶ୍ୱରରୁ କଟକ ବୁଲି ଦଶହରା ଦେଖିବ ସେସବୁ ତା ମା' ଆଗରେ କହୁଥାଏ | ମା' ଶିବାର କଥା ଶୁଣି କହିଲେ ପୁଅ ତୁ ଯେତିକି ଭାବିଛୁ ଆମ ପାଖରେ ଅର୍ଥ ସେତିକି ନାହିଁ | ତୋର ଏବର୍ଷ ନୂଆ ପୋଷାକ ହୋଇପାରିବନି କି ଆମେ ଏବର୍ଷ ବୁଲିବାକୁ ଯାଇପାରିବାନି | ଶିବା ଏକଥା ଶୁଣି କହିଲା ବୋଉ ଆମ ପାଖ ପଡୋଶୀ ତ ବୁଲିବାକୁ ଯାଉଛନ୍ତି | ସେମାନେ ବଜାରକୁ ଯାଇ ନୂଆ ପୋଷାକ କିଣୁଛନ୍ତି ତାହାଲେ ଆମେ କାହିଁକି ନୁହେଁ ତୋ ପାଖରେ ପଇସା ଅଛି ତୁ ମିଛ କହୁଛୁ | ସେଇଠୁ ଶିବାର ମା' ଲୁହ ଛଳ ଛଳ ଆଖିରେ କହିଲା ଶୁଣ ତୁ ଏତେ ବଡ଼ ପିଲା

ହେଲୁଣ୍ଣ ତୁ ଯଦି ବୁଝିବୁନି ଆଉ କିଏ ବୁଝିବ | ଶିବା ସେଇଠୁ କାନ୍ଦି କାନ୍ଦି ଶୋଇପଡ଼ିଲା | ସନ୍ଧ୍ୟାରେ ତାଙ୍କ ପଡୋଶୀ ଦଶହରା ଦେଖିବାକୁ ଯାଉଥାଆନ୍ତି ଶିବାକୁ ଡାକିଲେ | ଶିବା ଆସେ ଆମ ସହ ଦଶହରା ବୁଲିବାକୁ ଯିବୁ ଶିବା ଖୁସିରେ ବାହାରିପଡିଲା ତାର ସେହି ପୁରୁଣା ପୋଷାକ ପିନ୍ଧି | ପଡୋଶୀ କହିଲେ କିରେ ଶିବା ତୋର କଣ ନୂଆ ପୋଷାକ କିଣିନୁ | ଶିବାର ମା' କହିଲା ନା କିଣା ହେଇନି | ସେଇଠୁ ସେହି ପଡୋଶୀଙ୍କ ସାନ ପୁଅ କହିଲେ ଆଚ୍ଛା ଶିବା ତୁ ମୋ ପୋଷାକ ପିନ୍ଧି କିନ୍ତୁ ତାଙ୍କର ମା' କହିଲେ ସେ ପୋଷାକ ତୁ ସେଇଠି ଥୋ ତାକୁ ତୋ ପୋଷାକ ଦେବା କିଛି ଦରକାର ନାହିଁ ଶିବା ଆମ ସହ ସେମିତି ଯିବ | ଶିବାର ମା ଏକଥା ଶୁଣି ଭାରି ମନ ଦୁଃଖ କଲେ ଆଉ ମନେ ମନେ ଭାରି କାନ୍ଦୁଥାନ୍ତି | ଦିନ ଏମିତି ଆସିଲା ଶିବା ବଡ଼ ହେଲା | ଭଲ ଚାକିରୀ କଲା ଯେଉଁ ପଡୋଶୀ ଦିନେ ଶିବାକୁ ତାଙ୍କ ପୁଅର ପୋଷାକ ଦେଉ ନଥିଲେ ସେ ପଡୋଶୀ ଶିବାର ନାମିଦାମୀ ପୋଷାକ ଦେଖି ତାଙ୍କ ପୁଅ ପାଇଁ ଶିବାର ନୂଆ ପୋଷାକ ନେଉଥିଲେ | ସବୁଠାରୁ ବଡ଼ କଥା ହେଲା ଏଥର ଦଶହରା ଶିବା ପରିବାରକୁ ଅନେକ ଖୁସି ଆଣିଦେଇଥିଲା | ଛୋଟବେଳେ ସିନା ପରିବାର ଉପରେ ଦୁଃଖର ବୋଝ ଥିଲା କିନ୍ତୁ ଏବେ ସେ ବଡ଼ ହୋଇଯାଇଛି ଆଉ ଅର୍ଥ ଅଭାବ ତା ଠାରୁ ଦୂରେଇ ଯାଇଛି ସେଥିପାଇଁ ଶିବା ଆଉ ତା ପରିବାର ହସ ଖୁସିରେ ଦଶହରା ମନାଇଛନ୍ତି | ସହରର ପ୍ରତ୍ୟେକ ଗଳି କନ୍ଦି ବୁଲି ମା'ଙ୍କ ଦିବ୍ୟ ମୂର୍ତ୍ତି ସବୁ ଦେଖି ଆନନ୍ଦ ମନାଇଛନ୍ତି | ତେଣୁ ଅଭାବ ସବୁବେଳେ ରୁହେନି କି ସବୁ ଦଶହରା ସମାନ ହୁଏନି ସେଥିପାଇଁ ଦଶହରା ଆସିଲେ ପ୍ରତ୍ୟେକଟି ସ୍ମୃତି ମଣିଷ ଭାବନା ସହ ଯୋଡି ହୋଇଯାଏ | ଦୁଃଖର ସମୟକୁ ଭୁଲେଇ ନୂଆ ଖୁସିର ସୂର୍ଯ୍ୟାଲୋକ ଦେଖାଇଥାଏ |

*ଦିପ୍ତିମୟୀ ନାୟକ*
*ଅନ୍ଧାରୁଆ, ଭୁବନେଶ୍ୱର*

# ମାଆ ଙ୍କର ନବରୂପ

ଜଗତ ଜନନୀ ମା ଦୁର୍ଗାଙ୍କ ନବଦିନାତ୍ମକ ପୂଜାରେ ନଅରୂପ ଏହି ପରି ଦୃଶ୍ୟମାନ ହୋଇଥାଏ । ପ୍ରଥମେ ଶୈଳପୁତ୍ରୀ।

**ଶୈଳପୁତ୍ରୀ** ହେଉଛନ୍ତି ଦେବୀ ଦୁର୍ଗାଙ୍କ ପ୍ରଥମ ରୂପ ଓ ନବଦୁର୍ଗାର ପ୍ରଥମ ରୂପ ଭାବରେ ପୂଜିତ ହୋଇଥାନ୍ତି। "ଶୈଳ" ଅର୍ଥ ପର୍ବତ ଓ "ପୁତ୍ରୀ" ଅର୍ଥ ଝିଅ। ଏହାର ଅର୍ଥ ହେଉଛି ଶୈଳପୁତ୍ରୀ ପର୍ବତ ରାଜ ହିମାଳୟଙ୍କ ଝିଅ।

ମାଆଙ୍କ ରୂପ ଶୈଳପୁତ୍ରୀ ମା ଦୁର୍ଗାଙ୍କ ସ୍ୱରୂପର ଏକ ନୂଆ ରୂପ, ଯେଉଁଠି ସେ ବଳ, ସଂଯମ, ଏବଂ ଆତ୍ମସମ୍ମାନର ପ୍ରତୀକ ଭାବରେ ଚିହ୍ନିତ ହୋଇଥାନ୍ତି। ସେ ପର୍ବତ ରାଜ ହିମାଳୟଙ୍କ ଜନ୍ମରୁ ଜନ୍ମଗ୍ରହଣ କରିଥିବାରୁ, ସେ ପର୍ବତର ପରାକ୍ରମ ଓ ସହନଶୀଳତାକୁ ଚିହ୍ନାଇଥାନ୍ତି।

**ଦୃଶ୍ୟମାନ ରୂପ**

ଶୈଳପୁତ୍ରୀ ଦେବୀଙ୍କୁ ମୂଳତଃ ବୃଷଭ  ବାହନରେ ସାର୍ବଜନୀନ ଭାବରେ ଦେଖାଯାଏ। ତାଙ୍କର ଦୁଇ ହାତ ଥାଏ, ଏବଂ ସେ ଏକ ହାତରେ ତ୍ରିଶୂଳ ଧରିଥାନ୍ତି ଓ ଅନ୍ୟ ହାତରେ କମଳ ଫୁଲ ଧରିଥାନ୍ତି।

## ପୂଜା

ଶୈଳପୁତ୍ରୀଙ୍କ ପୂଜା ନବରାତ୍ରିର ପ୍ରଥମ ଦିନରେ କରାଯାଏ। ଏହି ପୂଜା ରେ ଭକ୍ତମାନେ ତାଙ୍କର ଅନୁଗ୍ରହ ଓ ସ୍ୱାସ୍ଥ୍ୟ, ସମୃଦ୍ଧି ପାଇଁ ପ୍ରାର୍ଥନା କରନ୍ତି।

## ତତ୍ତ୍ୱ

ଶୈଳପୁତ୍ରୀ ଦେବୀ ସ୍ୱାଧିଷ୍ଠାନ ଚକ୍ରର ଅଧିଷ୍ଠାତ୍ରୀ ରୂପରେ ମନ୍ୟ। ଏହି ଚକ୍ର ଭକ୍ତଙ୍କ ମନକୁ ଶକ୍ତି ଏବଂ ମନୋବଳ ପ୍ରଦାନ କରିଥାଏ।

ଶୈଳପୁତ୍ରୀ ଦେବୀଙ୍କ ପୂଜା କରିବାର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ମନୋବଳ ବଢ଼ାଇବା ଓ ସ୍ୱାସ୍ଥ୍ୟର ଉନ୍ନତି।

## ବ୍ରହ୍ମଚାରିଣୀ

ହେଉଛନ୍ତି ଦେବୀ ଦୁର୍ଗାଙ୍କ ଦ୍ୱିତୀୟ ରୂପ ଓ ନବଦୁର୍ଗାର ଦ୍ୱିତୀୟ ସ୍ୱରୂପ ଭାବରେ ପୂଜିତ ହୋଇଥାନ୍ତି। ଏହି ରୂପରେ, ଦେବୀ ତପସ୍ୱିନୀ ରୂପରେ ପ୍ରକାଶିତ ହୁଅନ୍ତି, ଯିଏ ସ୍ୱାଧ୍ୟାୟ, ତପସ୍ୟା ଓ ବ୍ରହ୍ମଚର୍ଯ୍ୟାର ଲାକ୍ଷଣକୁ ପ୍ରତିନିଧିତ୍ୱ କରନ୍ତି।

## ସ୍ୱରୂପ

ବ୍ରହ୍ମଚାରିଣୀ ଦେବୀ ସନ୍ତୋଷ, ନିର୍ଭୟତା, ଓ ସହନଶୀଳତାର ପ୍ରତୀକ। ଏହି ରୂପରେ, ସେ ତାଙ୍କର ନିଜର ଆତ୍ମଜ୍ଞାନ ଓ ଧୈର୍ଯ୍ୟ ସାଧନା କରିଥାନ୍ତି। ବ୍ରହ୍ମଚାରିଣୀ ଦେବୀଙ୍କ ରୂପକୁ ଧ୍ୟାନ କରିଲେ ଭକ୍ତମାନେ ଆପଣଙ୍କ ଜୀବନରେ ଧୈର୍ଯ୍ୟ, ତପସ୍ୟା, ଓ ଆତ୍ମନିର୍ଭରତା ବଢ଼ାଇବାରେ ସାହାଯ୍ୟ ପାଇଥାନ୍ତି।

## ଦୃଶ୍ୟମାନ ରୂପ

ବ୍ରହ୍ମଚାରିଣୀ ଦେବୀଙ୍କୁ ଅତ୍ୟନ୍ତ ମଂଗଳକାରୀ ଓ ସୋମ୍ୟ ଭାବରେ ବର୍ଣ୍ଣିତ କରାଯାଏ। ସେ ହାତରେ ଜପମାଳା ଓ କମଣ୍ଡଲୁ ଧାରଣ କରିଥାନ୍ତି। ଏହା ସନ୍ତୋଷ ଓ ଧୈର୍ଯ୍ୟକୁ ପ୍ରତିନିଧିତ୍ୱ କରେ।

## ପୂଜା

ନବରାତ୍ରିର ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ ଦେବୀଙ୍କ ପୂଜା କରାଯାଏ। ଏହି ଦିନରେ, ଭକ୍ତମାନେ ତାଙ୍କର ତପସ୍ୟା ଓ ସମ୍ପୂର୍ଣ୍ଣତାକୁ ମନନ କରନ୍ତି। ସେ ଭକ୍ତମାନଙ୍କୁ ସଂଯମ ଓ ଧୈର୍ଯ୍ୟର ଶିକ୍ଷା ଦିଆନ୍ତି।

## ତତ୍ତ୍ୱ

ବ୍ରହ୍ମଚାରିଣୀ ଦେବୀଙ୍କ ରୂପ ଆସ୍ଥା, ଧୈର୍ଯ୍ୟ, ଓ ଶୃଙ୍ଖଳାକୁ ପ୍ରତିନିଧିତ୍ୱ କରିଥାଏ। ତାଙ୍କର ପୂଜା କରି ଭକ୍ତମାନେ ନିଜ ଜୀବନରେ ଧୈର୍ଯ୍ୟ, ସହନଶୀଳତା, ଓ ସାଧନାର ଗୁଣକୁ ବଢ଼ାଇପାରନ୍ତି।

ବ୍ରହ୍ମଚାରିଣୀ ଦେବୀଙ୍କ ପୂଜା ଦ୍ୱାରା ଭକ୍ତମାନେ ଆତ୍ମସଂଯମ ଓ ଧୈର୍ଯ୍ୟ ଅର୍ଜନ କରିବାର ମନୋକାମନା ପୂରଣ କରନ୍ତି।

## ଚନ୍ଦ୍ରଘଣ୍ଟା

ଦେବୀ ଦୁର୍ଗାଙ୍କ ତୃତୀୟ ସ୍ୱରୂପ ଭାବରେ ପୂଜା କରାଯାଏ। ନବଦୁର୍ଗାର ଏହି ରୂପରେ ଦେବୀଙ୍କ ନାମ "ଚନ୍ଦ୍ରଘଣ୍ଟା" ହେବାର କାରଣ ହେଉଛି ସେ ତାଙ୍କର ମାଥାରେ ଗଣ୍ଟି

ଆକାରର ଚନ୍ଦ୍ରକୁ ଧାରଣ କରିଥାନ୍ତି। ସେ ଭକ୍ତମାନଙ୍କୁ ଶାନ୍ତି, ସମୃଦ୍ଧି ଓ ଧୈର୍ଯ୍ୟର ଆଶୀର୍ବାଦ ଦେଇଥାନ୍ତି।

### ସ୍ୱରୂପ

ଶାନ୍ତି ଦାୟକ, କଲ୍ୟାଣ କାରୀ, ମୁଣ୍ଡ ଘଣ୍ଟ ଆକାର ଉପରେ ଅର୍ଦ୍ଧ ଚନ୍ଦ୍ର ବିରାଜମାନ।ଦେବୀ ଚନ୍ଦ୍ରଘଣ୍ଟା ସମ୍ଭାବନାମୟୀ ଓ ଶକ୍ତିଶାଳୀ ରୂପରେ ଚିହ୍ନିତ। ଏ ରୂପରେ ମା ଅସୁର ଓ ଦୁଷ୍ଟଶକ୍ତିଙ୍କ ଉପରେ ମହାକାଳୀର ରୂପ ନେଇ ତାଙ୍କୁ ସଂହାର କରିବାରେ ସକ୍ଷମ। ଏହି ରୂପରେ, ଦେବୀ ଭକ୍ତମାନଙ୍କୁ ଶତ୍ରୁବିନାଶ ଓ ଶକ୍ତି ଦେବା ପାଇଁ ପ୍ରସିଦ୍ଧ ଅଟନ୍ତି।

### ଆକୃତି

ଦେବୀ ଚନ୍ଦ୍ରଘଣ୍ଟା ତିନୋଟି ଆଖି ଓ ଦଶ ହାତ ସହିତ ଚିତ୍ରିତ ହୋଇଥାନ୍ତି। ସେ ତାଙ୍କର ଦଶ ହାତରେ ତ୍ରିଶୂଳ, ଗଦା, ଧନୁଷ, କମଣ୍ଡଲୁ, ତଲୱାର ଓ କମଳ ଫୁଲ ସହିତ ବିଭିନ୍ନ ଅସ୍ତ୍ର-ଶସ୍ତ୍ର ଧରିଥାନ୍ତି। ସେ ଅପରେ ହାସ ଓ ଶାନ୍ତିର ପ୍ରତୀକ ଭାବରେ ଜପମାଳାକୁ ଧାରଣ କରିଥାନ୍ତି। ତାଙ୍କର ବାହନ ହେଉଛି ସିଂହ, ଯାହା ସେ ତାଙ୍କର ଶୂରତା ଓ ଶକ୍ତିର ପ୍ରତୀକ ଭାବେ ବ୍ୟବହାର କରନ୍ତି।

### ପୂଜା

ନବରାତ୍ରିର ତୃତୀୟ ଦିନରେ ଦେବୀ ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯାଏ। ଏହି ଦିନରେ ଭକ୍ତମାନେ ତାଙ୍କର ଶକ୍ତିର ଉପାସନା କରନ୍ତି ଓ ନିଜ ଜୀବନରେ ନେତୃତ୍ୱ କ୍ଷମତା

ବଢ଼ାଇବାକୁ ପ୍ରାର୍ଥନା କରନ୍ତି। ଚନ୍ଦ୍ରଘଣ୍ଟାଙ୍କ ପୂଜାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜୀବନରୁ ଭୟ ଓ ନିରାଶାକୁ ଦୂର କରିବା।

**ତତ୍ତ୍ୱ**

ଚନ୍ଦ୍ରଘଣ୍ଟା ଦେବୀଙ୍କ ଉପାସନା ଭକ୍ତଙ୍କ ମନକୁ ଶାନ୍ତ କରି ତାଙ୍କୁ ସମସ୍ତ ପ୍ରକାରର ନେଗେଟିଭ୍ ଶକ୍ତିରୁ ସୁରକ୍ଷା ଦେବାର ନିମନ୍ତେ ଏକ ଶକ୍ତିଶାଳୀ ଅଭ୍ୟାସ। ତାଙ୍କର ପୂଜା ଭକ୍ତଙ୍କୁ ଶାନ୍ତି, ଧୈର୍ଯ୍ୟ, ଓ ଶକ୍ତି ପ୍ରଦାନ କରେ।

ଦେବୀ ଚନ୍ଦ୍ରଘଣ୍ଟାଙ୍କ ପୂଜା କରିବା ଭକ୍ତମାନଙ୍କୁ ଜୀବନରେ ଶୂରତା ଓ ଶାନ୍ତିକୁ ନିବାସ କରାଇ ତାଙ୍କୁ ଏକ ସୁଖଦ ଓ ସମୃଦ୍ଧିମୟ ଜୀବନ ଦେଇଥାଏ।

**କୂଷ୍ମାଣ୍ଡା**

ଦେବୀ ହେଉଛନ୍ତି ନବଦୁର୍ଗାର ଚତୁର୍ଥ ସ୍ୱରୂପ। ଦେବୀ କୂଷ୍ମାଣ୍ଡା ମାଆ ସୃଷ୍ଟିକର୍ତ୍ତ୍ରୀ ରୂପରେ ପୂଜିତ ହୋଇଥାନ୍ତି, ଯିଏ ଅସୀମ ଅନ୍ଧକାର ଭିତରୁ ବ୍ରହ୍ମାଣ୍ଡର ସୃଷ୍ଟି କରିଥାନ୍ତି। "କୁ" ଅର୍ଥାତ୍ ଲୋକପାଳିତ ଶକ୍ତି, "ଉଷ୍ମା" ଅର୍ଥାତ୍ ତାପ ଓ "ଅଣ୍ଡା" ଅର୍ଥାତ୍ ଡିମ୍ବ; ଏହି ଶବ୍ଦଗୁଡ଼ିକର ସଂଯୋଗରେ "କୂଷ୍ମାଣ୍ଡା" ନାମ ଉଦ୍ଭବିତ ହୋଇଛି।

**ସ୍ୱରୂପ**

ଦେବୀ କୂଷ୍ମାଣ୍ଡା ସକାଳୁକୁ ସୃଷ୍ଟି କରିଥିବା ଶକ୍ତିର ପ୍ରତୀକ। ସେ ଏକ ନିକ୍ଷୁଭ ହସର ମାଧ୍ୟମରେ ଏହାର ଆରମ୍ଭ କରିଥାନ୍ତି। ତାଙ୍କର ହାସରେ ସମସ୍ତ ଦିଗ ଓ ସୃଷ୍ଟି ପ୍ରକାଶିତ

ହୋଇଥାଏ। ସେ ନବଦୁର୍ଗାର ସର୍ବଶକ୍ତିଶାଳୀ ରୂପ ଭାବରେ ଗୃହିତ ହୋଇଥାନ୍ତି, ଯାହା ଏକ ସୃଷ୍ଟିକର୍ତ୍ତ୍ରୀ ଓ ନିର୍ମାତ୍ରୀ ଭାବେ ପରିଚିତ।

### ଦୃଶ୍ୟମାନ ରୂପ

ଦେବୀ କୂଷ୍ମାଣ୍ଡା ଅଷ୍ଟଭୁଜା (ଆଠ ହାତ) ରେ ଚିତ୍ରିତ ହୋଇଥାନ୍ତି। ସେ ତାଙ୍କର ଆଠ ହାତରେ କମଳ, ଧନୁଷ, ବାଣ, କମଣ୍ଡଳୁ, ମଙ୍ଗଳ କାଳିକା, ଅମୃତ କୁମ୍ଭ, ଜପମାଳା ଓ ଚକ୍ର ଧାରଣ କରି ଥାନ୍ତି। ତାଙ୍କର ମାଥାରେ ଏକ ତାଜ ରହିଥାଏ ଓ ସେ ସିଂହ ଆସନରେ ବ୍ରହ୍ମାଣ୍ଡର ଶାସନ କରୁଛନ୍ତି।

### ପୂଜା

ନବରାତ୍ରିର ଚତୁର୍ଥ ଦିନରେ ଦେବୀ କୂଷ୍ମାଣ୍ଡାଙ୍କ ପୂଜା କରାଯାଏ। ଏହି ଦିନରେ ଭକ୍ତମାନେ ତାଙ୍କର ଉପାସନା କରି ନିଜରେ ନୂଆ ଉତ୍ସାହ ଓ ସୃଜନଶୀଳତା ବଢ଼ାଇବାରେ ସମର୍ଥ ହୁଅନ୍ତି। ସେ ଭକ୍ତମାନଙ୍କୁ ସମସ୍ତ ଆରୋଗ୍ୟ ଓ ସଫଳତାର ଆଶୀର୍ବାଦ ଦେଇଥାନ୍ତି।

### ତତ୍ତ୍ୱ

ଦେବୀ କୂଷ୍ମାଣ୍ଡାଙ୍କ ରୂପ ଆମକୁ ଜୀବନର ଦୃଢ଼ତା, ସୃଜନଶୀଳତା ଓ ନୂତନ ପ୍ରୟାସର ଶକ୍ତିକୁ ପ୍ରତିନିଧିତ୍ୱ କରିଥାଏ। ସେ ଭକ୍ତମାନଙ୍କୁ ସୃଷ୍ଟିର ପ୍ରାରମ୍ଭ ଓ ନୂଆ ଆରମ୍ଭ ପାଇଁ ଶକ୍ତି ଓ ସାହାସ ଦେଇଥାନ୍ତି।

ଦେବୀ କୂଷ୍ମାଣ୍ଡାଙ୍କ ପୂଜାର ଫଳ ଭକ୍ତମାନଙ୍କୁ ଦୀର୍ଘ ଓ ସଫଳ ଜୀବନ ପ୍ରଦାନ କରି ତାଙ୍କର ମନୋକାମନା ଦ୍ୱାରା ଉନ୍ନତ ଓ ସମୃଦ୍ଧି ଦେଇଥାଏ।

## ସ୍କନ୍ଦମାତା

ଦେବୀ ଦୁର୍ଗାଙ୍କ ପଞ୍ଚମ ସ୍ୱରୂପ ଭାବେ ପୂଜା କରାଯାନ୍ତି। ସେ ମହା ଦେବୀ ଓ ସ୍କନ୍ଦ ମହାଦେବଙ୍କ ମାଆ ଭାବରେ ପରିଚିତ। ମାତା ସ୍କନ୍ଦ ଆକ୍ଷେପ୍ତା ସ୍ୱରୂପରେ ଆପଣଙ୍କୁ ସଫଳତା, ସୁଖ ଓ ସମୃଦ୍ଧିର ଆଶୀର୍ବାଦ ଦେଇଥାନ୍ତି। "ସ୍କନ୍ଦ" ହେଉଛି ତାଙ୍କର ପୁଅ ଦେବ କାର୍ତ୍ତିକେୟ ଓ "ମାତା" ହେଉଛି ମାଆ। ଏହି ଦେବୀ ମହାଶକ୍ତିର ପ୍ରତୀକ ଭାବରେ ବିଶ୍ୱାସ କରାଯାଏ।

## ସ୍ୱରୂପ

ଦେବୀ ସ୍କନ୍ଦମାତା ମୂଳତଃ ମାତୃଶକ୍ତିର ଜୀବନ୍ତ ରୂପ, ଯିଏ ସର୍ବଶକ୍ତିଶାଳୀ ଓ ପ୍ରସ୍ଥାନକାଳୀନ ଶାନ୍ତିର ମୂର୍ତ୍ତି ଭାବରେ ପରିଚିତ। ସେ ଏକ ମାତୃସ୍ୱରୂପ ଯାହା ନିଜ ସନ୍ତାନକୁ ସୁରକ୍ଷା ଓ ନିର୍ଭୟତା ପ୍ରଦାନ କରେ। ସେ ଭକ୍ତମାନଙ୍କୁ ଦୟା, ପ୍ରସନ୍ନତା ଓ ଅପାର ମମତା ଦେଇ ସଫଳତାର ପଥକୁ ଦେଖାନ୍ତି।

## ଦୃଶ୍ୟମାନ ରୂପ

ସ୍କନ୍ଦମାତାଙ୍କ ମୂର୍ତ୍ତି ରେ ମୁଖ ମଣ୍ଡଳ ରେ ବାତ୍ସଲ୍ୟ ପ୍ରେମ ଝଳକୁଥାଏ। ସେ ତାଙ୍କ ନିଜ ପୁଅ ସ୍କନ୍ଦକୁ କୋଡରେ ଧରି ଅସୀନ ଅଛନ୍ତି। ସେ ତାଙ୍କର ହାତରେ କମଳ ଓ କମଣ୍ଡଳୁ ଧରିଥାନ୍ତି, ଏବଂ ଏକ ହାତରେ ଜପମାଳା ଧାରଣ କରି ଅଛନ୍ତି। ସ୍କନ୍ଦମାତା ଶୁଭ ଭାବରେ ସିଂହ ଆସନରେ ବସିଥାନ୍ତି, ଯାହା ନିଜର ସମସ୍ତ ଶକ୍ତିକୁ ପ୍ରଦର୍ଶନ କରି ଜଗତକୁ ଶାନ୍ତି ସଫଳତା, ପ୍ରଦାନ କରନ୍ତି।

## ପୂଜା

ସ୍କନ୍ଦମାତାଙ୍କ ପୂଜା ନବରାତ୍ରିର ପଞ୍ଚମ ଦିନରେ କରାଯାଏ। ସେ ପୂଜା ପାଇଁ ବହୁତ ପବିତ୍ର ମନେ ପୂଜିତ ହୋଇଥାନ୍ତି, ଯାହା ଭକ୍ତଙ୍କୁ ଶାନ୍ତି, ସମୃଦ୍ଧି ପ୍ରଦାନ କରେ। ସ୍କନ୍ଦମାତାଙ୍କ ମହିମା ଭକ୍ତମାନଙ୍କୁ ସୁ ଯୋଗ୍ୟ ମମତାଶୀଳ ଭାବରେ ପ୍ରତିଷ୍ଠା କରିବାକୁ ଶିଖାଏ।

## ତତ୍ତ୍ୱ

ସ୍କନ୍ଦମାତାଙ୍କ ଉପାସନା ଏକ ମହା ମାତୃଶକ୍ତି ରୂପରେ ଅଂଶ, ଯିଏ ଭକ୍ତମାନଙ୍କୁ ମନୋକାମନା ପୂରଣ କରି ନିଜ ମନ ଓ ଶରୀରକୁ ସଫଳତା ର ଉପାୟ ବ୍ୟବସ୍ଥା କରିଥାନ୍ତି। ଏହା ଭକ୍ତମାନଙ୍କୁ ନିରାଶା, ଭୟ ଓ ଦୁଃଖରୁ ସୁରକ୍ଷା ଦେଇ ନିଜର ସଫଳତା ଓ ସମୃଦ୍ଧିର ଦାରକୁ ଖୋଲିଥାଏ।

ସ୍କନ୍ଦମାତାଙ୍କ ପୂଜା କରିବାର ଫଳ ଭକ୍ତମାନଙ୍କୁ ଶୁଭ, ସମୃଦ୍ଧି ଓ ସୁଖ-ଶାନ୍ତିର ସଂସାରରେ ସଫଳ ରଖିଥାଏ। ଏହି ରୂପରେ ମାଆଙ୍କୁ ପୂଜାର୍ଚ୍ଚନା କଲେ ସୁସନ୍ତାନ ପ୍ରାପ୍ତ ହୋଇଥାଏ। ପଞ୍ଚ ମକାରର ବିସର୍ଜନ ହୋଇଥାଏ।

## କାତ୍ୟାୟନୀ

ଦେବୀ ହେଉଛନ୍ତି ଦୁର୍ଗା ମାଆଙ୍କ ଷଷ୍ଠ ରୂପ, ଯିଏ ନବଦୁର୍ଗା ମଧ୍ୟରୁ ଅନ୍ୟତମ ରୂପ ଭାବରେ ପୂଜିତ ହୋଇଥାନ୍ତି। ସେ ସେ ଋଷି କାତ୍ୟାୟନଙ୍କ ନିଜର ତପସ୍ୟା ଓ ଆରାଧନା ଫଳରେ ତାଙ୍କ ଘରେ ଗୋଟିଏ କନ୍ୟା ରୂପରେ ମାଆ ଭଗବତୀ ଜନ୍ମ ନେଇଥିଲେ। ତାଙ୍କର ପ୍ରଥମ ପୂଜା ତାଙ୍କ ପିତା ହିଁ କରିଥିଲେ। ସେହି ଦିନଠାରୁ କନ୍ୟା ପୂଜନ ବା କୁମାରୀ ପୂଜା ପରଂପରା ଆରମ୍ଭ।ଋଷି କାତ୍ୟାୟନ ଙ୍କ ପୁତ୍ରୀ ହେତୁଏ

ସେ "କାତ୍ୟାୟନୀ" ଭାବରେ ପରିଚିତ ହୋଇଥାନ୍ତି।

## ସ୍ୱରୂପ

କାତ୍ୟାୟନୀ ଦେବୀ ହେଉଛନ୍ତି ଶକ୍ତିର ରୂପ, ଯିଏ ତାଙ୍କର ଭକ୍ତମାନଙ୍କୁ ଅନେକ ଅଶୁଭ ଓ ବିଘ୍ନରୁ ସୁରକ୍ଷା କରିବାକୁ ସମର୍ଥ। ସେ ଅସୁର ମହିଷାସୁରଙ୍କ ନାଶ କରି ତାଙ୍କର ଦୁଷ୍ଟତାର ଅନ୍ତ କରିଥାନ୍ତି। କାତ୍ୟାୟନୀ ଦେବୀଙ୍କ ଚରିତ୍ର ସାହାସ, ମାର୍ଦ୍ଧ୍ୟ, ଓ ଦୟାର ପ୍ରତୀକ। ସେ ଭକ୍ତମାନଙ୍କ ମନେ ଭୟ ଓ ନିରାଶାକୁ ସମାପ୍ତ କରିଥାନ୍ତି।

## ଦୃଶ୍ୟମାନ ରୂପ

ଦେବୀ କାତ୍ୟାୟନୀ ଚତୁର୍ଭୁଜା ରୂପରେ ମାନ୍ୟ ଅଛନ୍ତି। ସେ ମାଟିଆ ରଙ୍ଗର ହୋଇ ତାଙ୍କ ଚତୁର୍ଭୁଜରେ ତଳେ ତୀର, କଡ଼ିବା ଅସ୍ତ୍ର, ତଳେ ପଦ୍ମ ଏବଂ ଅବନ୍ତୀ ଅବସ୍ଥା ରେ ଦେଖାଯାନ୍ତି। ତାଙ୍କର ବାହନ ସିଂହ ଏବଂ ସବୁଠାରେ ସମସ୍ତ ମନଙ୍କୁ ସମାନ ଭାବରେ ପ୍ରତିନିଧିତ୍ୱ କରୁଛନ୍ତି। ସେ ତାଙ୍କର ଏହି ସଂଯୋଜନ ରୂପରେ ସମସ୍ତଙ୍କୁ ଉପଦେଶ ଦେଉଛନ୍ତି ଯେ, ସାହାସ ଓ ଧୈର୍ଯ୍ୟ ସହିତ ସମସ୍ତ ବିପଦ ଓ ଦୁଃଖର ସମାପ୍ତି କରିବାକୁ ଆବଶ୍ୟକ।

## ପୂଜା

ନବରାତ୍ରିର ଷଷ୍ଠ ଦିନରେ ଦେବୀ କାତ୍ୟାୟନୀଙ୍କ ପୂଜା କରାଯାଏ। ଏହି ପୂଜା ଭକ୍ତମାନଙ୍କୁ ଶକ୍ତି ଓ ସାହାସର ଆଶୀର୍ବାଦ ଦେଇ ସଫଳତାର ପଥକୁ ଦେଖାଏ। ସ୍ତ୍ରୀମାନେ ତାଙ୍କର ଉପାସନା କରି ବିବାହ ଓ ନିଜ ଶକ୍ତିର ଉତ୍କର୍ଷ ରାସ୍ତା ତାକିଥାନ୍ତି। ସେ

ଭକ୍ତମାନଙ୍କ ମନୋକାମନା ପୂରଣ କରି ସମସ୍ତଙ୍କୁ ଆଶୀର୍ବାଦ କରିଥାନ୍ତି। ଧର୍ମ,ଅର୍ଥ,କାମ,ମୋକ୍ଷ ଚର୍ତୁବର୍ଗ ଫଳ ପ୍ରାପ୍ତ ହୋଇଥାନ୍ତି।

### ତତ୍ତ୍ୱ

ଦେବୀ କାତ୍ୟାୟନୀଙ୍କ ଉପାସନା ଆମକୁ ସାହାସ, ଶକ୍ତି, ଓ ଧୈର୍ଯ୍ୟ ପ୍ରଦାନ କରିଥାଏ। ସେ ଆମକୁ ଆଶା ଓ ସଫଳତାର ନିଶ୍ଚିତତା ଦେଇଥାନ୍ତି, ଯାହାରେ ଆମେ ଆମର ସବୁ ଦୁଃଖକୁ ସହଜରେ ହରିଯାଇ ଏକ ସଫଳ ଓ ଧୈର୍ଯ୍ୟ ସମାନ ଜୀବନର ପାଇଁ ଦୃଢ଼ ହେବାର ଶିଖା ଦେଉଛି।

### କାଳରାତ୍ରି

ଦେବୀ ଦୁର୍ଗାଙ୍କ ସପ୍ତମ ରୂପ ଭାବରେ ପରିଚିତ। ସେ ଅସୁର, ରାକ୍ଷସ, ଏବଂ ଅଧର୍ମକୁ ସମାପ୍ତ କରିବା ପାଇଁ ଜନ୍ମିଥିଲେ। ଦେବୀ କାଳରାତ୍ରି ଭକ୍ତମାନଙ୍କୁ ଭୟରୁ ମୁକ୍ତି ଦେବା ଓ ସୁଖ ସମୃଦ୍ଧି ଦେବା ପାଇଁ ପରିଚିତ। ସେ ମହାକାଳଙ୍କ ଶକ୍ତି ରୂପେ ବିକଳ୍ପ ରୂପରେ ଉପାସନା କରାଯାଏ।

### ସ୍ୱରୂପ

ଦେବୀ କାଳରାତ୍ରିଙ୍କର ଚରିତ୍ର ସମସ୍ତଙ୍କୁ ଭୟ ଓ ଦୁଃଖରୁ ମୁକ୍ତ କରିବାର ପ୍ରତିବିମ୍ବ। ସେ ଭକ୍ତମାନଙ୍କ ଦୁଃଖ ଓ କଷ୍ଟକୁ ଦୂର କରି ସମସ୍ତ ଅଧର୍ମକୁ ସଂହାର କରିଥାନ୍ତି। ତାଙ୍କ ମୁଖରୁ ଆଗ୍ନି ନିସ୍ୱତିତ ହୁଏ, ଏବଂ ତାଙ୍କ ଦେଖା ସତେ ହିଁ ସମସ୍ତ ଶତ୍ରୁମାନେ ଭୟଭୀତ ହୋଇଯାନ୍ତି। ଅଦମ୍ୟ ସାହସଧାରି ସର୍ବ ଶକ୍ତି ମୟୀ ବିଜୁଳି ଭଳି ବେଗ,ମା କାଳରାତ୍ରୀ

## ଦୃଶ୍ୟମାନ ରୂପ

କାଲରାତ୍ରି ଦେବୀଙ୍କ ଆକୃତି ହେଉଛି ବିଶେଷ ଭାବରେ ତିକ୍ତ, କାଳା, ଏବଂ ଭୟଙ୍କର। ସେ ଚାରି ହାତ ଥାଏ, ଯେଉଁଠାରେ ଏକରେ କଠରା ଓ ଅନ୍ୟରେ ତୀର ଧାରଣ କରିଥାନ୍ତି। ସେ କଠରା ମୁଖରୁ ମହାପ୍ରଳୟର ଅଗ୍ନିକୁ ପ୍ରତିନିଧିତ୍ୱ କରିଥାନ୍ତି। ତାଙ୍କର ବାଘର ଭୟଭୀତ ଆଖି ରହିଥାଏ, ଯାହାରୁ ଅସୁରମାନେ ଡରି ମୁହଁ ମୁଁଦିଥାନ୍ତି।ମାଆ ଗଧ ବାହିନୀ , କାଳରାତ୍ରୀ ମା କାଳିକା,  ତ୍ରିନେତ୍ର ଧାରିଣୀ ଦେବୀଙ୍କ ଉପାସନା କରିଲେ ଭକ୍ତମାନେ ଭୟରୁ ମୁକ୍ତି ଲାଭ କରନ୍ତି ଓ ସଂରକ୍ଷଣ ପାଆନ୍ତି।

## ପୂଜା

ନବରାତ୍ରିର ସପ୍ତମ ଦିନରେ ଦେବୀ କାଲରାତ୍ରିଙ୍କ ପୂଜା କରାଯାଏ। ଏହି ଦିନରେ ତାଙ୍କର ଉପାସନା କରିବା ଭକ୍ତମାନଙ୍କୁ ସବୁ କଷ୍ଟରୁ ମୁକ୍ତ କରେ ଏବଂ ସେମାନଙ୍କୁ ଭୟ ଓ ବିପଦରୁ ସୁରକ୍ଷା କରେ। ସେ ଭକ୍ତମାନଙ୍କ ଶତ୍ରୁଙ୍କୁ ସଂହାର କରିଥାନ୍ତି ଓ ସେମାନଙ୍କ ପରିବାରକୁ ସୁରକ୍ଷିତ ରଖିଥାନ୍ତି।

## ତତ୍ତ୍ୱ

ଦେବୀ କାଲରାତ୍ରିଙ୍କ ଉପାସନାର ମୁଖ୍ୟ ତତ୍ତ୍ୱ ହେଉଛି, ଆମେ ଆମର ଭୟକୁ ଅଭିମୁଖୀତ କରି ଏବଂ ତାହାକୁ ସହଜରେ ପରାଜିତ କରିପାରିବାର କ୍ଷମତା ଲାଭ କରିବା। ସେ ଆମକୁ ଜୀବନର ଅନେକ ବିପଦ ଓ ଶକ୍ତିକୁ ସମାପ୍ତ କରି ଶାନ୍ତି ଓ ନିର୍ଭୟତାର ପରିଚୟ ଦେଇଥାନ୍ତି।

## ମହାଗୌରୀ

ଦେବୀ ମାଆ ଦୁର୍ଗାଙ୍କ ଏଷ୍ଟମ ରୂପ ଭାବରେ ଅବସ୍ଥିତ ଓ ପୂଜିତ। ସେ ସଫେଦ ଓ ଶୁଭର ପ୍ରତୀକ ଭାବେ ପରିଚିତ ଓ ନିର୍ମଳତାର ଜୀବନ୍ତ ରୂପ। ସେମାନଙ୍କୁ ଭକ୍ତମାନେ ସମସ୍ତ ଅପବିତ୍ରତାରୁ ମୁକ୍ତ କରି ଶାନ୍ତି, ପବିତ୍ରତା, ଓ ମାଧୁର୍ଯ୍ୟର ଆଶୀର୍ବାଦ ଦେଇଥାନ୍ତି।

## ସ୍ୱରୂପ

ମହାଗୌରୀ ଦେବୀଙ୍କ ଚରିତ୍ର ହେଉଛି ନିର୍ମଳ ଓ ଶୁଭ ସଂପର୍କର ଆକ୍ଷୟ ପ୍ରତୀକ। ତାଙ୍କର ସାଧନା ଓ ପୂଜା କରିଲେ ଭକ୍ତମାନେ ନିର୍ମଳ ମନ, ପବିତ୍ରତା ଓ ଦୂର୍ଭିକ୍ଷ ଅବସ୍ଥାରୁ ମୁକ୍ତି ପାଆନ୍ତି। ଏହି ଦେବୀ ନିଜର ଭକ୍ତଙ୍କ ପାଇଁ ସଫଳତା ଓ ସମୃଦ୍ଧିର ଆଶୀର୍ବାଦ ବ୍ୟକ୍ତ କରିଥାନ୍ତି।

## ଦୃଶ୍ୟମାନ ରୂପ

ମହାଗୌରୀଙ୍କ ଆକୃତି ଶ୍ୱେତବର୍ଣା, ଶୁଭ୍ରବସ୍ତ୍ରା ମା ବୃଷବାହିନୀ ଅଭୟ ମୁଦ୍ରା ରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି ।। ତାଙ୍କର  ମୁଖମଣ୍ଡଳ  କାନ୍ତିମାନ ମାତ ନିଜର ଭକ୍ତଙ୍କ ପାଇଁ ନିଜର ଅନନ୍ତ କୃପା ଓ ଦୟା, କରୁଣା ବର୍ଷା କରେ। ସେ ଚାରି ହାତ ଧାରଣ କରନ୍ତି, ଏବଂ ତାଙ୍କ ର ଦକ୍ଷିଣ ପଟ ଉପର ହସ୍ତରେ ଅଭୟ ମୁଦ୍ରା,ତଳ ହାତରେ ତ୍ରିଶୁଳ, ବାମପଟେ ଉପର ହସ୍ତରେ ଡମ୍ବରୁ ଓତଳ ହସ୍ତରେ ବରମୁଦ୍ରା ରହିଥାଏ। ସେ ଏକ ସଫେଦ ବୃଷାରେ ସାର୍ବଦା ଆସିଥାନ୍ତି ଯାହା ତାଙ୍କର ପବିତ୍ରତାକୁ ପ୍ରତିନିଧିତ୍ୱ କରିଥାଏ।

## ପୂଜା

ନବରାତ୍ରିର ଅଷ୍ଟମ ଦିନରେ ମହାଗୌରୀଙ୍କ ପୂଜା କରାଯାଏ। ଏହାକୁ "ଦୁର୍ଗା ଅଷ୍ଟମୀ" ଭାବେ ମଧ୍ୟ ଜଣାଯାଏ ଏବଂ ଏହି ଦିନରେ ଦେବୀଙ୍କ ଉପାସନା ଭକ୍ତମାନଙ୍କୁ ସଫଳତା ଓ ସମସ୍ତ ଦୁଃଖ ଦୂର କରିବାର ନିଶ୍ଚିତତା ଦେଇଥାଏ। ତାଙ୍କ ପୂଜାରେ ଭକ୍ତମାନେ ସ୍ନାନ, ଧ୍ୟାନ, ଏବଂ ମନସା ପୂଜା ଜରିଆରେ ନିଜର ଆତ୍ମକୁ ପବିତ୍ର କରନ୍ତି।

## ତତ୍ତ୍ୱ

ମହାଗୌରୀ ଦେବୀଙ୍କ ଉପାସନା ଆମକୁ ନିର୍ମଳତା, ପବିତ୍ରତା, ଓ ଶାନ୍ତିର ନିଶ୍ଚିତତା ଦେଇଥାଏ। ସେ ଆମର ଭାବନାରେ ଶାନ୍ତି ଓ ପରିଚ୍ଛନ୍ନତା ନେଇ ଆସି, ଆମକୁ ସଫଳତାର ପଥରେ ଆଗକୁ ବଢ଼ିବାର ପ୍ରେରଣା ଦେଇଥାନ୍ତି

## ସିଦ୍ଧିଦାତ୍ରୀ

ଦେବୀ ଦୁର୍ଗାଙ୍କ ନବମ ରୂପ ଭାବରେ ପରିଚିତ ଓ ପୂଜିତ। ସେ ସାଧନାର ନିଷ୍ଠା, ଦ୍ୟାନ, ଓ ସିଦ୍ଧିର ପ୍ରତୀକ ଭାବେ ଆଗକୁ ଆସନ୍ତି। ସିଦ୍ଧିଦାତ୍ରୀଙ୍କ ପୂଜା ଭକ୍ତମାନଙ୍କୁ ଆଧ୍ୟାତ୍ମିକ ସିଦ୍ଧି ଓ ସମୃଦ୍ଧି ଦେଇଥାଏ।

## ସ୍ୱରୂପ

ସିଦ୍ଧିଦାତ୍ରୀ ଦେବୀ ସାଧନା ଓ ଧ୍ୟାନର ଉତ୍ତମ ଭକ୍ତା, ଯିଏ କି ସିଦ୍ଧି ପ୍ରାପ୍ତିର ଅନନ୍ୟ ଦାତ୍ରୀ। ସେ ଭକ୍ତମାନଙ୍କୁ ସିଦ୍ଧି ପ୍ରଦାନ କରନ୍ତି ଓ ସେମାନଙ୍କର ଆଧ୍ୟାତ୍ମିକ ସେଉଁଥିବା ସମସ୍ତ ଇଚ୍ଛା ସମ୍ପୂର୍ଣ୍ଣ କରନ୍ତି। ଏହି ଦେବୀଙ୍କର ଦୟା ଓ କୃପା ଭକ୍ତମାନଙ୍କର ଲକ୍ଷ୍ୟ ସାଧନାକୁ ସମ୍ପୂର୍ଣ୍ଣ କରିଥାଏ।

## ଦୃଶ୍ୟମାନ ରୂପ

ସିଦ୍ଧିଦାତ୍ରୀ ଦେବୀଙ୍କ ଆକୃତି ସାଧାରଣତଃ ସଫେଦ ବସ୍ତ୍ର ପିନ୍ଧିଥିବା ଓ ସହଜ ସ୍ଥାନରେ ଥିବା ଦେଖାଯାଏ। ସେ ଚାରି ହାତରେ ଶଙ୍ଖ, ଚକ୍ର,ଗଦା ଓ ପଦ୍ମ ଧରିଥାଆନ୍ତି।

## ପୂଜା

ନବରାତ୍ରିର ନବମ ଦିନରେ ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ। ଏହି ଦିନ ଭକ୍ତମାନେ ସିଦ୍ଧି ପାଇଁ ମାନସିକ ଅଧ୍ୟାତ୍ମିକ ପ୍ରୟାସ କରନ୍ତି। ସେମାନେ ସିଦ୍ଧିଦାତ୍ରୀଙ୍କ ଚରିତ୍ର ଓ ଶକ୍ତିର ମଧ୍ୟମରେ ସିଦ୍ଧି ଓ ସମୃଦ୍ଧି ପାଇବା ପ୍ରାର୍ଥନା କରନ୍ତି।

## ତତ୍ତ୍ୱ

ଅଷ୍ଟସିଦ୍ଧି ନବନିଧ୍ୟ ପ୍ରଦାୟିନୀ ମାସିଦ୍ଧିଦାତ୍ରୀ ଦେବୀଙ୍କର ପୂଜା ସାଧନାର ନିଷ୍ଠା ଓ ଶ୍ରଦ୍ଧା ପ୍ରତିକ। ସେ ଆମକୁ ସିଦ୍ଧି ପ୍ରାପ୍ତିର ଯୋଗ୍ୟତା ଏବଂ ଆଧ୍ୟାତ୍ମିକ ସମୃଦ୍ଧିର ନିଶ୍ଚିତତା ଦେଇଥାଏ। ତାଙ୍କ ପୂଜା ଆମକୁ ଶିକ୍ଷା ଓ ଦୂର ଲକ୍ଷ୍ୟ ପାଇଁ ପ୍ରେରଣା ଦେଇଥାଏ।

ଜୟ ମା ଦୂର୍ଗେ ଦୁର୍ଗତି ନାଶିନୀ,ଜୟ ମା ସିଂହ ବାହିନୀ। ଜଗତ ଜନନୀ ମା ତୋର ଜୟ।

*ଲିଳା ମୟୀ ଦାଶ*
*ଧନିଆ ପଡା, କେନ୍ଦ୍ରାପଡ଼ା*
*ମୋନଂ- ୮୯୨୭୨୭୮୦୭୦*